


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-3 ◆BHUBANESWAR ◆FRIDAY ◆27 JUNE 2025 ◆PAGE-14 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୭ ଜୁନ୍ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦




**ACC** ସିମେଣ୍ଟ୍ ତରଫରୁ ପୁରୀ ରଥଯାତ୍ରା ସମୟରେ ଲକ୍ଷ ଲକ୍ଷ ଭକ୍ତମାନଙ୍କର ସୁବିଧା ପାଇଁ ଅନେକ ବିଶେଷ ସେବା ଏବଂ ସୁବିଧା ପ୍ରଦାନ କରାଯାଉଅଛି । ଏହି ପବିତ୍ର ଯାତ୍ରା ପ୍ରତ୍ୟେକ ଭକ୍ତଙ୍କ ପାଇଁ ସୁଖଦାୟକ ଏବଂ ସଫଳ ହେଉ ଏହା ଆମର ଉଦ୍ଦେଶ୍ୟ ।

## ACC ସେବାଗୁଡିକ

- ମୁଖ୍ୟ ସ୍ଥାନଗୁଡିକରେ ପରିଷ୍କାର ଜଳ ର ଷ୍ଟଲ୍
- ପାଣିପାଗକୁ ଆଖି ଆଗରେ ରଖି ବଡ ବଡ ଛତାର ସୁବିଧା
- ଭକ୍ତମାନେ ରହିବା ପାଇଁ ବିଶ୍ରାମ ସ୍ଥଳର ବ୍ୟବସ୍ଥା

# ଦୁଇ ମହିଳା ମାଓବାଦୀ ନିହତ

ମାଲକାନଗିରି,୨୬।୬(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ସୁରକ୍ଷା କର୍ମୀଙ୍କ ଏନ୍‌କାଉଣ୍ଟରରେ ଦୁଇ ମହିଳା ମାଓବାଦୀ ନିହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ମାଓ ଦମନ ନିମନ୍ତେ ସୁରକ୍ଷା ବାହିନୀଙ୍କ ପକ୍ଷରୁ ତଲାସି ଅଭିଯାନ କରାଯାଉଛି। ଅବୁଝମାଡ଼ ଜଙ୍ଗଲ ମଧ୍ୟରେ ବହୁସଂଖ୍ୟକ ମାଓବାଦୀ ଲୁଚି ରହିଥିବା ଖବର ପାଇ ଯବାନମାନେ ଆଜି ସକାଳୁ ତଲାସି ଅଭିଯାନ ଆରମ୍ଭ କରିଥିଲେ। ଏହି ସମୟରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ ନାରାୟଣପୁର ଓ କୋଣ୍ଡାଗାଓଁ ଡିଆରଜି ଓ ଏସ୍‌ଟିଏଫ ଯବାନ ସାମିଲ ଥିଲେ। ଯବାନଙ୍କ ସାମ୍ନା କରି ନପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଯବାନ ଦୁଇଜଣ ମହିଳା ମାଓବାଦୀଙ୍କ ମରଶରୀର ସହ ଦୁଇଟି ବନ୍ଧୁକ, କିଛି ମାଓ ସାମଗ୍ରୀ ଜବତ କରିଥିଲେ। ଅଞ୍ଚଳରେ ବର୍ତ୍ତମାନ ମଧ୍ୟ ତଲାସି ଅଭିଯାନ ଜାରି ରହିଥିବା ଜଣାପଡିଛି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-3 ◆BHUBANESWAR ◆FRIDAY ◆27 JUNE 2025 ◆PAGE-14 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୩ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୭ ଜୁନ୍ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦

## ଗୁଣିଆ ସନ୍ଦେହରେ ଘର ଭାଙ୍ଗିଦେଲେ ଗ୍ରାମବାସୀ



**ଭଦ୍ରକ,୨୬।୬(ସମିସ):** ଗୁଣିଆ ସନ୍ଦେହରେ ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗିଦେଲେ ଗ୍ରାମବାସୀ। ଏଭଳି ଘଟଣା ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ରାଜପୁର ତିହିଡ଼ି ଗାଁରେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଏହି ଘଟଣାକୁ କେନ୍ଦ୍ର କରି ଗାଁରେ ଉତ୍ତେଜନା ଲାଗି ରହିଛି।ସୂଚନାନୁଯାୟୀ, ଦୀର୍ଘ ଦିନ ହେବ ସେହି ଗ୍ରାମର ପ୍ରତାପ ଜେନା ଓରଫ ନେଙ୍ଗୁଡୁ ବିଭିନ୍ନ ଦେବାଦେବୀଙ୍କୁ ପୂଜା କରିବା ସହ ତନ୍ତ୍ର ସାଧନ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ଦୈନନ୍ଦିନ ବିଭିନ୍ନ ସ୍ଥାନରୁ ପ୍ରତାପ ଜେନାଙ୍କ ନିକଟକୁ ବହୁ ଲୋକ ବିଶ୍ୱାସରେ ଆସୁଥିବା ଓ ରୋଗ ବୈରାଗ୍ୟରୁ ଭଲ ହେଉଥିବା ବିଶ୍ୱାସ କରାଯାଉଥିଲା। ମାତ୍ର ଗ୍ରାମରେ ଅନେକ ଲୋକ ଭିନ୍ନଭିନ୍ନ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରୁଥିବା ବେଳେ ସେମାନଙ୍କ ମୃତ୍ୟୁ ପଛରେ ଗୁଣିଆ ପ୍ରତାପଙ୍କ ହାତଥିବା ଗ୍ରାମବାସୀ ସନ୍ଦେହ କରିଥିଲେ। ଏପରିକି, ଗାଁର ଝିଅବୋହୂଙ୍କୁ ଗୁଣିକରି ନଚାଉଥିଲା ନେଙ୍ଗୁଡୁ। ଧରାପଡ଼ିବାରୁ ମାରିଦେବାକୁ ଧମକ ଦେଉଥିଲା। ଗ୍ରାମର ମହିଳାମାନେ ଅସୁସ୍ଥ ହେବା ପଛରେ ଗୁଣିଆ ପ୍ରତାପର ହାତ ଅଛି ବୋଲି ଅନ୍ୟ ଜଣେ ଗୁଣିଆକୁ ଡାକି ତା'ଠାରୁ ଗ୍ରାମବାସୀ ବୁଝିଥିଲେ। ଏହାକୁ ନେଇ ଗତକାଲି ଥାନାରେ ଅଭିଯୋଗ କରିଥିଲେ। ପରେ ପୁଲିସ ଗତକାଲି ପ୍ରତାପ ଜେନାକୁ ହେପାଜତକୁ ନେଇଥିଲା। କିନ୍ତୁ ଆଜି ସକାଳୁ ଗ୍ରାମବାସୀ ପ୍ରତାପଙ୍କ ଦୁଇଟି ଘରକୁ ଭାଙ୍ଗିରୁଜି ଚୂରମାର୍ କରିଛନ୍ତି। ଘଟଣାସ୍ଥଳରେ ଗ୍ରାମାଞ୍ଚଳ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା କହିଛନ୍ତି।

## ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ପିଟିପିଟି ହତ୍ୟା

ସୋର, ୨୬।୬ (ସମିସ): ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ପିଟିପିଟି ହତ୍ୟା। ବାଲେଶ୍ୱର ଜିଲ୍ଲା ସୋର ବ୍ଲକ୍ ଗୋପୀନାଥପୁର ପଞ୍ଚାୟତ ରଘୁନାଥପୁର ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଭଦ୍ରକ ଜିଲ୍ଲା ସାବରଙ୍ଗ ଥାନା ଚକପୁର ଗ୍ରାମର ଭାଗବତ ମଳିକ। ଖବର ପାଇ ସୋର ପୁଲିସ୍ ତଦନ୍ତ ଆରମ୍ଭ କରିଛି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ଭାଗବତଙ୍କ ପରିବାରଲୋକେ ଡାକ୍ତରଖାନାରେ ପହଞ୍ଚିନଥିବା ବେଳେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ୩ ଦିନ ତଳେ ରଘୁନାଥପୁର ଗ୍ରାମର ଶ୍ୟାମସୁନ୍ଦର ମଳିକଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଜ୍ୱାଇଁ ଭାଗବତ ଶ୍ୱଶୁର ଘରକୁ ଆସିଥିଲେ। ଗତ ରାତିରେ କୌଣସି କାରଣରୁ ଶ୍ୟାମସୁନ୍ଦରଙ୍କ ପୁତୁରା ରାଜା ସହ ଭାଗବତଙ୍କ ଝଗଡ଼ା ହୋଇଥିଲା। ପରେ ରାଜା ଓ ତାଙ୍କର ତିନିଜଣ ସହଯୋଗୀ ଭାଗବତଙ୍କୁ ମାଡ଼ ମାରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ତେବେ କୌଶଳକ୍ରମେ ଭାଗବତ ସେଠାରୁ ଖସି ପଳାଇ ଆସି ରାତି ସାରା ନଟାପଡ଼ା ନିକଟ ଏକ ମନ୍ଦିର ବାରଣ୍ଡାରେ ଗୁରୁତର ଅବସ୍ଥାରେ ପଡ଼ି ରହିଥିଲେ। ଆଜି ସକାଳେ ସ୍ଥାନୀୟ ଲୋକେ ତାଙ୍କୁ କ୍ଷତବିକ୍ଷତ ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ସୋର ଡାକ୍ତରଖାନାକୁ ନେବା ସହ ପୁଲିସକୁ ଖବର ଦେଇଥିଲେ। ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବାକି ଟଙ୍କା ମାଗିବାରୁ ହତ୍ୟା

ଖଇରା, ୨୬।୬(ସମିସ): ବାକି ଟଙ୍କାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ବାଲେଶ୍ୱର ଜିଲ୍ଲା, ଖଇରା ବଜାରଠାରୁ ଅନତି ଦୂରରେ ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଜୟକୃଷ୍ଣ ସାହୁ (୫୧)। ତାଙ୍କ ଘର ଖଇରା ବଜାର ସଂଲଗ୍ନ ପୁରୁଷୋତ୍ତମପୁର ଗ୍ରାମରେ। ଏହି ଘଟଣାରେ ଖଇରା ପୁଲିସ ବଣପାରିଆ ଗ୍ରାମର ବସନ୍ତ ବେହେରା ଓ ଅନ୍ୟ ଜଣେ ସହଯୋଗୀଙ୍କ ନାମରେ ଏକ ମାମଲା ରୁଜୁ କରି ଦୁହିଁଙ୍କୁ ଅଟକ ରଖିଛି। ପୁରୁଣା ବାକି ୪୦ ହଜାର ଟଙ୍କା ମାଗିବାକୁ ନେଇ ଜୟକୃଷ୍ଣଙ୍କୁ ହତ୍ୟା କରାଯାଇଥିବା ପତ୍ନୀ ସଞ୍ଜୁରାଣୀ ଖଇରା ଥାନାରେ ଅଭିଯୋଗ କରିଛନ୍ତି। ବସନ୍ତଙ୍କ ଖଇରା ହାଇସ୍କୁଲ ନିକଟରେ ଏକ ପାନଦୋକାନ ଥିବା ବେଳେ ଏହି ଦୋକାନଠାରୁ କିଛି ଦୂରତାରେ ବସନ୍ତ, ଜୟକୃଷ୍ଣ ଓ ଅନ୍ୟ କିଛି ସହଯୋଗୀ ଭୋଜିର ଆୟୋଜନ କରିଥିଲେ। ଭୋଜି ପରେ ଗଣ୍ଡଗୋଳ ମାରପିଟ୍ ଯୋଗୁଁ ଜୟକୃଷ୍ଣ ଗୁରୁତର ହୋଇପଡ଼ିଥିଲେ। ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ଜେଏସ୍‌ଡବ୍ଲୁ ନିବେଶ କରିବ ୨,୧୦୦ କୋଟି ଟଙ୍କା

# ଜଟାଧାର ମୁହାଣରେ ନିର୍ମାଣ ହେବ ଜେଟି

**ଭୁବନେଶ୍ୱର,୨୬।୬(ସମିସ):** ଜଟାଧାର ମୁହାଣରେ କ୍ୟାପ୍‌ଟିଭ୍ ଜେଟି ନିର୍ମାଣ ଏବଂ ଗୋପାଳପୁର ବନ୍ଦର ଉନ୍ନତୀକରଣ ପାଇଁ ଗୁରବାର ରାଜ୍ୟ ସରକାର ଦୁଇଟି ରିଆତି ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଜଗତସିଂହପୁର ଜିଲ୍ଲା ଏରସମା ତହସିଲ ଜଟାଧାର ମୁହାଣରେ କ୍ୟାପ୍‌ଟିଭ୍ ଜେଟି ନିର୍ମାଣ ପାଇଁ ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ସହିତ ରାଜ୍ୟ ସରକାରଙ୍କ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ୫୨ ମିଲିଅନ ମେଟ୍ରିକ ଟନ୍ ପଣ୍ୟ ପରିବହନ କ୍ଷମତା ବିଶିଷ୍ଟ ଏହି ଜେଟି ସ୍ଥାପନ ପାଇଁ ପ୍ରାରମ୍ଭିକ ସ୍ତରରେ ୨,୧୦୦ କୋଟି ଟଙ୍କା ନିବେଶ କରାଯିବ ଏବଂ ଏହା ମାଧ୍ୟମରେ ୩,୪୫୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ସେହିଭଳି ୧୬,୫୫୪ କୋଟି ଟଙ୍କା ନିବେଶରେ ଗୋପାଳପୁର ବନ୍ଦରର ସଂପ୍ରସାରଣ ଓ ଉନ୍ନତୀକରଣ ପାଇଁ ଗୋପାଳପୁର ପୋର୍ଟ୍ସ ଲିମିଟେଡ୍ ଏବଂ ଓଡିଶା ସରକାରଙ୍କ ମଧ୍ୟରେ ରିହାତି ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହି ଉନ୍ନତୀକରଣ କାର୍ଯ୍ୟ ପରେ ବନ୍ଦରର ପଣ୍ୟ ପରିବହନ କ୍ଷମତା ୫୦ ମିଲିଅନ ମେଟ୍ରିକ ଟନ ହେବ। ରାଜ୍ୟରେ ବିଭିନ୍ନ ସ୍ଥାନରେ ବନ୍ଦର, ଜେଟି ଓ ଅନ୍ୟାନ୍ୟ ଭିତ୍ତିଭୂମି ସ୍ଥାପନ କରି ଓଡ଼ିଶାରେ ସାମୁଦ୍ରିକ ବାଣିଜ୍ୟର ବିକାଶ ଉପରେ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।



ଆଜି ଲୋକସେବା ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ ଲିମିଟେଡ୍‌ର ଅଧ୍ୟକ୍ଷ ଅନିଲ କୁମାର ସିଂ ଏବଂ ଗୋପାଳପୁର ପୋର୍ଟ୍ସ ଲିମିଟେଡ୍‌ର ବିଜିନେସ ହେଡ ସନ୍ଦିପ ଜୟସ୍ୱାଲ ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ବନ୍ଦର ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ସାମୁଦ୍ରିକ ବାଣିଜ୍ୟର ବିକାଶ ପାଇଁ ବିଭିନ୍ନ ଘରୋଇ କମ୍ପାନୀ ସହିତ ସହଭାଗୀତା ଭିତ୍ତିରେ କାର୍ଯ୍ୟ କରାଯିବାର ଲକ୍ଷ୍ୟ ରଖାଯାଇଛି। ଆଗାମୀ ଦିନରେ ଇଞ୍ଚୁଡି ଓ ବାହୁଡାଠାରେ ଦୁଇଟି ନୂଆ ବନ୍ଦର ପ୍ରତିଷ୍ଠାର ଲକ୍ଷ୍ୟ ରଖାଯାଇଥିବା ବେଳେ ସୁବର୍ଣ୍ଣରେଖା ଓ ଅସ୍ତରଙ୍ଗ ବନ୍ଦରର ବିକାଶ ପାଇଁ ମଧ୍ୟ ଯୋଜନା ରହିଛି। ଗୋପାଳପୁର ବନ୍ଦର ଲିମିଟେଡ୍ ଏବଂ ଜେଏସ୍‌ଡବ୍ଲୁ ଷ୍ଟିଲର ଉଭୟ ବନ୍ଦର ବିକାଶ ଓ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ସମଗ୍ର ବିଶ୍ୱରେ ଖ୍ୟାତି ରହିଛି। ଏହି ଦୁଇଟି କମ୍ପାନୀ ଆମର ବନ୍ଦର ଭିତ୍ତିକ ବିକାଶ କ୍ଷେତ୍ରରେ ଏକ ନୂଆ ଯୁଗ ସୃଷ୍ଟି କରିବେ ଏବଂ ଏହି ଦୁଇଟି ପ୍ରକଳ୍ପ ମାଧ୍ୟମରେ ରାଜ୍ୟରେ ୮,୪୫୦ ନିଯୁକ୍ତି ସୃଷ୍ଟି ହେବ। ଏହି କାର୍ଯ୍ୟକ୍ରମରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

- ■ ଗୋପାଳପୁର ବନ୍ଦର ହେବ ଉନ୍ନତିକରଣ
- ■ ପଣ୍ୟ ପରିବହନ କ୍ଷମତା ୫୦ ମିଲିଅନ ଟନକୁ ପାଇବ ବୃଦ୍ଧି
- ■ ଜଟାଧାର ମୁହାଣରେ ଜେଟି ନିର୍ମାଣ ପାଇଁ ରିହାତି ଚୁକ୍ତିନାମା
- ■ ଦୁଇଟି ପ୍ରକଳ୍ପ ଦ୍ୱାରା ୮,୪୫୦ ନିଯୁକ୍ତି ସୃଷ୍ଟି

## ଲଘୁଚାପ ପ୍ରଭାବରେ ବର୍ଷା

**ଭୁବନେଶ୍ୱର,୨୬।୬(ସମିସ):** ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଉପକୂଳ ଓଡିଶା ଓ ପଶ୍ଚିମବଙ୍ଗ ଅଞ୍ଚଳରେ ଏହି ଲଘୁଚାପ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଲଘୁଚାପ ପ୍ରଭାବରେ ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଅନୁଭୂତ ହୋଇଛି। ବଲାଙ୍ଗିରର ପାଟଣାଗଡ଼ରେ ସର୍ବାଧିକ ୧୭୧ ମିମି ବର୍ଷା ହୋଇଥିବା ବେଳେ କୋରାପୁଟର କୋଟପାଡ଼ରେ ୧୪୯, ନବରଙ୍ଗପୁର ପାପଡ଼ାହାଣ୍ଡିରେ ୧୨୦ ମିମି, କଟକର ନର୍ସିଂପୁର ୧୧୬, ନୟାଗଡ଼ରେ ୧୧୪ ମିମି ବର୍ଷା ରେକର୍ଡ ହୋଇଛି। ଏହା ବ୍ୟତୀତ କଟକରେ ୫୭, ଭୁବନେଶ୍ୱର ୫୪, ବାଲେଶ୍ୱର ୪୫, ବୌଦ୍ଧରେ ୯୫ ମିମି ବର୍ଷା ରେକର୍ଡ ହୋଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଉତ୍ତର, ଉତ୍ତର-ପଶ୍ଚିମ ଦେଇ ଉତ୍ତର ଓଡ଼ିଶା ଓ ପାଶ୍ୱର୍ବର୍ତ୍ତୀ ଗାଙ୍ଗେଟିକ ପଶ୍ଚିମବଙ୍ଗ, ଛତିଶଗଡ଼ ଓ ଝାରଖଣ୍ଡ ଦେଇ ଏହି ଲଘୁଚାପ ଗତି କରିବ। ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶାର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଶୁକ୍ରବାର ରଥଯାତ୍ରାରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଝାରସୁଗୁଡା ଆଦି ୪ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ ,ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତି ଏହି ସବୁ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ବିଜୁଳି ଘଡ଼ଘଡ଼ି ହେବା ନେଇ ୟେଲୋ ଆଲର୍ଟ ଜାରି ହୋଇଛି। ଆସନ୍ତା ୩ ଜୁଲାଇ ଯାଏଁ ରାଜ୍ୟରେ ମୌସୁମୀ ସକ୍ରିୟ ରହିବା ସମ୍ଭାବନା ରହିଥିବା ବେଳେ ଏହାର ମାତ୍ରାଧିକ ପ୍ରଭାବ ଉତ୍ତର ଉପକୂଳ ଓ ଉତ୍ତର ପଶ୍ଚିମ ଓଡ଼ିଶାରେ ରହିବ। ଏହା ପ୍ରଭାବରେ ଆଗାମୀ ୨୯ରୁ ୨ ଜୁଲାଇ ଭିତରେ ବର୍ଷାର ପରିମାଣରେ ବୃଦ୍ଧି ପାଇବ। ଏହି ସମୟରେ ଅନେକ ସ୍ଥାନରେ (ଭାରି ରୁ ଅତି ଭାରି ବର୍ଷା) ହେବାର ସମ୍ଭାବନା ରହିଛି।

## ଇଣ୍ଡିଆ ଟୁଡେ ସର୍ଭେ
## ଭୁବନେଶ୍ୱର ଏମ୍‌ସ ଦେଶର ଦ୍ୱିତୀୟ ଶ୍ରେଷ୍ଠ ଉଦୀୟମାନ ମେଡିକାଲ କଲେଜ



**ଭୁବନେଶ୍ୱର,୨୬।୬(ସମିସ):** ଇଣ୍ଡିଆ ଟୁଡେ-ଏମ୍‌ଡିଆର୍‌ଏ ମେଡିକାଲ କଲେଜ ସର୍ଭେ ୨୦୨୫ରେ ସମଗ୍ର ଦେଶରେ ଭୁବନେଶ୍ୱର ଏମ୍‌ସ ଦ୍ୱାଦଶ ଶ୍ରେଷ୍ଠ ମେଡିକାଲ କଲେଜ ଭାବେ ସ୍ଥାନ ପାଇଛି। ଏଥିସହ ଏହି ପ୍ରତିଷ୍ଠାନ ଦେଶର ଶ୍ରେଷ୍ଠ ୧୦ ଉଦୀୟମାନ ମେଡିକାଲ କଲେଜବର୍ଗରେ ମଧ୍ୟ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏହି ମାଇଲଖୁଣ୍ଟ ଶିକ୍ଷାଗତ ଉତ୍କର୍ଷ, ଅତ୍ୟାଧୁନିକ ଗବେଷଣା ଏବଂ ସମର୍ପିତ ରୋଗୀ ସେବା ପ୍ରତି ଏମ୍‌ସ ଭୁବନେଶ୍ୱରର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। 'ଇନଟେକ୍ କ୍ୱାଲିଟି ଆଣ୍ଡ ଗଭର୍ନାନ୍ସ', 'ଏକାଡେମିକ୍ ଉତ୍କର୍ଷ', 'ଭିତ୍ତିଭୂମି ଏବଂ ଅଭିଜ୍ଞତା', 'ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ବିକାଶ', 'ବୃତ୍ତିଗତ ଉନ୍ନତି ଏବଂ ପ୍ଲେସ୍‌ମେଣ୍ଟ ଆଦି ଭଳି ପାଞ୍ଚଟି ବ୍ୟାପକ ମାନଦଣ୍ଡକୁ ନେଇ ସାରା ଦେଶରେ ଥିବା ମେଡିକାଲ କଲେଜଗୁଡ଼ିକୁ ନେଇ ଏହି ସର୍ଭେ କରାଯାଇଥିଲା। ଇଣ୍ଡିଆ ଟୁଡେ ପକ୍ଷରୁ ଏହି ସମ୍ମାନଜନକ ସର୍ଭେ ଖ୍ୟାତନାମା ଅନୁସନ୍ଧାନ ଏଜେନ୍ସି ମାର୍କେଟିଂ ଆଣ୍ଡ ଡେଭଲପମେଣ୍ଟ ରିସର୍ଚ୍ଚ ଆସୋସିଏଟ୍ସ (ଏମଡିଆରଏ) ସହିତ ମିଳିତ ଭାବେ କରାଯାଇଥିଲା।

ଏହି ଅବସରରେ ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏହି ଉପଲବ୍ଧି ଆମର ନିରନ୍ତର ପ୍ରୟାସର ପ୍ରତିଫଳନ। ଭୁବନେଶ୍ୱର ଏମ୍‌ସ ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ବିଜ୍ଞାନରେ ବିଶ୍ୱାସ, ନବସୃଜନ ଏବଂ ଅଖଣ୍ଡତାର ପ୍ରତୀକ ଭାବେ ଉଭା ହୋଇଛି। ଡ. ବିଶ୍ୱାସ ଏଭଳି ସଫଳତାରେ ଖୁସିବ୍ୟକ୍ତ କରିବା ସହ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଡିନ୍ (ପରୀକ୍ଷା) ଡ. ସୌଭାଗ୍ୟ କୁମାର ଜେନା, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଞ୍ଜନ ସିଂହ, ଡ. ଗୌରବ ଛାବ୍ରା, ଡ. ପଙ୍କଜ କୁମାର, ଡ. ଦେବପ୍ରିୟ ବନ୍ଦୋପାଧ୍ୟାୟ, ଡ. ସିପ୍ରା ରାଉତ ଏବଂ ଡ. ମାଙ୍ଗାନି ମଙ୍ଗଳାବଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

DADLS-36



ପବିତ୍ର ରଥଯାତ୍ରା ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ
ବାର୍ତ୍ତା



ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା–୨୦୨୫ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବ ଜାତିର ଉତ୍‌ଥାନର ମାର୍ଗ । ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବ ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି ।

(ହରି ବାବୁ କମ୍ଭମ୍‌ପାଟି)





ପବିତ୍ର ରଥଯାତ୍ରା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ରଥଯାତ୍ରା ଆମ ସମସ୍ତଙ୍କ ପାଇଁ ଅସୀମ ଭକ୍ତି ଓ ଭାବାବେଗର ଉତ୍ସବ । ମହାପ୍ରଭୁଙ୍କ ଆଶୀର୍ବାଦରେ ରାଜ୍ୟର ବିକାଶ ସହିତ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଉଠୁ, ଏହା ହିଁ ମୋର କାମନା ।

ଜୟ ଜଗନ୍ନାଥ ...

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0819/2526

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-3 ◆BHUBANESWAR ◆FRIDAY ◆27 JUNE 2025 ◆PAGE-14 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୩ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୭ ଜୁନ୍ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦




## ମହାପ୍ରଭୁଙ୍କ ନବଯୌବନ ଦର୍ଶନ କଲେ ଭକ୍ତ

■ **ପୁରୀ, ୨୬।୬ (ସମିସ):** ପନ୍ଦର ଦିନ ଅଣସରରେ ରହିବା ପରେ ଗୁରୁବାର ନବଯୌବନ ରୂପରେ ଦର୍ଶନ ଦେଇଛନ୍ତି ଚତୁର୍ଦ୍ଧାବିଗ୍ରହ।

**ଅନୁକୂଳ ପାଗ; ସଅଳ ହେଲା ନୀତିକାନ୍ତି**

**ଶୀଘ୍ର ସରିଲା ପରମାଣିକ ଦର୍ଶନ**

ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ନବଯୌବନ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ନୀତିକାନ୍ତି ସଅଳ ସାଙ୍ଗକୁ ଅନୁକୂଳ ପାଗ ଯୋଗୁଁ ଶ୍ରୀମନ୍ଦିରରେ ଭକ୍ତଙ୍କ ବେଶ୍ ଭିଡ଼ ହୋଇଥିଲା। ଶୁକ୍ରବାର ରଥରେ ବସି ଚତୁର୍ଦ୍ଧାବିଗ୍ରହ ଜନ୍ମବେଦୀକୁ ନବଦିନାତ୍ମକ ଯାତ୍ରା କରିବେ। ଭୋର୍ ୫ଟା ୩୦ରେ ଦାରୁବିଗ୍ରହଙ୍କ ବନକଲାଗି ଶେଷ ହୋଇଥିଲା। ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ଏହାପରେ ନେତ୍ରୋତ୍ସବ ନୀତି ଆରମ୍ଭ ହୋଇଥିଲା। ଭୋର୍ ୫ଟା ▶ପୃଷ୍ଠା-୭

**ଆଜି ଶ୍ରୀଗୁଣ୍ଡିଚା ଯାତ୍ରା**

# ସିଂହଦ୍ୱାରରେ ତିନିରଥ, ମହାବାହୁଙ୍କୁ ଅପେକ୍ଷା

## ସକାଳ ସାଢ଼େ ୯ରେ ପହଣ୍ଡି

## ଅପରାହ୍ଣ ୪ଟାରେ ରଥଟଣା

## ସହରକୁ ଜଗିବେ ୨୦୫ ପ୍ଲାଟୁନ୍ ଫୋର୍ସ

## ପୁରୀ ଉପରେ ନଜର ରଖିଛି ୨୭୫ ଏଆଇ କ୍ୟାମେରା



■ **ପୁରୀ, ୨୬।୬ (ସମିସ):** ଶ୍ରୀମନ୍ଦିର ସିଂହଦ୍ୱାରରେ ପ୍ରସ୍ତୁତ ତିନିରଥ। ରଥାରୂଢ଼ ଠାକୁରଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ଲାଗିଛି ଭକ୍ତଙ୍କ ଭିଡ଼। ରଥ, ପଥ, ଭକ୍ତ ସଭିଏଁ ପ୍ରସ୍ତୁତ। ସମସ୍ତଙ୍କର ଅପେକ୍ଷା କେତେବେଳେ ନୀଳକନ୍ଦରରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସିବେ ନୀଳାଦ୍ରିନାଥ। ରଥରେ ବସି ଯିବେ ଆଡ଼ପମଣ୍ଡପ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ପାଇବେ ବିଶ୍ୱନିୟନ୍ତାଙ୍କ ଦୁର୍ଲଭ ଦର୍ଶନ। ସେହି ଦିବ୍ୟ ମୁହୂର୍ତ୍ତକୁ ଚାହିଁ ରହିଛନ୍ତି ଭକ୍ତଜନ।

ଦାରୁବ୍ରହ୍ମଙ୍କ ସ୍ପର୍ଶରେ ରଥ, ପଥ ହେବ ବ୍ରହ୍ମମୟ। ସଭିଏଁ ହେବେ ଏକାକାର। ଭକ୍ତଙ୍କ ଏହି ଆବେଗିକ ମୁହୂର୍ତ୍ତର ସାକ୍ଷୀ ପାଇଁ ପାଗ ବି ରହିଛି ବେଶ୍ ଅନୁକୂଳ। କୋଳାହଳରେ ଫାଟିପଡୁଛି ବଡ଼ଦାଣ୍ଡ। ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ସରକାର, ଜିଲ୍ଲା ପ୍ରଶାସନ, ପୁଲିସ୍ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ପବିତ୍ର ଆଷାଢ଼ ଶୁକ୍ଲ ଦ୍ୱିତୀୟାରେ ରଥାରୂଢ଼ ହୋଇ ଚତୁର୍ଦ୍ଧାବିଗ୍ରହ ଯିବେ ଗୁଣ୍ଡିଚା ମନ୍ଦିର। ଅଣସର ପରେ ନବଦିନାତ୍ମକ ଯାତ୍ରାରେ ଯିବା ପାଇଁ ପ୍ରସ୍ତୁତ ହେଉଛନ୍ତି ମହାବାହୁ। ଆଉ ଦାରୁଦିଅଁଙ୍କ ଆଗମନକୁ ସିଂହଦ୍ୱାରରେ ଅପେକ୍ଷା କରିରହିଛନ୍ତି ତିନି ରଥ। ଶୁକ୍ରବାର ସକାଳ ସାଢ଼େ ୯ଟାରେ ଚତୁର୍ଦ୍ଧା ବିଗ୍ରହଙ୍କ ପହଣ୍ଡି ଆରମ୍ଭ ହୋଇ ଅପରାହ୍ଣ ୪ଟାରେ ରଥ ଟାଣିବା ଲାଗି ନୀତି ନିର୍ଘଣ୍ଟ କରାଯାଇଛି।

ଗୁରୁବାର ସକାଳ ୬ଟା ୨୦ରେ ମଙ୍ଗଳ ଆଳତି, ୭ଟାରେ ଅବକାଶ ପୂଜା ସରି ୭ଟା ୫ରେ ପଟିଦିଅଁ ବାହୁଡ଼ା ବିଜେ କରିଥିଲେ। ୭ଟା ୨୫ରେ ତାଟିଫିଟିବା ପରେ ନିର୍ଦ୍ଧାରିତ ସମୟର ୨୦ ମିନିଟ୍ ପୂର୍ବରୁ ଅର୍ଥାତ୍ ୭ଟା ୪୦ରେ ପରିମାଣିକ ଦର୍ଶନ ଆରମ୍ଭ ହୋଇଥିଲା। ଯେହେତୁ କମ୍ ସଂଖ୍ୟକ ଭକ୍ତ ପରିମାଣିକ ଦର୍ଶନ ଟିକଟ୍ କରିଥିଲେ, ତେଣୁ ୨୦ ମିନିଟ୍ ଅର୍ଥାତ୍ ସକାଳ ୮ଟାରେ ପରିମାଣିକ ଦର୍ଶନ ସରିଥିଲା। ଏହାପରେ ସର୍ବସାଧାରଣ ଦର୍ଶନ ବା ସାହାଣମେଲା ଦର୍ଶନ ଆରମ୍ଭ ହୋଇ ପୂର୍ବାହ୍ଣ ୧୦ଟା ୩୫ ପର୍ଯ୍ୟନ୍ତ ଚାଲିଥିଲା। ଏହାପରେ ଦର୍ଶନ ବନ୍ଦ କରାଯାଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଅପରାହ୍ଣ ୪ଟା ୫ରେ ସକାଳ ଧୂପ ଶେଷ ହେବା ପରେ ୪ଟା ୪୦ରେ ମହାପ୍ରଭୁଙ୍କ ଆଜ୍ଞାମାଳ ବିଜେ ▶ପୃଷ୍ଠା-୭

# ନବୀନଙ୍କ ଆଶୁ ଆରୋଗ୍ୟ କାମନା କଲେ ପ୍ରଧାନମନ୍ତ୍ରୀ

**ଫୋନରେ କଥା ହୋଇ ସ୍ୱାସ୍ଥ୍ୟ ସମ୍ପର୍କରେ ବୁଝିଲେ**



■ **ମୁମ୍ବାଇ,୨୬।୬(ସମିସ):** ମୁମ୍ବାଇର କୋକିଳାବେନ୍ ହସ୍‌ପିଟାଲରେ ଚିକିତ୍ସାଧୀନ ବିଜେଡି ସୁପ୍ରିମୋ ତଥା ଓଡ଼ିଶା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ସୁସ୍ୱାସ୍ଥ୍ୟ କାମନା କରିଛନ୍ତି

**ନବୀନଙ୍କ ଯତ୍ନ ନେବାକୁ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ପରାମର୍ଶ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଫୋନ୍ ଯୋଗେ ପ୍ରଧାନମନ୍ତ୍ରୀ ନବୀନଙ୍କ ସହ ଦୀର୍ଘ ସମୟ କଥା ହୋଇ ତାଙ୍କର ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ଅବସରରେ ଖୁବ୍ ଶୀଘ୍ର ନବୀନ ଆରୋଗ୍ୟଲାଭ କରିବେ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏହା ସହ ଚିକିତ୍ସା କରୁଥିବା ବିଶେଷଜ୍ଞ ଡାକ୍ତରମାନଙ୍କ ସହ ମଧ୍ୟ ପ୍ରଧାନମନ୍ତ୍ରୀ କଥା ହୋଇଛନ୍ତି। ଏହି ଅବସରରେ ସେ ନବୀନଙ୍କ ଅସ୍ତ୍ରୋପଚାର ସମ୍ପର୍କରେ ପଚାରି ବୁଝିଛନ୍ତି ଓ ତାଙ୍କର ▶ପୃଷ୍ଠା-୭

## ନବୀନଙ୍କ ସହ କଥା ହେଲେ ଖଡ଼୍‌ଗେ ଓ ଧର୍ମେନ୍ଦ୍ର



■ **ମୁମ୍ବାଇ,୨୬।୬(ସମିସ):**ମୁମ୍ବାଇରେ ଚିକିତ୍ସାଧୀନ ନବୀନଙ୍କ ଦ୍ରୁତ ଓ ସମ୍ପୂର୍ଣ୍ଣ ଆରୋଗ୍ୟ ନିମନ୍ତେ ଦେଶର ବହୁ ନେତା କାମନା କରିଛନ୍ତି। ଏହି କ୍ରମରେ ନବୀନଙ୍କ ସହ କଥା ହୋଇ ତାଙ୍କର ସୁସ୍ୱାସ୍ଥ୍ୟ କାମନା କରିଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼୍‌ଗେ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନବୀନଙ୍କ ସଫଳ ଅସ୍ତ୍ରୋପଚାର ନିମନ୍ତେ ଶ୍ରୀ ଖଡ଼୍‌ଗେ ଫୋନ୍ କରି ଶୁଭକାମନା ▶ପୃଷ୍ଠା-୭







### ନିଶା ନିବାରଣ ଓ ଅବୈଧ କାରବାର ନିଷେଧ ଦିବସ

# ନିଶାଦ୍ରବ୍ୟ ସେବନ ପରିବାର, ସମାଜ ପାଇଁ ଅହିତକର

ଯାଜପୁର, ୨୬।୬(ସମିସ)




ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଓ ଅବକାରୀ ବିଭାଗ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ନିଶା ନିବାରଣ ଓ ଅବୈଧ କାରବାର ନିଷେଧ ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ କହିଲେ ନିଶାଦ୍ରବ୍ୟ ସେବନ ବ୍ୟକ୍ତି, ପରିବାର, ସମାଜ ଓ ରାଷ୍ଟ୍ର ପାଇଁ ଅହିତକର ଅଟେ।

ଏହି ବୈଠକରେ ସମ୍ମାନିତ ଅତିଥି ଭାବେ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ରମେଶ ମଲ୍ଲିକ, ଅବକାରୀ ଅଧିକ୍ଷକ ଦିବ୍ୟକିଶୋର ଟଣ୍ଡେଲ, ବ୍ରହ୍ମକୁମାରୀ ଅଧ୍ୟକ୍ଷା ବିକେ ଲକ୍ଷ୍ମୀ ପ୍ରମୁଖ ଯୋଗଦେଇ ସଚେତନତା କରାଇଥିଲେ। ଏହି ଅବସରରେ ଜିଲ୍ଲା ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ନିଶା ନିବାରଣ ଉପରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଏହି ଅବସରରେ ଆୟୋଜିତ ବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଦିବସରେ ଅଧ୍ୟକ୍ଷତା କରି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ମତ ଦେଇଥିଲେ। ସକାଳେ ସ୍ଥାନୀୟ ରାମମନ୍ଦିର ନିକଟରୁ ଏକ ସଚେତନତା ଶୋଭାଯାତ୍ରା ଗୌତମ ବୁଦ୍ଧ ସଂସ୍କୃତି ଭବନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଡେପୁଟି ସୁପରିନଟେଣ୍ଡେଣ୍ଟ ଅବକାରୀ ବିଭାଗ ଅନିତା ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା

ଯାଜପୁର/ଦଶରଥପୁର, ୨୬।୬ (ସମିସ): ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ନରସିଂହ ଚୌଧୁରୀ ମହାବିଦ୍ୟାଳୟ ପରିସରରେ ମାଦକ ଦ୍ରବ୍ୟ ସେବନ ନିରୋଧି ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣର ସଚିବ ଲିପା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରଞ୍ଜନ କୁମାର ବେହେରା, ସାମାଜିକ କାର୍ଯ୍ୟକର୍ତ୍ତା ତଥା ପ୍ରାଧିକରଣର ପ୍ରାକ୍ତନ ସଦସ୍ୟ ଡ. ରୁଦ୍ରନାରାୟଣ ପୃଷ୍ଟି ଅତିଥି ଆଲୋଚକ ଭାବେ ଯୋଗ ଦେଇଥିଲେ। ନାଲସା ଦ୍ୱାରା ପ୍ରସ୍ତୁତ ଆଜିର ବିଷୟ ଭିତ୍ତିକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ଅଧ୍ୟାପକ ଡ. ବିନୋଦ କୁମାର ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ.ମନ୍ମଥ କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଦଶରଥପୁର ବ୍ଲକ ଅନ୍ତର୍ଗତ ବିରୁହାଁ ଗ୍ରାମ ପଞ୍ଚାୟତ ସଭାଗୃହ ପରିସରରେ ପ୍ରାଧିକରଣ ସଚିବ ଲିପା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା




ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଆଲୋଚକ ଭାବେ ଶରତ କୁମାର ଦେହୁରୀ, ଆଡହକ ଏଡିଜେ ଏଫ୍‌ଟିଏସି ଯାଜପୁର, ଦଶରଥପୁର ଏବିଡିଓ ତ୍ରିଲୋଚନ ସେଠୀ, ସାମାଜିକ କାର୍ଯ୍ୟକର୍ତ୍ତା ତଥା ପ୍ରାକ୍ତନ ପ୍ରାଧିକରଣ ସଦସ୍ୟ ଡ. ରୁଦ୍ରନାରାୟଣ ପୃଷ୍ଟି, ଜେଜେବି ସଦସ୍ୟା ରୀତା ବେହେରା ପ୍ରମୁଖ ଯୋଗଦେଇଥିଲେ। ପୋକସୋ ଜଜ ଅଭିଜିତ ପଲେଇ ଆଭାସୀ ଯୋଗେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସ୍ଥାନୀୟ ସରଞ୍ଚ ସୁବାସ ଚନ୍ଦ୍ର ଦେବତା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣର କର୍ମଚାରୀ ଓ ପଞ୍ଚାୟତର ନାଏବ ସରପଞ୍ଚ, ୱାର୍ଡମେମ୍ବର, କାର୍ଯ୍ୟନିର୍ବାହୀ ଅଧିକାରୀ ବୃନ୍ଦ ସହଯୋଗ କରିଥିଲେ।

# ଚତୁର୍ଦ୍ଧା ମୂର୍ତ୍ତିଙ୍କ ନବଯୌବନ ଦର୍ଶନ



ସୁକିନ୍ଦା, ୨୬।୬(ସମିସ): ପବିତ୍ର ନେତ୍ର ଉତ୍ସବ ଅବସରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ କରିବାର ସୁଯୋଗ ପାଇଛନ୍ତି ଶହଶହ ଭକ୍ତ। ଗତ ୧୧ତାରିଖ ସ୍ନାନପୂର୍ଣ୍ଣିମା ରାତିରୁ ପ୍ରଭୁ ଅଣସରରେ ଥିଲେ। ଦୀର୍ଘ ୧୫ଦିନ ପରେ ଆଜି ନେତ୍ର ଉତ୍ସବ ଅବସରରେ ପ୍ରଭୁଙ୍କ ନବଯୌବନ ଦର୍ଶନ ପାଇଁ ଜନସମାଗମ ଦେଖିବାକୁ ମିଳିଛି। ଆସନ୍ତାକାଲି ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା। ସୁକିନ୍ଦା ମନ୍ଦିର ସରକାରଙ୍କ ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ। ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ କାର୍ଯ୍ୟର ପ୍ରସ୍ତୁତି ଆରମ୍ଭ ହୋଇଛି। ଦେବୋତ୍ତର ମୁଖ୍ୟ ତଥା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ନିଜେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଛନ୍ତି।

# ଧର୍ମଶାଳାରେ ୫୦୧ ଛାତ୍ରଛାତ୍ରୀ ନାମ ଲେଖାଇଲେ

ଧର୍ମଶାଳା, ୨୬।୬(ସମିସ): ଧର୍ମଶାଳା ବ୍ଲକ ଅଧୀନସ୍ଥ ବିଭିନ୍ନ କଲେଜର ଯୁକ୍ତ ୩ରେ ୨ୟ ପର୍ଯ୍ୟାୟ ନାମଲେଖା ଇତି ମଧ୍ୟରେ ଶେଷ ହୋଇଛି। ଧର୍ମଶାଳା ବ୍ଲକର ୫ଗୋଟି ଡିଗ୍ରୀ କଲେଜର ୨ୟ ପର୍ଯ୍ୟାୟ ଶେଷ ସୁଦ୍ଧା ସର୍ବମୋଟ ୫୦୧ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ସୂଚନା ମିଳିଛି। ଏହି ପର୍ଯ୍ୟାୟରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ସମୁଦାୟ ୨୭୫ ଜଣକୁ ସୂଚନା ଦିଆଯାଇଥିଲା। ସେଥିମଧ୍ୟରୁ ୧୭୨ ଜଣ ଛାତ୍ରଛାତ୍ରୀ ବିଭିନ୍ନ କଲେଜରେ ନାମ ଲେଖାଇଥିବା ସମ୍ପୃକ୍ତ ଅଧ୍ୟକ୍ଷମାନେ ସୂଚନା ଦେଇଛନ୍ତି। ଧର୍ମଶାଳା ଡିଗ୍ରୀ କଲେଜରେ ୨ଟି ପର୍ଯ୍ୟାୟରେ କଳାରେ ୧୯୩ ଜଣକୁ ସୂଚନା ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨୦ ଜଣ ଅଦ୍ୟାବଧି ନାମ ଲେଖାଇଛନ୍ତି। ସେହିପରି ବିଜ୍ଞାନରେ ୧୬୧ ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ୫୩ ଜଣ ଓ ବାଣିଜ୍ୟରେ ୧୬ ଜଣ ମଧ୍ୟରୁ ମାତ୍ର ୮ଜଣ ନାମ ଲେଖାଇଛନ୍ତି। ମୁକୁନ୍ଦପାତ୍ର ଡିଗ୍ରୀ କଲେଜରେ ୨ଟି ପର୍ଯ୍ୟାୟରେ କଳାରେ ୧୬୬ଜଣକୁ ସୂଚନା ଦିଆଯାଇଥିବା ବେଳେ ୯୪ ଜଣ ଓ ବିଜ୍ଞାନରେ ୧୩୨ ଜଣଙ୍କ ମଧ୍ୟରୁ ମାତ୍ର ୫୦ ଜଣ ନାମ ଲେଖାଇଛନ୍ତି। ସେହିପରି ଜେନାପୁର ଡିଗ୍ରୀ କଲେଜରେ କଳାର ୨ଟି ପର୍ଯ୍ୟାୟରେ ୧୮୫ ଜଣ ଛାତ୍ରଛାତ୍ରୀଙ୍କୁ ସୂଚନା ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୯୦ ଜଣ ନାମ ଲେଖାଇଛନ୍ତି। ଜଗନ୍ନାଥଜୀଉ ଡିଗ୍ରୀ କଲେଜର କଳାରେ ୬୪ ଜଣକୁ ସୂଚନା ଦିଆଯାଇଥିବା ବେଳେ ମାତ୍ର ୩୬ ଜଣ ନାମ ଲେଖାଇଥିବା ଜଣାଯାଇଛି। ଧର୍ମଶାଳା ମହିଳା ବିଦ୍ୟାଳୟରେ କଳାରେ ୨ଟି ପର୍ଯ୍ୟାୟରେ ୧୧୩ ଜଣଙ୍କ ମଧ୍ୟରୁ ମାତ୍ର ୫୦ ଜଣ ନାମ ଲେଖାଇଥିବା ସୂଚନା ମିଳିଛି। ଧର୍ମଶାଳା ବ୍ଲକର ଏହି ୫ଟି ଡିଗ୍ରୀ କଲେଜରେ ସର୍ବମୋଟ ୧୨୧୬ଟି ସିଟ୍ ଥିବାବେଳେ ଅଦ୍ୟାବଧି ୫୦୧ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀ ବୈଷୟିକ ଶିକ୍ଷା ପ୍ରତି ଆକୃଷ୍ଟ ହେଉଥିବାରୁ ଉକ୍ତ କଲେଜମାନଙ୍କରେ ସିଟ୍ ଖାଲି ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି।

### ଟୋକନ ପାଇଥିବା ସବୁ ଚାଷୀଙ୍କ ଧାନ କିଣିବେ ସରକାର

# ଧାନ କ୍ରୟ ଅବଧି ୧୦ ଦିନ ବଢ଼ିଲା

କୟାଁଗୋଲା, ୨୬।୬(ସମିସ): ମଣ୍ଡିରେ ଧାନ ବିକ୍ରି ପାଇଁ ଟୋକନ ପାଇଥିବା ଚାଷୀ ଦ୍ୱନ୍ଦରେ ରୁହନ୍ତୁ ନାହିଁ। କୌଣସି ଚାଷୀଙ୍କ ଟୋକନ ଅବଧି ସରି ଯାଉଥିବା ଓ ଚାଷୀ ଭାଇଙ୍କ ଅସନ୍ତୋଷ ନେଇ ଯାଜପୁର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ପି. ଅନ୍ୱେଷା ଶୁଣିଲା ପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସବୁ କିଛି ସ୍ପଷ୍ଟ କରିଥିଲେ। ଜଣେ ବି ଚାଷୀର ଟୋକନ ରଦ୍ଦ ହେବନି। ସରକାର ସବୁ ଚାଷୀଙ୍କ ଧାନ କିଣିବେ ବୋଲି ବବିତା ଦୋହରାଇଥିଲେ। ମିଲର୍‌ଙ୍କ ମନମାନୀ ଯୋଗୁଁ ଆବଶ୍ୟକତା ଅନୁଯାୟୀ ଗାଡ଼ି ଧାନ ଉଠାଣ ପାଇଁ ଆସୁନାହିଁ ବୋଲି ବବିତା ମାନିଥିଲେ। ପୁଣି ଥରେ ସେ ଜିଲ୍ଲାପାଳ ଓ ଯୋଗାଣ ଅଧିକାରୀଙ୍କ ସହ



ରଦ୍ଦ ହେବନି। ଜିଲ୍ଲାପାଳଙ୍କ ଆଲୋଚନା ପରେ ଧାନ ଉଠାଣ ଅବଧି ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ବିଜେପି ନେତ୍ରୀ ବବିତା ମଲ୍ଲିକ କହିଛନ୍ତି। ଆଜି ଶ୍ରୀମତୀ ମଲ୍ଲିକ କମାରଡ଼ିହ ମଣ୍ଡିରେ ଧାନ ଉଠାଣକୁ ନେଇ ଅଚଳାବସ୍ଥା, ଟୋକନ ରେଡ୍ଡୀ ସହୃଦୟତାର ସବୁ ଶୁଣି ଧାନ କିଣା ଅବଧି ଜୁଲାଇ ମାସ ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା ବୋଲି କହିଥିଲେ। ଆଜି ପୂର୍ବାହ୍ନରେ କମାରଡ଼ିହ ପ୍ରାଥମିକ କୃଷି ସମବାୟ ସମିତି ନିକଟରେ ଉପସ୍ଥିତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କର ସବୁ ସମସ୍ୟା ମଣ୍ଡିକୁ ପର୍ଯ୍ୟାପ୍ତ ଗାଡ଼ି ପଠାଯିବା ନେଇ ଆଲୋଚନା କରିବେ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଜେପି ନିର୍ବାଚନ ମଣ୍ଡଳୀ ସଂଯୋଜକ ନିରଞ୍ଜନ ବେହୁରିଆ, ମଣ୍ଡଳ ସଭାନେତ୍ରୀ ଚିନ୍ମୟୀ ପାଣ୍ଡବ, ଶଶଧର ବେହୂରିଆ, ପ୍ରମୁଖ ଉପସ୍ଥିତ ଥିଲେ।

# ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚର ନୂତନ କର୍ମକର୍ତ୍ତା



ଧର୍ମଶାଳା, ୨୬।୬(ସମିସ): ଧର୍ମଶାଳା ବ୍ଲକ ମିର୍ଜାପୁରସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚ'ର ଚଳିତ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ପ୍ରକ୍ରିୟା ଶେଷ ହୋଇଛି। ମଞ୍ଚର ସଭାପତି ବ୍ରଜକିଶୋର ମୋହନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକି ବୈଠକରେ ସମ୍ପାଦକ ଆଲୋକ ଜେନା ସାମନ୍ତ ବିବରଣୀ ପ୍ରଦାନ କରିବା ସହିତ ମଞ୍ଚର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ରଖିଥିଲେ। ଏଥିରେ ଚଳିତ ବର୍ଷ ପାଇଁ ସଭାପତି ଭାବେ ବ୍ରଜମୋହନ ବିଶ୍ୱାଳ, ଉପସଭାପତି ବ୍ରଜକିଶୋର ମହାନ୍ତି, ସମ୍ପାଦକ ଆଲୋକ ଜେନାସାମନ୍ତ, ସହ ସମ୍ପାଦକ ସିପକ ଜେନାସାମନ୍ତ, କୋଷାଧ୍ୟକ୍ଷ ଜୟନ୍ତ କୁମାର ସ୍ୱାଇଁ, ସାଂସ୍କୃତିକ ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ, ପରିଚାଳନା ସମ୍ପାଦକ ମହେଶ୍ୱର ରାଉତ ଓ ସଂଗଠନ ସମ୍ପାଦକ ଭାବେ ସବ୍ୟସାଚୀ ପଣ୍ଡା ମନୋନୀତ ହୋଇଛନ୍ତି। ତତ୍‌ସହିତ ସୁରକ୍ଷା ମଞ୍ଚର ବରିଷ୍ଠ ସଦସ୍ୟ ଶିବ ପ୍ରସାଦ ସାହୁ ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଜିତ ଜେନା, ପ୍ରଶାନ୍ତ କୁମାର ପୃଷ୍ଟି, ସୌମ୍ୟ ପ୍ରକାଶ ସାମଲ, ଶ୍ରୀକାନ୍ତ ବାରିକ, ନରେନ୍ଦ୍ର ସାମଲ, ଅସିତ କୁମାର ଜେନା, ଶ୍ରୀକାନ୍ତ ବିଶ୍ୱାଳ, ତପନ କୁମାର ଦାସ, ମାଗୁଣି ଚରଣ ବେହେରା, ସରୋଜ କୁମାର ରାଉତ, ସୁନୀଲ କୁମାର ବିଶ୍ୱାଳ, ଗଣେଶ୍ୱର ମଳିକ, ପ୍ରଭାତ କୁମାର ସାହୁ, ପାର୍ଥସାରଥୀ ଦାସ, ସୁଜିତ କୁମାର ପାଢ଼ୀ, ସୁକାନ୍ତ ଘଡେଇ, ପ୍ରବୀର କୁମାର ବିଶ୍ୱାଳ, ସୁଧାଂଶୁ କୁମାର ଜେନା, ସୁଧାକର ରଣା, ରାଜକିଶୋର ପଣ୍ଡା, ପ୍ରଭାସ କୁମାର ଜେନା, ଓ ପ୍ରକାଶ ଦୋରା ପ୍ରମୁଖ ଉକ୍ତ ବୈଠକରେ ଉପସ୍ଥିତ ଥିଲେ। ସର୍ବଶେଷରେ ସିପକ ଜେନା ସାମନ୍ତ ଧନ୍ୟବାଦ ଦେଇଥିଲେ।

# ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପ୍ରତିବାଦ

ସୁକିନ୍ଦା, ୨୬।୬(ସମିସ): ସୁକିନ୍ଦା ମହାବିଦ୍ୟାଳୟ ଓ ହରିପୁର ସ୍ଥିତ ଭାରତୀବିହାର ମହାବିଦ୍ୟାଳୟ ସମ୍ମୁଖରେ ବିଜୁ ଜନତା ଦଳ ଛାତ୍ର ସଙ୍ଗଠନ ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନାର ପ୍ରତିବାଦରେ ସୁକିନ୍ଦା ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ସୁକିନ୍ଦା ମହାବିଦ୍ୟାଳୟ ସମ୍ମୁଖରେ ଦେବୀପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ କଳାବ୍ୟାଜ ପିନ୍ଧି ପ୍ରତିବାଦ ସଭା କରିଥିଲେ।

# ଉତ୍କଳମଣିଙ୍କ ଶ୍ରାଦ୍ଧ ବାର୍ଷିକ



କୟାଁଗୋଲା, ୨୬।୬(ସମିସ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧଦିବସ ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟପ୍ରକାଶ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ କିସୁନ ଟୁଡୁ, ସହକାରୀ ଶିକ୍ଷକ ଖଗେଶ୍ୱର ସାହୁ, ଉତ୍ପଳ କୁମାର ବିଶ୍ୱାଳ, ସୁରେନ୍ଦ୍ର କୁମାର ପଣ୍ଡା, ଶିକ୍ଷୟିତ୍ରୀ ସୁଜାତା ସାହୁ, ଲକ୍ଷ୍ମୀପ୍ରିୟା ପ୍ରଧାନ, ପୁରାତନ ଛାତ୍ର ସୁବ୍ରତ ଯେନା, ନିରଞ୍ଜନ ବାରିକ ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ଶହ ଗୋପବନ୍ଧୁଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ।

# ସ୍ମାର୍ଟ ମିଟର ବିରୋଧରେ ପ୍ରତିବାଦ



କବାଟବନ୍ଧ, ୨୬।୬(ସମିସ): ସ୍ମାର୍ଟ ବିଦ୍ୟୁତ୍ ମିଟର ଲଗାଇବା ବିରୋଧରେ ଏବଂ ଉତ୍ତମ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବା ଦାବିରେ ଗୁରୁବାର କୁଆଖିଆ ସେକ୍ସନ ଅଧୀନ ଜେନାପୁର ଥାନା କନ୍ତପଡ଼ାଠାରେ ଥିବା କବାଟବନ୍ଧ ସବ୍‌ଷ୍ଟେସନରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନର ଧର୍ମଶାଳା ବ୍ଲକ କମିଟି ପକ୍ଷରୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଟାଟା କମ୍ପାନୀ ଗରିବ ବିଦ୍ୟୁତ ଉପଭୋକ୍ତାମାନଙ୍କୁ ମନଇଚ୍ଛା ଲୁଟିବା ଓ ଶୋଷଣ କରିବା ବିରୋଧରେ ତଥା ବିଦ୍ୟୁତ ବିଲ୍ ଦରବୃଦ୍ଧି ବନ୍ଦ କରିବା, ଘନଘନ ବିଦ୍ୟୁତ କାଟ ବନ୍ଦ କରିବା, ସ୍ମାର୍ଟ ମିଟର ଲଗାଇବା ବନ୍ଦ କରିବା ଆଦି ବିଭିନ୍ନ ଏକ ଦାବି ପତ୍ର ଦିଆଯାଇଥିଲା। ଏହା ସହିତ କମ୍ପାନୀ କର୍ତ୍ତୃପକ୍ଷ ଯଦି ସ୍ମାର୍ଟ ମିଟର ଲଗାଇବାରୁ ବିରତ ନ ହୁଅନ୍ତି ତା'ହାଲେ ଭବିଷ୍ୟତରେ ପ୍ରତିବାଦ ଗଣ ଆନ୍ଦୋଳନର କରାଯିବ ଦୃଢ ଚେତାବନୀ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଗଠନର ରାଜ୍ୟ ଉପସଭାପତି ଚୈତନ୍ୟ ସାହୁ ଉପସ୍ଥିତି ଥିଲେ। ବ୍ଲକ କମିଟି ସମ୍ପାଦକ ନାରାୟଣ ପରିଡ଼ା, ସଭାପତି ପବିତ୍ର ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଶିକ୍ଷକଙ୍କୁ ସରପଞ୍ଚଙ୍କ ଆକ୍ରମଣ ଅଭିଯୋଗ

ପ୍ରୀତିପୁର, ୨୬।୬(ସମିସ): ବିଞ୍ଝାରପୁର ଥାନା ମଧୁସୂଦନପୁର ପଞ୍ଚାୟତ ଅନ୍ତର୍ଗତ ସୁନ୍ଦରପୁର ଗ୍ରାମରେ ଜନୈକ ସରପଞ୍ଚ ଓ ତାଙ୍କର ସ୍ୱାମୀ ବିଦ୍ୟାଳୟ ଭିତରେ ପଶି ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟ ତିନିଜଣ ଶିକ୍ଷକଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ ବିଞ୍ଝାରପୁର ଥାନା ତଥା ବରୀ ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତର ସରପଞ୍ଚ ସୁଚିତ୍ରା ମଲ୍ଲିକ ଓ ତାଙ୍କର ସ୍ୱାମୀ ଶ୍ରୀକାନ୍ତ ମଲ୍ଲିକ ତାଙ୍କର ନିଜ ଗ୍ରାମ ସୁନ୍ଦରପୁରରେ ଅବସ୍ଥିତ ବିଳାସିନୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ କରି ସିଧା ପ୍ରଧାନ ଶିକ୍ଷକଙ୍କ ଚୌକିରେ ବସି ଯାଇଥିଲେ। ଶିକ୍ଷକମାନେ ତାଙ୍କୁ କାହିଁକୁ ନମସ୍କାର କରୁନାହାନ୍ତି



ବୋଲି ପାଟି କରିବାକୁ ଲାଗିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିବା ଦୀପକ କୁମାର ମଳିକ ବିନମ୍ରତାର ସହିତ ସରପଞ୍ଚଙ୍କୁ ଏକ ସ୍ୱତନ୍ତ୍ର ଚୌକିରେ ବସିବାକୁ ଅନୁରୋଧ କରିବା ସତ୍ତ୍ୱେ ସେ ତାଙ୍କର କୌଣସି କଥାକୁ ନ ଶୁଣି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ଆରମ୍ଭ କରିଦେଇଥିଲେ। ଏପରିକି ତାଙ୍କ ସ୍ୱାମୀ ଶ୍ରୀକାନ୍ତ ମଲ୍ଲିକଙ୍କ ସହିତ ମିଶି ପ୍ରଧାନ ଶିକ୍ଷକଙ୍କୁ ମାଡ଼ ମାରି ତାଙ୍କର ସାର୍ଟକୁ ଚିରି ଦେଇଥିଲେ। ସରପଞ୍ଚଙ୍କ ସ୍ୱାମୀ ଅଶ୍ରାବ୍ୟ ଭାଷାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଜାତିଗତ ଆକ୍ଷେପ କରିଥିବା ଅଭିଯୋଗ ହୋଇଛି। ଖବର ପାଇ ବିଇଓ ସ୍କୁଲରେ ପହଞ୍ଚି ପ୍ରଧାନ ଶିକ୍ଷକଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିବା ସହ ବିଞ୍ଝାରପୁର ଥାନାରେ ଅଭିଯୋଗ କରିଛନ୍ତି।

# କନ୍ତପଡ଼ା କଲେଜ ରାସ୍ତା ଫାଟି ଆଁ


କବାଟବନ୍ଧ, ୨୬।୬(ସମିସ)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା କନ୍ତପଡ଼ା କଲେଜ ରାସ୍ତା ଅବସ୍ଥା ଖରାପ ହେବାରେ ଲାଗିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତା ଯୋଗୁଁ ଦୈନିକ ଲୋକ ମାନେ ହଇରାଣ ହେଉଛନ୍ତି। ରକ୍ଷଣବେକ୍ଷଣ ଏବଂ ମରାମତି ଅଭାବରୁ ଏହା ଗମନାଗମନରେ ବାଧା ସୃଷ୍ଟି କରୁଛି।ଏହା ସହିତ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ୫୩ ନମ୍ବର ଜାତୀୟ ରାଜପଥ ରାଇଛନ୍ଦା ପଞ୍ଚାୟତ କନ୍ତପଡ଼ା ଗାଁ ଠାରୁ ଭାୟା ମୁକୁନ୍ଦ ପାତ୍ର କଲେଜ ଦେଇ ତାଳଜଙ୍ଗ ପଞ୍ଚାୟତ ବଳରାମପୁରକୁ ସଂଯୋଗ କରୁଥିବା ଏହି ରାସ୍ତା ବିଭିନ୍ନ ସ୍ଥାନରେ ଭାଙ୍ଗି ଗଲାଣି। ଯାତାୟାତ ଆବଶ୍ୟକତା ଦୃଷ୍ଟିରୁ ଏହି ରାସ୍ତା ସ୍ଥାନୀୟ ଜନସାଧାରଣଙ୍କର ଏକ ମୁଖ୍ୟ ରାସ୍ତା ଅଟେ। କନ୍ତପଡ଼ା, ତୋଟା ସାହି, ତଇଲାସାହି, ବଳରାମପୁର, ତାଳଜଙ୍ଗ ଆଦି ଅଞ୍ଚଳ ପାଇଁ ଏହା ପ୍ରମୁଖ ସଡ଼କ ଅଟେ। ଦୈନିକ ହଜାର ହଜାର ଲୋକ ନିଜ ନିଜ ବିଭିନ୍ନ କାମ ପାଇଁ



ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଏହା ବ୍ୟତୀତ ଏହା ମୁକୁନ୍ଦ ପାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମୁକୁନ୍ଦପାତ୍ର ଡିଗ୍ରୀ କଲେଜର ହଜାର ହଜାର ଛାତ୍ରଛାତ୍ରୀଙ୍କ ଏକ ମାତ୍ର ରାସ୍ତା। ଯେଉଁ ରାସ୍ତା ଉପରେ ନିଜ ନିଜର ଶିକ୍ଷା ଲାଭ ତଥା ଭବିଷ୍ୟତ ଗଢ଼ିବା ପାଇଁ ଦୈନିକ ଯିବା ଆସିବା କରିଥାନ୍ତି। ଜାତୀୟ ରାଜପଥକୁ ସଂଯୋଗ କରୁଥିବାରୁ ଅନେକ ବ୍ୟବସାୟ ପ୍ରତିଷ୍ଠାନ ଏବଂ ବ୍ୟବସାୟୀ ମଧ୍ୟ ଏହି ରାସ୍ତା ଉପରେ ନିର୍ଭର କରି ନିଜ ଜୀବିକା ନିର୍ବାହ କରନ୍ତି। ଘରୋଇ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର, କମ୍ପ୍ୟୁଟର ସେଣ୍ଟର, ଜନ ସେବା କେନ୍ଦ୍ର ଆଦି ଅତ୍ୟାବଶ୍ୟକ କାର୍ଯ୍ୟ ପାଇଁ ଅନେକ ଲୋକ ଏହି ରାସ୍ତା ଉପରେ ଯିବା ଆସିବା କରନ୍ତି। କନ୍ତପଡ଼ା କଲେଜ ନିକଟରେ କଂକ୍ରିଟ ରାସ୍ତା ଦୁଇ ଫାଳ ହୋଇ ଯାଇଛି। ରାସ୍ତା ଫାଟି ଆଁ କରିବା ଦ୍ୱାରା ଲୋକ ମାନେ ଯିବା ଆସିବା ରେ ଅସୁବିଧା ଭୋଗ କରୁଛନ୍ତି। ଡୁବୁରୀ-ଚଣ୍ଡିଖୋଲ ଜାତୀୟ ରାଜପଥ କନ୍ତପଡ଼ା ଛକ ଠାରୁ ବଳରାମପୁର ତଳଗଡ଼ ପର୍ଯ୍ୟନ୍ତ ୫ କିଲୋମିଟର ପର୍ଯ୍ୟନ୍ତ ଏହି ରାସ୍ତା ର ଅଧିକାଂଶ ସ୍ଥାନ ଖରାପ ହୋଇ ଗଲାଣି। କଲେଜ ସମ୍ମୁଖ ରାସ୍ତା ଫାଟି ଆଁ କରିଥିବା ବେଳେ ବଳରାମପୁର ଗାଁ ନିକଟରେ ରାସ୍ତା ଉପରୁ ପିଚୁ ଉଠିଗଲାଣି। ଫଳରେ ରାସ୍ତା ଉପରେ ଛୋଟ ଛୋଟ ଗୋଡି ସବୁ ପଡ଼ି ରହିଥିବା ଦେଖିବାକୁ ମିଳିଛି। ଗତ ପ୍ରାୟ ୮ ବର୍ଷ ତଳେ ୨୦୧୭ ମସିହାରେ ନିର୍ମାଣ ହୋଇଥିବା ଏହି ରାସ୍ତା ର ମରାମତି ଆବଶ୍ୟକତା ରହିଛି। ଦୀର୍ଘ ବର୍ଷ ଧରି ମରାମତି ତଥା ରକ୍ଷଣବେକ୍ଷଣ ହେଉ ନ ଥିବାରୁ ଏହା ଯାତାୟାତ ଅନୁପଯୋଗୀ ହୋଇ ଗଲାଣି। ସ୍ଥାନୀୟ ଅଞ୍ଚଳର ହଜାର ହଜାର ଜନସାଧାରଣ ଏବଂ ଛାତ୍ରଛାତ୍ରୀ ମାନେ ଏଥିପାଇଁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଭାଗୀୟ ଅଧିକାରୀ ଏହି ରାସ୍ତାର ମରାମତି ପାଇଁ ଅବହେଳା କରୁଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ତଥା ରାସ୍ତା ମରାମତି କରିବା ପାଇଁ ଦାବି ହୋଇଛି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 43 ◆ISSUE-3 ◆BHUBANESWAR ◆FRIDAY ◆27 JUNE 2025 ◆PAGE-14 ◆₹ 6.00
◆ବର୍ଷ-୪୩ ◆ସଂଖ୍ୟା-୩ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୭ ଜୁନ୍ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦



## ଡାକ୍ତରଖାନାରୁ ରାଜ୍ୟବାସୀଙ୍କୁ ରଥଯାତ୍ରା ଶୁଭେଚ୍ଛା ଜଣାଇଲେ ନବୀନ

■ **ଭୁବନେଶ୍ୱର,୨୬।୬(ସମିସ):** ବିରୋଧୀଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ରଥଯାତ୍ରାର ଶୁଭେଚ୍ଛା ଜଣାଇଛନ୍ତି। ମୁମ୍ବାଇରୁ ଏକ ଭିଡିଓ ବାର୍ତ୍ତା ଯୋଗେ ନବୀନ ରାଜ୍ୟବାସୀଙ୍କୁ ରଥଯାତ୍ରାର ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି। ମୁମ୍ବାଇସ୍ଥିତ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ନବୀନଙ୍କ ସର୍ଭିକାଲ୍ ଆର୍ଥ୍ରାଇଟିସ୍ ଅସ୍ତ୍ରୋପଚାର ହୋଇଛି ଓ ପରବର୍ତ୍ତୀ ଚିକିତ୍ସା ଜାରି ରହିଛି। ଏହି ସ୍ଥିତିରେ ହସ୍ପିଟାଲ ବେଡ୍‌ରୁ ଏକ ବାର୍ତ୍ତା ଜାରି କରି ନବୀନ ରାଜ୍ୟବାସୀଙ୍କୁ ରଥଯାତ୍ରାର ଶୁଭେଚ୍ଛା ଜଣାଇଛନ୍ତି। ଭିଡିଓ ବାର୍ତ୍ତାରେ ନବୀନ କହିଛନ୍ତି, "ଭାଇ ଓ ଭଉଣୀମାନେ ! ଆପଣମାନଙ୍କୁ ମୋ'ର ନମସ୍କାର। ରଥଯାତ୍ରା ପାଇଁ ଆପଣମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଜୟ ଜଗନ୍ନାଥ"।


### ନବୀନଙ୍କ ଶୀଘ୍ର ଆରୋଗ୍ୟ ନିମନ୍ତେ ବହୁ ଜାତୀୟ ନେତାଙ୍କ କାମନା

## ସୁସ୍ଥତା କାମନା କଲେ ପାୱାର, ଷ୍ଟାଲିନ୍

■ **ଭୁବନେଶ୍ୱର,୨୬।୬(ସମିସ):** ମୁମ୍ବାଇରେ ଚିକିତ୍ସାଧୀନ ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଶୀଘ୍ର ଆରୋଗ୍ୟ ନିମନ୍ତେ କାମନା କରିଛନ୍ତି ବହୁ ଜାତୀୟନେତା। କିଛି ନେତା ନବୀନଙ୍କ ସହ ବ୍ୟକ୍ତିଗତ କଥା ହୋଇ ତାଙ୍କର ଦ୍ରୁତ ଆରୋଗ୍ୟ ଓ ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ନିମନ୍ତେ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ନବୀନଙ୍କ ସହ କଥା ହୋଇ ତାଙ୍କର ସୁସ୍ଥ ଜୀବନ କାମନା କରିଛନ୍ତି। ଅନ୍ୟପକ୍ଷରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ୍, ଏନ୍‌ସିପି ମୁଖ୍ୟ ସରଦ ପାୱାର୍, ସାଂସଦ ସୁପ୍ରିୟା ସୁଲେ, ପୂର୍ବତନ ସାଂସଦ ତଥା ବରିଷ୍ଠ ଆଇନଜୀବୀ ଅଭିଷେକ ମନୁସିଂଘଭୀ, ଶିବସେନା ସାଂସଦ ପ୍ରିୟଙ୍କା ଚତୁର୍ବେଦୀ, କଂଗ୍ରେସ ସାଂସଦ ଶଶୀ ଥରୁର୍, ଆର୍‌ଜେଡି ସାଂସଦ ମନୋଜ ଝା, ସିପିଆଇଏମ୍ ସାଂସଦ ▶ପୃଷ୍ଠା-୭


# ଇତିହାସ ରଚିଲେ ଶୁଭାଂଶୁ

## ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ୍‌ରେ ପାଦ ଥାପିଲେ ପ୍ରଥମ ଭାରତୀୟ



■ **ଫ୍ଲୋରିଡ଼ା, ୨୬।୬ (ଏଜେନ୍ସି):** ଭାରତର ମହାକାଶ ଯାତ୍ରାରେ ଭାରତୀୟ ବାୟୁସେନା ପାଇଲଟ୍ ଶୁଭାଂଶୁ ଶୁକ୍ଳା ନୂଆ ଅଧ୍ୟାୟର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଭାରତୀୟ ଭାବେ ସେ ଇତିହାସ ସୃଷ୍ଟି କରିଛନ୍ତି। ଦୀର୍ଘ ୨୮ ଘଣ୍ଟାର ଯାତ୍ରା ପରେ ଶୁଭାଂଶୁ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)ରେ ପହଞ୍ଚି ଏହି ଉପଲବ୍ଧି ହାସଲ କରିଛନ୍ତି। ଗୁରୁବାର ସନ୍ଧ୍ୟା ୬ଟା ୧୦ରେ ମହାକାଶ ଷ୍ଟେସନର ହ୍ୟାଚ୍ ଖୋଲିଥିଲା। ଶୁଭାଂଶୁଙ୍କ ସମେତ ୪ ମହାକାଶ ଯାତ୍ରୀ ଆଇଏସଏସ ଭିତରେ ପ୍ରବେଶ କରିଥିଲେ। ନାସା ପକ୍ଷରୁ ଆଇଏସଏସ ସହ ଡ୍ରାଗନ କ୍ରୁ କ୍ୟାପସୁଲ ଯୋଡିହେବାର ଏବଂ ମହାକାଶଯାତ୍ରୀ ଭିତରେ ପ୍ରବେଶ କରୁଥିବାବେଳେ ସିଧାପ୍ରସାରଣ କରାଯାଇଥିଲା। ପୂର୍ବରୁ ମହାକାଶ ଷ୍ଟେସନରେ ଥିବା ୭ ମହାକାଶ ଯାତ୍ରୀ ଶୁଭାଂଶୁଙ୍କ ଟିମ୍‌କୁ ସ୍ୱାଗତ କରିଥିଲେ। ପରେ ଏହି ଚାରି ଜାଣ ମହାକାଶ ଯାତ୍ରୀ ଫଟୋ ଉଠାଇ ଫଏଲ ପ୍ୟାକେଟରେ ଥିବା ତରଳ ପାନୀୟ ପିଇଥିଲେ।

ଏହି ୪ ଜଣ ମହାକାଶ ଯାତ୍ରୀ ଅକ୍ସିଅମ-୪ ଅଭିଯାନରେ ବୁଧବାର ଫ୍ଲୋରିଡା ସ୍ଥିତି କେନେଡି ସ୍ପେସ୍ ସେଣ୍ଟରରୁ ଆଇଏସଏସ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲେ। ଆଇଏସଏସ୍‌ରେ ପହଞ୍ଚିବା ପରେ ମହାକାଶଚାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଠାରେ ଶୁଭାଂଶୁ କହିଥିଲେ ଯେ ମହାକାଶରୁ ପୃଥିବୀର ଅଭୂତ ଦୃଶ୍ୟ ଦେଖିବାକୁ ପାଇଥିବା ନିର୍ଦ୍ଦିଷ୍ଟ ଲୋକଙ୍କ ମଧ୍ୟରେ ସାମିଲ ହେବା ସୌଭାଗ୍ୟର ବିଷୟ। ଲୋକଙ୍କ ଭଲ ପାଇବା ଏବଂ ଆଶୀର୍ବାଦ ପାଇଁ ଆଇଏସଏସରେ ପହଞ୍ଚି ପାରିଲି। ଏଠାରେ ଛିଡ଼ା ହେବା ବହୁତ ସହଜ ଦେଖାଯାଉଛି, କିନ୍ତୁ ଏହା ଅତ୍ୟନ୍ତ କଠିନ। ମୋ ମୁଣ୍ଡ ଭାରି ଭାରି ଲାଗୁଛି। ଟିକେ ସମସ୍ୟା ହେଉଛି, କିନ୍ତୁ ଏହା ବହୁତ ସାଧାରଣ କଥା। ଧୀରେ ଧୀରେ ଏହାର ଅଭ୍ୟାସ ହୋଇଯିବ। ଏହା ପୂର୍ବରୁ ଶୁଭାଂଶୁ ମହାକାଶଯାନରୁ ଲାଇଭ ଆଲୋଚନା ସମୟରେ କହିଥିଲେ ଯେ ମହାକାଶରୁ ନମସ୍କାର। ଏଠାରେ ଶିଶୁଙ୍କ ଭଳି ଶିଖୁଛି। ମହାକାଶରେ ଚାଲିବା ଏବଂ କେମିତି ଖାଇବାକୁ ପଡେ ଶିକ୍ଷା କରୁଛି। ସୂଚନାଯୋଗ୍ୟ ଯେ ଯାନ୍ତ୍ରିକ ତ୍ରୁଟି ଏବଂ ଅନ୍ୟ କୌଣସି କାରଣରୁ ପୂର୍ବରୁ ଅକ୍ସିଅମ-୪ ଅଭିଯାନକୁ ୬ ଥର ଘୁଞ୍ଚା ଯାଇଥିଲା।





### ଦେଢ଼ ବର୍ଷ ପରେ ଦଣ୍ଡାଦେଶ

## କାଶ୍ମୀର ଯୁବକକୁ ୫ବର୍ଷ ଜେଲ୍



■ **ଧର୍ମଶାଳା/ବଡ଼ଚଣା, ୨୬।୬ (ସମିସ):** ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ନେଉଳପୁର ମିଲତନଗରରୁ ଗତ ୨୦୨୩ ମସିହା ଡିସେମ୍ବର ୧୨ତାରିଖରେ ଗିରଫ ହୋଇଥିବା କାଶ୍ମୀର ଯୁବକ ସୟଦ୍ ଅହେସାନ ବୁଖାରୀକୁ ଠକେଇ ମାମଲାରେ ଚଣ୍ଡିଖୋଲ ଜେଏମ୍‌ଏଫ୍‌ସି କୋର୍ଟ ଆଜି ୫ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି।

ସୂଚନା ମୁତାବକ, କାଶ୍ମୀର ଯୁବକ ବୁଖାରୀ ନିଜକୁ କାଶ୍ମୀର ମେଡିକାଲର ଜଣେ ପ୍ରତିଷ୍ଠିତ ଡାକ୍ତର ପରିଚୟ ଦେଇ ନେଉଳପୁର ଗ୍ରାମରେ ଜଣେ ଶିକ୍ଷୟିତ୍ରୀଙ୍କୁ ଅନ୍‌ଲାଇନ ସଂପର୍କ ରଖିଥିଲେ। ପରେ ତାଙ୍କ ସହିତ ବିବାହ କରି ନେଉଳପୁର ପଞ୍ଚାୟତର ମିଲତନଗରରେ ଏକ ଭଡ଼ା ଘରେ ପତ୍ନୀ ସହିତ ରହିଆସୁଥିଲା। ତାର ପତ୍ନୀ ସେଠାରେ ଥିବା ଏକ ଘରୋଇ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ବୁଖାରୀ ଅଧିକାଂଶ ସମୟ କାଶ୍ମୀରରେ ରହୁଥିବା ବେଳେ ମଝିରେ ମାସେ ଦୁଇମାସ ପାଇଁ ମିଲତନଗରରେ ଥିବା ଭଡା ଘରେ ରହୁଥିବା ତା' ପତ୍ନୀ ଓ ସାତ ବର୍ଷର ଝିଅ ପାଖକୁ ଆସି ରହିଥାଏ। ତେବେ ତାର ହାବଭାବରେ ପାକିସ୍ତାନ ଲିଙ୍କ୍ ଥିବା ସନ୍ଦେହ କରି ଏସଟିଏଫ୍ ଟିମ ତାକୁ ମିଲତନଗରସ୍ଥିତ ଭଡ଼ା ଘରେ ଚଢ଼ଉ କରି ଉଠାଇ ନେଇଥିଲା। ବିଭିନ୍ନ ମାମଲାରେ ତାର ▶ପୃଷ୍ଠା-୭






ଅହମଦାବାଦ ବିମାନ ଦୁର୍ଘଟଣା

## ମିଳିଲା ବ୍ଲାକବକ୍ସ ତଥ୍ୟ

ଅହମଦାବାଦ୍, ୨୬।୬(ଏଜେନ୍ସି): ଅହମଦାବାଦ୍‌ରେ ଜୁନ୍ ୧୨ରେ ହୋଇଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ବ୍ଲାକ ବକ୍ସର ଡାଟା ରିକଭର ହୋଇଛି। ଏହି ଡାଟା ତଥା ତଥ୍ୟକୁ ଡାଉନଲୋଡ କରାଯାଇଛି ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ମେମୋରି ମଡ୍ୟୁଲର ଆକ୍ସେସ ବି ମିଳିଯାଇଛି। ଏବେ ଯାଞ୍ଚ ଏଜେନ୍ସି ମିଳିଥିବା ଡାଟାର ବଶ୍ଳେଷଣ କରିବେ। ଏଥିରେ ଦୁର୍ଘଟଣା କାରଣ ନେଇ ସୂଚନା ମିଳିପାରିବ ବୋଲି କୁହାଯାଇଛି। ପୂର୍ବରୁ ୨୪ ତାରିଖରେ ଯାଞ୍ଚ ପାଇଁ ବ୍ଲାକ୍ ବକ୍ସକୁ ବିଦେଶ ପଠାଯିବ ନାହିଁ ବୋଲି ନାଗରିକ ଉଡ୍ଡୟନ୍ ମନ୍ତ୍ରୀ ରାମମୋହନ ନାୟୁଡୁ କହିଥିଲେ। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେସ୍ ବ୍ୟୁରୋ (ଏଏଆଇବି) ବ୍ଲାକ୍ ବକ୍ସର ଯାଞ୍ଚ କରୁଛି। ବିମାନର ଦୁଇଟି ବ୍ଲାକ ବକ୍ସ ଯଥା ସିଭିଆର ଓ ଡିଏଫ୍‌ଡିଆରର ସେଟ୍ ମିଳିଛି। ଦୁର୍ଘଟଣା ସମୟରେ ପାଇଲଟ୍‌ଙ୍କ ମଧ୍ୟ ହୋଇଥିବା କଥାବାର୍ତ୍ତାର ଓ ବିମାନର ବୈଷୟିକ ତଥ୍ୟ ନେଇ ସୂଚନା ଏଥିରୁ ମିଳିପାରିବ।

ଅଲକାନନ୍ଦାରେ ଖସି ପଡ଼ିଲା ଟ୍ରାଭେଲର୍

## ୩ ଜଣଙ୍କ ମୃତ୍ୟୁ, ୫ ନିଖୋଜ

ଉଦୟପୁର, ୨୬।୬(ଏଜେନ୍ସି): ଉତ୍ତରାଖଣ୍ଡର ଅଲକାନନ୍ଦା ନଦୀରେ ଏକ ଛୋଟ ବସ ଟ୍ରାଭେଲର ଖସିପଡ଼ିବା ଫଳରେ ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ନିଖୋଜ ଅଛନ୍ତି। ଉଦୟପୁର ଓ ଗୋଗୁନ୍ଦାରୁ ୪ ଧାମକୁ ଯାତ୍ରା କରୁଥିବା ଏକ ପରିବାରର ୨୦ ଜଣ ସଦସ୍ୟଙ୍କୁ ନେଇ ଯାଉଥିବା ଟ୍ରାଭେଲର ଅଲକାନନ୍ଦାରେ ଖସି ପଡ଼ିଥିଲା। ଏହି ଦୁର୍ଘଟଣାରେ ୧୦ଜଣ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ନିଖୋଜଙ୍କ ତଲାସ ଜାରି ରହିଛି। ରୁଦ୍ରପ୍ରୟାଗ ଓ ଗୌଛର ଜିଲ୍ଲା ମଧ୍ୟରେ ବସ ଯାଉଥିବା ବେଳେ ବସ୍‌ଟିକୁ ପଛପଟୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ନିୟନ୍ତ୍ରଣ ହରାଇ ବସ ନଦୀକୁ ଖସି ପଡ଼ିଥିଲା। ୪୦ କିମି ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଚାଲିଛି।

## ନ୍ୟୁୟର୍କ ମେୟର ପ୍ରାର୍ଥୀ ମୀରା ନାଏରଙ୍କ ପୁଅଙ୍କୁ ନେଇ ଚର୍ଚ୍ଚା

ନ୍ୟୁୟର୍କ, ୨୬।୬(ଏଜେନ୍ସି): ପ୍ରସିଦ୍ଧ ଭାରତୀୟ ସିନେମା ନିର୍ଦ୍ଦେଶିକା ମୀରା ନାଏରଙ୍କ ପୁଅ ୩୩ ବର୍ଷୀୟ ଜୋହରାନ ମାମଦାନୀ ଆମେରିକାର ନ୍ୟୁୟର୍କ ମେୟର ପଦ ପଦ ପାଇଁ ଲଢ଼ିବା ଏକପ୍ରକାର ନିଶ୍ଚିତ ହୋଇଛି। ମାମଦାନୀ ମଙ୍ଗଳବାର ରାତିରେ ନ୍ୟୁୟର୍କ ଟାଉନ୍ ପାଇଁ ଡେମୋକ୍ରାଟିକ୍ ପ୍ରାଥମିକ ନିର୍ବାଚନରେ ପୂର୍ବ ଗଭର୍ନର ଆଣ୍ଡ୍ରୁ କୁଓମୋଙ୍କୁ ପରାସ୍ତ କରି ଆଗରେ ରହିଛନ୍ତି। ଜୋହରାନ ଏବେ ଡେମୋକ୍ରାଟିକ୍ ପାର୍ଟି ତରଫରୁ ପ୍ରାର୍ଥୀ ଏବା ଏକ ପ୍ରକାର ନିଶ୍ଚିତ ହୋଇଛି। କେବଳ ସେତିକି ନୁହଁ ସେ ମେୟର ପଦ ପାଇଁ ଆୟୋଜନ ହେବାକୁ ଥିବା ସାଧରଣ ନିର୍ବାଚନରେ ବିଜୟୀ ହେବା ମଧ୍ୟ ନିଶ୍ଚିତ ହୋଇଛି। ସେ ଜଣେ ଭାରତୀୟ ବଂଶୋଦ୍ଭବ ହୋଇଥିବାରୁ ତାଙ୍କୁ ନେଇ ସବୁଠି ଚର୍ଚ୍ଚା ଚାଲିଛି।

## ଏନ୍‌କାଉଣ୍ଟରରେ ଆତଙ୍କବାଦୀ ନିହତ

ଉଧମପୁର, ୨୬।୬(ଏଜେନ୍ସି): ଜମ୍ମୁ-କଶ୍ମୀରର ଉଧମପୁରର ବସନ୍ତଗଡ଼ ଇଲାକାରେ ଗୁରୁବାର ସକାଳେ ହୋଇଥିବା ଏନ୍‌କାଉଣ୍ଟରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ଏହି ଅଞ୍ଚଳରେ ଆଉ ୩ ଜଣ ଆତଙ୍କବାଦୀ ଛପି ରହିଥିବା ଆଶଙ୍କା କରାଯାଉଛି। ସେନାବାହିନୀ ଓ ପୁଲିସର ସର୍ଚ୍ଚ ଅପରେସନ ଚାଲୁ ରହିଛି। ଗତବର୍ଷରୁ ଏହି ଅଞ୍ଚଳରେ ୪ ଆତଙ୍କବାଦୀ ଲୁଚି ରହିଥିବାର ସୂଚନା ମିଳିଥିଲା ବୋଲି ଜମ୍ମୁ ଜୋନ ଆଇଜିପି ଭିମ ସେନ୍ କହିଛନ୍ତି। ଗୁରୁବାର ସକାଳ ୮ଟାରେ ଏ ନେଇ ଠୋସ ସୂଚନା ମିଳିବା ପରେ ସର୍ଚ୍ଚ ଅପରେସନ ଚାଲୁ ରହିଛି। ଏତିକି ବେଳେ ଆତଙ୍କବାଦୀମାନେ ସୁରକ୍ଷାବଳର ଜବାନଙ୍କ ଉପରେ ଗୁଳି ଚଳାଇବା ପରେ ଜବାବି କାର୍ଯ୍ୟାନୁଷ୍ଠାନ ପରେ ଜଣେ ଆତଙ୍କବାଦୀ ଟଳି ପଡ଼ିଥିଲେ।

## ଇହୁଦୀକୁ ପରିବର୍ତ୍ତିତ ହେବା ଚର୍ଚ୍ଚାକୁ ଆର୍ମେନିଆ ପ୍ରଧାନମନ୍ତ୍ରୀଙ୍କ ଖଣ୍ଡନ


ୟେରେଭାନ, ୨୬।୬(ଏଜେନ୍ସି): ଆର୍ମେନିଆ ପ୍ରଧାନମନ୍ତ୍ରୀ ନିକୋଲ ପାଶିନୟାନଙ୍କ ବିରୋଧରେ ଏକ ନୂଆ ଆନ୍ଦୋଳନ ଆରମ୍ଭ କରିଛନ୍ତି ଦେଶର ସବୁଠାରୁ ବଡ଼ ଚର୍ଚ୍ଚର ପାଦ୍ରୀ ଫାଦର ଜୋହନ ଅଶ୍ଚୟାନ। ଖବର କରି ନିକୋଲ ଇହୁଦୀ ଧର୍ମ ଆପଣାଇଛନ୍ତି ବୋଲି ଫାଦର ସୋସିଆଲ ମିଡିଆରେ ପୋଷ୍ଟ କରି ଅଭିଯୋଗ ଆଣିଛନ୍ତି। ସେ ଶ୍ରୀଷ୍ଟିଆନ ନୁହନ୍ତି ବୋଲି କୁହାଯାଇଛି। କିନ୍ତୁ ଏହି ଅଭିଯୋଗକୁ ନିକୋଲ ଖଣ୍ଡନ କରିଛନ୍ତି। ଖତନା କରିନାହାଁନ୍ତି ଓ ଏ ନେଇ ପ୍ରମାଣ ଦେବାକୁ ରାଜି। ଯଦି ଚର୍ଚ୍ଚ ମୋ ଉପରେ ସନ୍ଦେହ କରୁଛି, ତେବେ ଏ ନେଇ ତଦନ୍ତ ସମ୍ମୁଖୀନ ହେବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି। ପୂର୍ବରୁ ନିକୋଲ ଫାଦରଙ୍କ ବିରୋଧରେ ମଧ୍ୟ ବିଭିନ୍ନ ଅଭିଯୋଗ ଆଣିଥିଲେ।

## ଟ୍ୟୁସନ କରି ମାସକୁ ୮୬ ଲକ୍ଷ ଆୟ

ନ୍ୟୁୟର୍କ, ୨୬।୬ (ଏଜେନ୍ସି): ଆଶ୍ଚର୍ଯ୍ୟ ହେଲେ ବି ସତ। ନ୍ୟୁୟର୍କର ଷ୍ଟିଭନ ମେଜିଙ୍କ ଟ୍ୟୁସନ ଘଣ୍ଟାକୁ ହଜାରେ ଡଲାର (ପ୍ରାୟ ୮୬ ହଜାର ଟଙ୍କା) ଆୟ କରୁଛନ୍ତି। ସେ ସପ୍ତାହକୁ ୨୦-୨୫ ଘଣ୍ଟା ପର୍ଯ୍ୟନ୍ତ ଟ୍ୟୁସନ କରୁଛନ୍ତି। ଏହି ପରି ଭାବେ ସେ ମାସକୁ ଘରେ ରହି ୮୬ ଲକ୍ଷ ଟଙ୍କା ଆୟ କରୁଛନ୍ତି। ଷ୍ଟିଭନ ପୂର୍ବରୁ ୱାଲ୍ ଷ୍ଟ୍ରିଟ୍ ଟ୍ରେଡରରେ କାମ କରୁଥିଲେ। କିନ୍ତୁ ଟ୍ୟୁସନ ପାଇଁ ସେ ଏହି ଚାକିରି ଛାଡ଼ି ଦେଇଥିଲେ। ସେ ପ୍ରଥମେ ସହରର ବିଭିନ୍ନ ଏଜେନ୍ସି ସହ ମିଶି କାମ କରୁଥିଲେ। ପରେ ୱାଇଜାଣ୍ଟ ଭଳି ଅନ୍‌ଲାଇନ ପ୍ଲାଟଫର୍ମ ସହ ସାମିଲ ହୋଇଥିଲେ। ପ୍ରଥମେ ସେ ଘଣ୍ଟାକୁ ୪ରୁ ୮ ହଜାର ଟଙ୍କା ପର୍ଯ୍ୟନ୍ତ ନେଉଥିଲେ। କିନ୍ତୁ ପରେ ଏଭଳି ବିଷୟ ପଢ଼ାଇଲେ ଯେଉଁଥି ପାଇଁ ତାଙ୍କ ଆୟ ବଢ଼ି ଯାଇଥିଲା।

# ଦୋମୁହାଁ ନୀତିକୁ ଭାରତର ବିରୋଧ

## ଏସ୍‌ସିଓ ମିଳିତ ବିବୃତିରେ ସ୍ୱାକ୍ଷର କରିବାକୁ ମନାକଲେ ରାଜନାଥ



ନୂଆଦିଲ୍ଲୀ, ୨୬।୬(ଏଜେନ୍ସି): ଚୀନ୍‌ର କିଙ୍ଗଡାଓ ରାଜ୍ୟରେ ଗୁରୁବାର ସାଂଘାଇ କୋପରେସନ ଅର୍ଗାନାଇଜେସନ (ଏସ୍‌ସିଓ)ରେ ବିଭିନ୍ନ ଦେଶର ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ବୈଠକ ହୋଇଛି। ଏଥିରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ପାକିସ୍ତାନର ଖ୍ୱାଜା ଆସିଫ୍ ଯୋଗ ଦେଇଛନ୍ତି କିନ୍ତୁ ରାଜନାଥ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଭେଟି ନଥିଲେ। ଏସିଓର ମିଳିତ ବିବୃତିରେ ସ୍ୱାକ୍ଷର କରିବାକୁ ରାଜନାଥ ମନା କରିଦେଇଛନ୍ତି। ଏଥିରେ ଜମ୍ମୁ-କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ସାମିଲ କରାଯାଇ ନଥିଲା। କିନ୍ତୁ ଏଥିରେ ପାକିସ୍ତାନର ବେଲୁଚିସ୍ତାନ ରାଜ୍ୟରେ ହୋଇଥିବା ଆତଙ୍କବାଦୀ ଘଟଣା ଉଲ୍ଲେଖ ଥିଲା।

ଏ ନେଇ ଭାରତ ଖୋଲାଖୋଲି ଭାବେ ତା'ର ଅସନ୍ତୋଷ ଜାହିର କରିଛି। କିଛି ଦେଶ ଆତଙ୍କବାଦକୁ ନିଜର ନୀତି ଭାବେ ଗ୍ରହଣ କରିଛନ୍ତି। ଏହି ଦେଶଗୁଡ଼ିକ ଆତଙ୍କବାଦୀଙ୍କୁ ଶରଣ ଦେଉଛନ୍ତି ଓ ଏହାକୁ ଅସ୍ୱୀକାର ମଧ୍ୟ କରୁଛନ୍ତି। ଏଭଳି ଦୋମୁହାଁ ନୀତିର କୌଣସି ସ୍ଥାନ ନାହିଁ। ଆତଙ୍କବାଦର କେନ୍ଦ୍ରସ୍ଥଳୀ ଏବେ ସୁରକ୍ଷିତ ନୁହଁ ବୋଲି ଏହି ଦେଶଗୁଡ଼ିକୁ ଏବେ ହୃଦୟଙ୍ଗମ କରିବାକୁ ହେବ। ଏସ୍‌ସିଓକୁ ଏହି ଭଳି ଆଚରଣ ପ୍ରଦର୍ଶନ କରୁଥିବା ଦେଶଗୁଡ଼ିକୁ ସମାଲୋଚନା କରିବାରେ କୁଣ୍ଠାବୋଧ କରିବା ଉଚିତ ନୁହେଁ ବୋଲି ରାଜନାଥ କହିଛନ୍ତି। ଏସ୍‌ସିଓରେ ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ଚାଲିଥିବା ଦୁଇଦିନିଆ ବୈଠକ

**■ ଆତଙ୍କବାଦ ନେଇ ବୈଠକରେ ଦୋମୁହାଁ ନୀତି**

**■ ବେଲୁଚିସ୍ତାନ ରହିଛି; ପହଲଗାମ ବାଦ୍**

ଅନୁଷ୍ଠିତ ହୋଇଛି। ଏଥିରେ ସବୁଦେଶ ଏକାଠି ହୋଇ ସହମତି ପ୍ରକାଶ କରିପାରିନାହାନ୍ତି ବୋଲି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ଖାସ୍ ଏଥିପାଇଁ ଏହି ଦସ୍ତାବିଜକୁ ଅନ୍ତିମ ରୂପ ଦିଆଯାଇନାହିଁ। ଆତଙ୍କବାଦ ଓ ଏଥି ସହିତ ଜଡ଼ିତ ସମସ୍ୟା ଓ ଚିନ୍ତା ନେଇ ମିଳିତ ବିବୃତିରେ ସ୍ଥାନ ଦେବାକୁ ଭାରତ ଚାହିଁଥିଲା। କିନ୍ତୁ ପାକିସ୍ତାନ ନ ନେଇ କେବଳ ଗୋଟିଏ ଦେଶକୁ ଏହା ମଞ୍ଜୁର ନଥିଲା ବୋଲି ସେ କହିଛନ୍ତି। ସବୁ ୧୧ଟି ଦେଶକୁ ଏକାଠି ହୋଇ ଆତଙ୍କବାଦ ବିରୋଧରେ ଲଢ଼ିବାକୁ ଭାରତ ଅପିଲ କରିଥିଲା। ଏହି ବୈଠକରେ ରାଜନାଥ ୪ଟି ପଏଣ୍ଟକୁ ଗୁରୁତ୍ୱ ଦେଇଥିଲେ। ଉଗ୍ରବାଦ ଓ ଆତଙ୍କବାଦ ଏବେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି ଓ ଆତଙ୍କବାଦ ବିରୋଧରେ ଜିରୋ ଟଲରାନ୍ସକୁ ଗୁରୁତ୍ୱ ଦେବାକୁ ସେ କହିଛନ୍ତି। ସେହିପରି ଦେଶଗୁଡ଼ିକ ମଧ୍ୟରେ ହେଉଥିବା ସଂଘର୍ଷକୁ କଥାବାର୍ତ୍ତା ମଧ୍ୟରେ ରୋକିବାକୁ ଏବଂ କରୋନା ଭଳି ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ସମସ୍ତେ ଏକାଠି ହୋଇ କାମ କରିବାକୁ ସେ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ଭାରତ ସମେତ ଚୀନ, ରୁଷ, ଇରାନ, ପାକିସ୍ତାନ, ତାଜିକିସ୍ତାନ, ଉଜବେକିସ୍ତାନ, ବେଲାରୁଷ, କିରଗିସ୍ତାନ ଓ କାଜକସ୍ତାନର ପ୍ରତିନିଧି ଯୋଗଦେଇଥିଲେ।

## ଉତ୍ସବ ପାଳନ ବେଳେ ଗୁଳିବର୍ଷା; ୧୨ ମୃତ

ମେକ୍ସିକୋସିଟି, ୨୬।୬(ଏଜେନ୍ସି): କେନ୍ଦ୍ରଆମେରିକୀୟ ଦେଶ ମେକ୍ସିକୋର ଗୁଆନାଜୁଆଟୋ ରାଜ୍ୟରେ ଏକ ଉତ୍ସବ ପାଳନ ଅବସରରେ ଗୁଳିମାଡରେ ୧୨ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏହି ରାଜ୍ୟର ଇରାପ୍ୟୁଆଟୋ ସହରରେ ମଙ୍ଗଳବାର ରାତିରେ ଏକ ଉତ୍ସବ ପାଳନ ବେଳେ ଗୁଳିବର୍ଷା ହୋଇଥିଲା। ଏହି ଘଟଣାରେ ୨୦ଜଣ ଆହତ ହୋଇଛନ୍ତି। ସେଣ୍ଟ ଜନ୍ ଦି ବାପ୍ଟିଷ୍ଟ ଉତ୍ସବ ପାଳନ କରିବା ଅବସରରେ ଲୋକେ ରାସ୍ତା ଉପରେ ନାଚିବା ଓ ଗାଇବା ସହ ଉତ୍ସବ ମନାଉଥିବା ବେଳେ ଏହି ଘଟଣା ଘଟିଥିଲା। ସ୍ଥାନୀୟ ପ୍ରଶାସନ ବୁଧବାର ଏହି ଘଟଣା ନେଇ ସୂଚନା ଦେଇଥିଲା। ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରୁ ୧୧ ଜଣଙ୍କ ପରିଚୟ ମିଳିଛି।



ମେକ୍ସିକୋ ସ୍ତବ୍ଧ

ଏଥିରେ ୮ ଜଣ ପୁରୁଷ ୨ ଜଣ ମହିଳା ଓ ଜଣେ ୧୭ ବର୍ଷୀୟା ନାବାଳିକା ସାମିଲ ଅଛନ୍ତି। ଏହି ଘଟଣା ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଛି।

ଏହି ଘଟଣାରେ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ଶେଇନବାଉମ୍ ଦୁଃଖ ପ୍ରକାଶ କରିଛନ୍ତି ଓ ଘଟଣା ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗୁଆନାଜୁଆଟୋ ରାଜଧାନୀ ମେକ୍ସିକୋ ସିଟିର ଉତ୍ତରପଶ୍ଚିମରେ ଅବସ୍ଥିତ। ଏହି ସହରରେ ଅପରାଧୀମାନଙ୍କ ପ୍ରଭାବ ରହିଛି। ସହର ଉପରେ ପ୍ରତିଆର ଜାହିର କରିବାକୁ ଅପରାଧୀମାନଙ୍କର କେତୋଟି ସଂଗଠନ ମଧ୍ୟରେ ବିବାଦ ତଥା ହିଂସା ଏଠାରେ ଦେଖିବାକୁ ମିଳିଥାଏ। ଏହି କାଣ୍ଡ ଘଟାଉଥିବା ଅପରାଧୀଙ୍କୁ ଧରିବା ପାଇଁ ଅଭିଯାନ ଜୋରଦାର ଆରମ୍ଭ ହୋଇଛି। ଏହା ମେକ୍ସିକୋର ସବୁଠାରୁ ହିଂସାଗ୍ରସ୍ତ ରାଜ୍ୟ ଭାବେ କୁଖ୍ୟାତି ହାସଲ କରିଛି। ଚଳିତ ବର୍ଷ ପ୍ରଥମ ୫ ମାସରେ ଏଠାରେ ୧, ୪୩୫ ଲୋକ ହତ୍ୟାର ଶିକାର ହୋଇଛନ୍ତି।

## ସଂସଦ ନୁହେଁ; ସମ୍ବିଧାନ ସର୍ବୋପରି: ସିଜେଆଇ

ନୂଆଦିଲ୍ଲୀ, ୨୬।୬(ଏଜେନ୍ସି): ସଂସଦ ଓ ସମ୍ବିଧାନ ମଧ୍ୟରେ କେଉଁଟି ଉପରେ ବା ଅଧିକ ପ୍ରଭାବୀ ସେ ନେଇ ବିତର୍କ ଚାଲିଥିବା ବେଳେ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି (ସିଜେଆଇ) ବିଆର ଗଭାଇ ଏ ନେଇ ମନ୍ତବ୍ୟ ଦେଇଛନ୍ତି। ସଂସଦଠାରୁ ସମ୍ବିଧାନ ଯଥେଷ୍ଟ ଉପରେ ବୋଲି ସେ କହିଛନ୍ତି। ନିଜ ଘରୋଇ ସହର ଅମରାବତୀରେ ବୁଧବାର ବାର ଆସୋସିଏସନର ଏକ ଅଭ୍ୟର୍ଥନା ଉତ୍ସବରେ ଯୋଗ ଦେଇ ସମ୍ବିଧାନ ସର୍ବୋପରି ବୋଲି ସେ କହିଛନ୍ତି। ଗଣତନ୍ତ୍ରର ତିନୋଟି



ଅଙ୍ଗ ବା ସ୍ତମ୍ଭ ନ୍ୟାୟପାଳିକା, କାର୍ଯ୍ୟପାଳିକା ଓ ବିଧାୟିକା ସମ୍ବିଧାନ ଅଧୀନରେ ହିଁ କାର୍ଯ୍ୟ କରିଥାଏ। କିଛି ଲୋକ ସଂସଦ ସବୁଠାରୁ ଉଚ୍ଚରେ ବୋଲି କହୁଛନ୍ତି। କିନ୍ତୁ ମୋ ମତରେ ସମ୍ବିଧାନ ହିଁ ସର୍ବୋପରି ବୋଲି ସେ ସ୍ପଷ୍ଟ କରିଛନ୍ତି। ସୁପ୍ରିମକୋର୍ଟର ୫୨ତମ ମୁଖ୍ୟ ବିଚାରପତି ଭାବେ ଶପଥ ନେବା ପରେ ଗଭାଇ ଏହି ସମାରୋହରେ ଯୋଗ ଦେଇଥିଲେ। ସଂସଦ ପାଖରେ ସମ୍ବିଧାନକୁ ସଂଶୋଧନ କରିବାର କ୍ଷମତା ରହିଛି। କିନ୍ତୁ ସଂସଦ ସମ୍ବିଧାନର ମୂଳ ଢାଞ୍ଚାକୁ ବଦଳାଇ ପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଦେଶରେ ନାଗରିକଙ୍କ ଅଧିକାର ଓ ସାମ୍ବିଧାନିକ ମୂଲ୍ୟବୋଧ ଓ ସିଦ୍ଧାନ୍ତର ରକ୍ଷା କରିବା ହେଉଛି ଜଣେ ବିଚାରପତିଙ୍କ ପ୍ରଥମ କର୍ତ୍ତବ୍ୟ। ଏହି ସବୁ କଥାକୁ ଜଣେ ବିଚାରପତି ମନେ ରଖିବା ଉଚିତ। ଲୋକ କ'ଣ କହିବେ ସେ ନେଇ ଆମେ ନିଷ୍ପତ୍ତି ନେବୁ ନାହିଁ। ନିଷ୍ପତ୍ତି ନେବା ବେଳେ ଜଣେ ବିଚାରପତି ଦୃଢ଼ନିଶ୍ଚୟରେ ଥିବା ତଥ୍ୟ ଓ ସତ୍ୟକୁ ଅଣଦେଖା କରିପାରିବେ ନାହିଁ ବୋଲି ସେ କହିଛନ୍ତି।

## ଯୁଦ୍ଧ ଜିତିଛୁ; ଆମେରିକା ମୁହଁକୁ ଶକ୍ତ ଚାପୁଡ଼ା ମାରିଛୁ: ଖାମନେଇ



ତେହରାନ, ୨୬।୬ (ଏଜେନ୍ସି): ଅସ୍ତବିରତି ପରେ ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲି ଖାମନେଇ ଗୁରୁବାର ବାହାରକୁ ବାହାରିଛନ୍ତି। ଇସ୍ରାଏଲ ଏବଂ ଆମେରିକା ସହ ସଂଘର୍ଷ ପରେ ସେ ପ୍ରଥମ ଥର ପାଇଁ ଦେଶବାସୀଙ୍କୁ ବାର୍ତ୍ତା ଦେଇଛନ୍ତି। ଇସ୍ରାଏଲ ସହ ଯୁଦ୍ଧରେ ଇରାନ ବିଜୟୀ ହୋଇଛି ବୋଲି ଖାମନେଇ ଦାବି କରିଛନ୍ତି। ଏହି ଯୁଦ୍ଧରେ ପ୍ରତ୍ୟକ୍ଷ ଭାବେ ସାମିଲ ହେବାକୁ ନେଇ ସେ ଆମେରିକାକୁ ସମାଲୋଚନା କରିଛନ୍ତି। ଆମେରିକା ମୁହଁକୁ ଇରାନ ଶକ୍ତ ଚାପୁଡ଼ା ମାରିଛି ବୋଲି ଖାମନେଇ କହିଛନ୍ତି। ଟିଭିରେ ପ୍ରସାରିତ ବାର୍ତ୍ତାରେ ଖାମନେଇ ଏହି ମନ୍ତବ୍ୟ ଦେଇଛନ୍ତି।

ଖାମନେଇ କହିଛନ୍ତି ଯେ ମିଛୁଆ ଇସ୍ରାଏଲ ବିରୋଧରେ ଯୁଦ୍ଧ ଜିତିବାକୁ ନେଇ ଦେଶବାସୀଙ୍କୁ ଶୁଭେଚ୍ଛା। ଆକ୍ରମଣ କରି ଇସ୍ରାଏଲକୁ ଇରାନ ଧରାଶାୟୀ କରିଦେଇ, ଦଳି ଦେଲା। ଆମେରିକା

**■ ଇରାନ ସାହସର ସହ ଲଢ଼ିଥିଲା: ଟ୍ରମ୍ପ**

**■ ତେଲ ବିକ୍ରି କରିବାକୁ ଅଟକାଇବୁନି**

ଏହି ଯୁଦ୍ଧକୁ ଡେଇଁ ଥିଲା। କାରଣ ଯୁଦ୍ଧରେ ବଦଳ ନ ଦେଲେ ଇସ୍ରାଏଲ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବ ବୋଲି ଆମେରିକା ଭାବିଥିଲା। କିନ୍ତୁ ୱାଶିଂଟନ କିଛି ହାସଲ କରିପାରିଲା ନାହିଁ। ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ପ୍ରମୁଖ ଠିକଣାରେ ଇରାନ ପହଞ୍ଚି ଯାଇଥିଲା। ଆଉ ଯଦି ଆକ୍ରମଣ ହୁଏ ତେବେ ଶତ୍ରୁକୁ ବହୁମୂଲ୍ୟ ଦେବାକୁ ପଡ଼ିବ।

ଇରାନର ଏହି ସର୍ବୋଚ୍ଚ ନେତା ତିନି ପରମାଣୁ କେନ୍ଦ୍ରରେ ଆମେରିକା ଆକ୍ରମଣ ଉପରେ ମଧ୍ୟ ମନ୍ତବ୍ୟ ଦେଇଛନ୍ତି। ଖାମାନେଇ କହିଛନ୍ତି ଯେ ଏୟାର ଷ୍ଟ୍ରାଇକରେ ପରମାଣୁ କେନ୍ଦ୍ରରେ ସେତେ କ୍ଷତି ହୋଇନାହିଁ। ଆମେରିକା ବିଶେଷ କିଛି ହାସଲ କରିପାରି ନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖାଲି ଦେଖାଇ ଦେଇଛନ୍ତି। ଖାମନେଇଙ୍କ ଏହି ମନ୍ତବ୍ୟକୁ ନେଇ ଟ୍ରମ୍ପ କରିଥିବା ଦାବି ଉପରେ ପ୍ରଶ୍ନ ଉଠୁଛି। ପେଣ୍ଟାଗନ ରିପୋର୍ଟରେ ପରମାଣୁ କେନ୍ଦ୍ରର ବିଶେଷ କ୍ଷତି ହୋଇ ନ ଥିବା କୁହାଯାଇଥିଲା। କିନ୍ତୁ ଟ୍ରମ୍ପ ରିପୋର୍ଟକୁ ମିଥ୍ୟା କହି ଖଣ୍ଡନ କରିଦେଇଥିଲେ। ଅଶେଷ କ୍ଷତି ହୋଇଥିବା କହିଥିଲେ।

ଅନ୍ୟପଟେ ନେଦରଲାଣ୍ଡର ହେଗ୍‌ରେ ଅନୁଷ୍ଠିତ ନାଟୋ ସମ୍ମିଳନୀରେ ସାମିଲ ହୋଇ ଟ୍ରମ୍ପ ଇରାନକୁ ପ୍ରଶଂସା କରିଛନ୍ତି। ତେହରାନ ସାହସର ସହ ଯୁଦ୍ଧ ଲଢ଼ିଥିଲା ବୋଲି କହିଛନ୍ତି। ଯୁଦ୍ଧର କ୍ଷୟକ୍ଷତିରୁ ବାହାରିବା ପାଇଁ ଇରାନକୁ ତେଲ ବିକିବାର ଆବଶ୍ୟକତା ପଡ଼ିବ। ଯଦି ଚୀନ୍ ଇରାନଠାରୁ ତେଲ କିଣେ ତେବେ ଆମେରିକାର କୌଣସି ସମସ୍ୟା ନାହିଁ। ତେଲ ବିକ୍ରିକୁ ନେଇ ଇରାନ ଉପରେ କୌଣସି କଟକଣା ଲଗାଇବୁ ନାହିଁ। ତେବେ ସମ୍ମିଳନୀରେ ସାମିଲ ହେବା ପୂର୍ବରୁ ଟ୍ରମ୍ପ କହିଥିଲେ ଯେ ଚୀନ୍ ଆମେରିକାଠାରୁ ମଧ୍ୟ ତେଲ କିଣିବ।

## ୫୨ ବର୍ଷ ପରେ ପେଟରୁ ବାହାରିଲା ଟୁଥ୍‌ବ୍ରଶ୍

ବେଜିଂ, ୨୬।୬ (ଏଜେନ୍ସି): ଚୀନ୍‌ରୁ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ୬୪ ବର୍ଷୀୟ ୟାଙ୍ଗଙ୍କ ପେଟରୁ ଡାକ୍ତର ଏକ ଟୁଥ୍‌ବ୍ରଶ୍ ବାହାର କରିଛନ୍ତି। ଏହା ୫୨ ବର୍ଷ ହେଲା ତାଙ୍କ ପେଟରେ ଫସି ରହିଥିଲା। ପେଟ ଦରଜ ହେବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଯାଞ୍ଚ କରିବା ପରେ କ୍ଷୁଦ୍ରାନ୍ତ୍ରରେ ୧୭ ସେମି ଲମ୍ବର ଏକ ଟୁଥ୍‌ବ୍ରଶ୍ ଥିବା ଜଣା ପଡ଼ିଥିଲା। ଏହାକୁ ବାହାର କରିବା ଏଣ୍ଡୋସ୍କୋପିକ ସର୍ଜରୀ କରିବାକୁ ପଡ଼ିଥିଲା। ୮୦ ମିନିଟର ଅସ୍ତ୍ରୋପଚାର ପରେ ଟୁଥ୍‌ବ୍ରଶ୍‌କୁ ବାହାର କରାଯାଇଥିଲା। ୟାଙ୍ଗ କହିଛନ୍ତି ଯେ ୧୨ ବର୍ଷ ବୟସରେ ସେ ଏହି ବ୍ରଶ୍ ଗିଳି ଦେଇଥିଲେ। ମାତାପିତାଙ୍କ ଡରରେ ସେ କାହାକୁ ଏହା କହି ନ ଥିଲେ। ଏହା ଆପେ ଆପେ ବାହାରିଯିବ ବୋଲି ସେ ଭାବିଥିଲେ। ଏହା ଭାବି ସେ ଜୀବନ ଅତିବାହିତ କରୁଥିଲେ।

## ହିମାଚଳରେ ବାଦଲଫଟା ବର୍ଷା; ଅହମଦାବାଦ ରାଜପଥ ଜାମ୍

ନୂଆଦିଲ୍ଲୀ, ୨୬।୬ (ଏଜେନ୍ସି): ଦେଶର ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ହେଉଛି। ଏଥିଯୋଗୁଁ ମଧ୍ୟପ୍ରଦେଶ, ରାଜସ୍ଥାନ, ଗୁଜରାଟ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଆଦିରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏହି ବନ୍ୟାରେ ହିମାଚଳ ପ୍ରଦେଶ ଏବଂ ଗୁଜରାଟ ସର୍ବାଧିକ ପ୍ରଭାବିତ ହୋଇଛି। ଅହମଦାବାଦରେ ଜଣେ ବାଇକ ଚାଳକ ପ୍ରଖର ସ୍ରୋତରେ ଭାସି ଯାଇ ଡ୍ରେନ୍‌ରେ ଫସି ଯାଇଥିଲେ। ୯ ଘଣ୍ଟା ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସୁରତ ଗୀତାନଗର ଅଞ୍ଚଳରେ ୩ରୁ ୪ ଫୁଟ ପାଣି ଜମି ରହିଛି। ଏଠାରୁ ଜଣେ ଗର୍ଭବତୀଙ୍କୁ ଉଦ୍ଧାର କରାଯାଇଛି। ଭଡୋଦରାରେ ପ୍ରବଳ ବର୍ଷା ଯୋଗୁଁ ଅହମଦାବାଦ-ମୁମ୍ବାଇ ହାଇୱେରେ ବଡ଼ ବଡ଼ ଖାତ ହୋଇଯାଇଛି। ଏଥିପାଇଁ ୧୫ କିମି ପର୍ଯ୍ୟନ୍ତ ଜାମ୍ ଲାଗିଛି।

**■ ୫ ମୃତ, ୭ରୁ ଅଧିକ ନିଖୋଜ**

**■ ଫସିଛନ୍ତି ୨ ହଜାର ପର୍ଯ୍ୟଟକ**

ସେହିପରି ହିମାଚଳରେ ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ କ୍ଷୟକ୍ଷତି ହୋଇଛି। ବୁଧବାର କୁଲ୍ଲୁ ଜିଲ୍ଲାର ଜୀଭା ନାଳ, ସିଲାଗଡ଼ ଘାଟୀ, ସୋ ଗ୍ୟାଲେରି, ହୋରନଗଡ଼, କାଙ୍ଗଡ଼ା ଏବଂ ଧର୍ମଶାଳାର ଖନିୟାରାରେ ବାଦଲଫଟା ବର୍ଷା ହୋଇଛି। ଏଥିରେ ୫ ଜଣ ପ୍ରାଣ ହରାଇଥିବାବେଳେ ୭ରୁ ଅଧିକ ନିଖୋଜ ଅଛନ୍ତି। ୧୫ରୁ ୨୦ ଲୋକ ଭାସିଯାଇଥିବାବେଳେ ସେମାନଙ୍କ ଖୋଜ ଖବର ମିଳିପାରି ନାହିଁ। ବିଭିନ୍ନ ପର୍ଯ୍ୟଟନସ୍ଥଳରେ ଫସିଛନ୍ତି ୨ ହଜାର ପର୍ଯ୍ୟଟକ। ଏହା ବ୍ୟତୀତ ମଧ୍ୟପ୍ରଦେଶର ଜବଲପୁର-ବିଦିଶାରେ ଘରେ ଘରେ ପାଣି ପଶି ଯାଇଛି। ରାଜସ୍ଥାନରେ ଅଜମେରରେ ବନ୍ଧରେ ଛିଡ଼ା ହୋଇ ସେଲ୍‌ଫି ନେଉଥିବା ଜଣେ ଯୁବକର ପାଣି ବୁଡ଼ି ମୃତ୍ୟୁ ହୋଇଛି।

## ଏବେ ଉଡ଼ିବ ଇଲେକ୍ଟ୍ରିକ୍ ବିମାନ

ୱାଶିଂଟନ, ୨୬।୬ (ଏଜେନ୍ସି): ଇଲେକ୍ଟ୍ରିକ ଗାଡ଼ି ପରେ ଏବେ ଇଲେକ୍ଟ୍ରିକ ବିମାନ ସେବା ଆରମ୍ଭ ହେବାକୁ ଯାଉଛି। ପ୍ରଥମ ଥର ପାଇଁ ଏକ ବିଦ୍ୟୁତ ଚାଳିତ ବିମାନ ଆମେରିକାର ଇଷ୍ଟ ହାମ୍ପଟନ୍‌ରୁ ନ୍ୟୁୟର୍କ ପର୍ଯ୍ୟନ୍ତ ଉଡ଼ାଣ ଭରିଛି। ବିଟା ଟେକ୍ନୋଲୋଜି କମ୍ପାନୀର ଏହି ବିମାନ ସିଏକ୍ସ୩୦୦ ୪ ଯାତ୍ରୀଙ୍କୁ ନେଇ ୧୩୦ କିମି ଯାତ୍ରା କରିଛି। ଏଥିପାଇଁ ମାତ୍ର ୭୦୦ ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲିକପ୍ଟରେ ଏତିକି ବାଟ ଯିବା ପାଇଁ ୧୩ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫଏଏ) ଏହି ବିମାନକୁ ପ୍ରମାଣପତ୍ର ଦେବ ବୋଲି ଆଶା। କମ୍ପାନୀର ପ୍ରତିଷ୍ଠାତା କାଇଲ କ୍ଲାର୍କ କହିଛନ୍ତି ଯେ ଏହି ବିମାନକୁ ଚାର୍ଜ କରି ୧୩୦ କିମି ଉଡ଼ାଣ କରିବା ପାଇଁ ମାତ୍ର ୮ ଡଲାର ଖର୍ଚ୍ଚ (ପ୍ରାୟ ୭୦୦ ଟଙ୍କା) ହେଉଛି। ପାଇଲଟ ଏବଂ ବିମାନ ଖର୍ଚ୍ଚ ଯିବା ସତ୍ତ୍ୱେ ଏହା ସବୁଠୁ ଶସ୍ତା।

## ରେଳ ଧାରଣାରେ କାର୍ ଚଳାଇଲେ ମହିଳା: ଟ୍ରେନ ଚଳାଚଳ ଅଟକିଲା

ହାଇଦରାବାଦ୍, ୨୬।୬(ଏଜେନ୍ସି): ତେଲଙ୍ଗାନାରେ ଜଣେ ମହିଳା ଅଜବ କାଣ୍ଡ ଘଟାଇଛନ୍ତି। ରଙ୍ଗା ରେଡ୍ଡୀ ଜିଲ୍ଲାରେ ଜଣେ ୩୪ ବର୍ଷୀୟା ମହିଳା ରେଳ ଧାରଣ ଉପରେ ହିଁ ନିଜ କାର ଚଳାଉଥିଲେ। ଏହା ଦେଖି ସେଠାରେ ଉପସ୍ଥିତ ରେଳ କର୍ମଚାରୀଙ୍କ ମଧ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ଏହି କାରଣରୁ ୧୦ରୁ ୧୫ଟି ଟ୍ରେନ୍‌କୁ ରୋକାଯାଇଛି କିମ୍ବା ସେଗୁଡ଼ିକର ଗତିପଥ ବଦଳାଇବାକୁ ନିଷ୍ପତ୍ତି ନିଆଯାଇଛି। ଶଙ୍କରପଲ୍ଲୀ ନିକଟରେ ଘଟିଥିବା ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଛି। ୧୩ ସେକେଣ୍ଡର ଏହି ଭିଡିଓରେ ମହିଳା ଜଣକ ନିଜ କିଆ ସୋନେଟ କାରକୁ ରେଳଧାରଣ ଉପରେ



ଚଳାଉଥିବାର ଦେଖାଯାଉଥିଲା। ଭାଇରାଲ ହୋଇଥିବା ଆଉ ଏକ ଭିଡିଓରେ ସ୍ଥାନୀୟ ଲୋକ, ରେଳ କର୍ମଚାରୀ ଓ ପୁଲିସ ମିଶି କରି ମହିଳାଙ୍କୁ କାରରୁ ବାହାର କରିବାକୁ ପ୍ରୟାସ କରୁଥିବାର ଦେଖାଯାଉଛି। ମହିଳାଙ୍କୁ କାରରୁ ବାହାର କରି ସେଠାରେ ଉପସ୍ଥିତ ଭିଡ଼ ତାଙ୍କ ହାତ ବାନ୍ଧି ଦେଇଥିଲେ। ଏହି ଘଟଣାକୁ ନେଇ ତଦନ୍ତ ଜାରି ରହିଛି। ମହିଳାଙ୍କ ମାନସିକ ସ୍ଥିତି ନେଇ ପ୍ରଶ୍ନ ଉଠିଛି। ବହୁ ରେଳ କର୍ମଚାରୀ ଓ ପୁଲିସ୍ ଏହି କାର ପଛରେ ଦୌଡ଼ିଥିଲେ ଓ ବଡ଼ କଷ୍ଟରେ କାରକୁ ରୋକିବାରେ ସମର୍ଥ ହୋଇଥିଲେ। ପାଖାପାଖି ୨୦ ଜଣ ମିଶି ମହିଳାଙ୍କୁ କାରରୁ ବାହାର କରିବାରେ ସମର୍ଥ ହୋଇଥିଲେ। ଏହି ପ୍ରକ୍ରିୟାରେ ମହିଳା ଜଣକ ଆଦୌ ସହଯୋଗ କରୁ ନଥିଲେ। ସମ୍ପୃକ୍ତ ମହିଳା ଜଣକ ଏକ ମଲ୍ଟି ନ୍ୟାସନାଲ କମ୍ପାନୀରେ କାର୍ଯ୍ୟ କରୁଛନ୍ତି ବୋଲି ରେଲୱେ ପୁଲିସ ତଦନ୍ତରୁ କୁହାଯାଉଛି। ସେ ଉତ୍ତରପ୍ରଦେଶର ରହନ୍ତି। ସେ ବେଶ୍ ଆକ୍ରମଣାତ୍ମକ ବ୍ୟବହାର କରୁଥିଲେ ଓ ତାଙ୍କ ମାନସିକ ସନ୍ତୁଳନ ଠିକ୍ ନ ଥିଲା ବୋଲି କୁହାଯାଉଛି। କାରରୁ ମହିଳାଙ୍କ ଡ୍ରାଇଭିଂ ଲାଇସେନ୍ସ ଓ ପାନକାର୍ଡ ଜବତ କରାଯାଇଛି। ମହିଳା ଜଣକ ଆମ୍ବହତ୍ୟା କରିବାକୁ ଚେଷ୍ଟା କରୁଥିଲେ କି ନା ସେ ନେଇ ତଦନ୍ତ ଚାଲିଛି ବୋଲି ପୁଲିସ କହିଛନ୍ତି। ଏହି ଘଟଣାରେ ବେଙ୍ଗାଲୁରୁ- ହାଇଦରାବାଦ ଟ୍ରେନ୍ ସମେତ ୧୦ରୁ ୧୫ଟି ପାସେଞ୍ଜର ଟ୍ରେନ୍‌କୁ ଡାଇଭର୍ଟ କରାଯାଇଥିଲା।

## ୧୨ବର୍ଷ ପରେ ବହୁ ଚର୍ଚ୍ଚିତ ଦୀପୁ ଓ ଓମ ହତ୍ୟା ମାମଲାର ରାୟ ପ୍ରକାଶ

# ଧଳସାମନ୍ତ ଭ୍ରାତାଙ୍କ ସମେତ ୮ ଦୋଷମୁକ୍ତ

କଟକ, ୨୬।୬(ସମିସ): କଟକର ବହୁଚର୍ଚ୍ଚିତ ଦୀପୁ ଓ ଓମ ହତ୍ୟା ମାମଲାର ଦୀର୍ଘ ୧୨ ବର୍ଷ ପରେ ଅଦାଲତଙ୍କ ରାୟ ଆସିଛି। ଗତ ଜୁନ ୧୮ ତାରିଖରେ ଏହି ଚର୍ଚ୍ଚିତ ହତ୍ୟାକାଣ୍ଡ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ ଜିଲ୍ଲା ଓ ଦୌରାଜଜ୍। ଆଜି ମାମଲାର ରାୟ ପ୍ରକାଶ କରି ଧଳସାମନ୍ତ ଭ୍ରାତା ଓ ଅନ୍ୟ ୬ଜଣଙ୍କୁ ସାକ୍ଷୀ ପ୍ରମାଣ ଅଭାବରୁ ଜିଲ୍ଲା ଦୌରାଅଦାଲତ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରେ ମୁଖ୍ୟ ଅଭିଯୁକ୍ତ ରହିଥିବା କୁଖ୍ୟାତ ଗ୍ୟାଙ୍ଗଷ୍ଟର ଭ୍ରାତା ସୁଶୀଲ ଧଳସାମନ୍ତ ଓ ସୁଶାନ୍ତ ଧଳସାମନ୍ତଙ୍କୁ ହତ୍ୟା ମାମଲା(ଆଇପିସି ଦଫା ୩୦୨ରୁ ଦୋଷମୁକ୍ତ କରାଯାଇଥିଲେ ହେଁ ଘରେ ଅସ୍ତ୍ରଶସ୍ତ୍ର ରଖିଥିବା ମାମଲା(ଆଇପିସି ୨୫-ଏ)ରେ ୭ବର୍ଷ ଜେଲ ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଅଦାଲତ। ଧଳସାମନ୍ତ ଭ୍ରାତା ଜେଲରେ ଦୀର୍ଘ ୯ବର୍ଷରୁ ଅଧିକ ସମୟ ହେଲାଣି ରହିଥିବା ବେଳେ ସେମାନଙ୍କ ବିରୋଧରେ ଆଉ ଦୁଇ ତିନୋଟି ମାମଲା ବିଚାରାଧୀନ ରହିଛି। ଏଣୁ ଏବେ ସେମାନେ ଜେଲରୁ ମୁକୁଳିପାରିବେ ନାହିଁ ବୋଲି ଜଣାପଡ଼ିଛି। ଧଳସାମନ୍ତ ଭ୍ରାତାଙ୍କ ସମେତ ଆରିଫ ଖାଁ, ଦେବାଶିଷ ସାହୁ, ଦେବାଶିଷ କର, ଭରତ ବେହେରା, ଶୁଭେନ୍ଦୁ ଦାସ ଓ ଦେବଦତ୍ତ ଦାସ ମୋଟ ୮ ଜଣ ଏହି ହତ୍ୟାକାଣ୍ଡ ମାମଲାରୁ ଦୋଷମୁକ୍ତ ହୋଇଛନ୍ତି। ପୂର୍ବରୁ ଏହି ମାମଲା ବିଚାରାଧୀନ ଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତ ଥିବା ଭଜନା ଓ ଭୋଳାଭଗତର ମୃତ୍ୟୁ ହୋଇଯାଇଥିଲା। ସୂଚନାଯୋଗ୍ୟ ଗ୍ୟାଙ୍ଗଷ୍ଟର ସୁଶାନ୍ତ ଓ ସୁଶୀଲ ଧଳସାମନ୍ତଙ୍କ ଏକଦା ପ୍ରମୁଖ ସହଯୋଗୀ ଥିବା ଚାଉଳିଆଗଞ୍ଜ ଥଟାରି ସାହିର ଦୀପୁ ଓରଫ ମନୋଜ ମଲ୍ଲିକ ଓ ଓମ ଓରଫ ଓମପ୍ରକାଶ ସ୍ୱାଇଁଙ୍କୁ ୨୦୧୩ ମସିହାରେ ଅପହରଣ କରି ଆଠଗଡ ଖୁଣ୍ଟକଟା ଫାର୍ମ ହାଉସକୁ ନିଆଯାଇଥିଲା। ସେଠାରେ ସେମାନଙ୍କୁ ପିଟିପିଟି ହତ୍ୟା କରାଯିବା ପରେ ଝାଡଖଣ୍ଡରେ ପୋଡି ଦିଆଯାଇଥିବା ପୁଲିସ ତଦନ୍ତରୁ ଜଣାପଡ଼ିଥିଲା। ଦୀପୁ ଓ ଓମଙ୍କ ନିଖୋଜ ନେଇ ୨୦୧୬ ମସିହାରେ ଦୀପୁର ବାପା ଅଦ୍ୱୈତ ମଲ୍ଲିକ ଓ ଓମର ପତ୍ନୀ ମାନି ସ୍ୱାଇଁଙ୍କ ଏତଲା ଆଧାରରେ ଚାଉଳିଆଗଞ୍ଜ ପୁଲିସ ମାମଲା ରୁଜୁ କରିଥିଲା। ୨୦୧୬ ଜାନୁଆରୀ ୨୯ ତାରିଖରେ କଟକ କମିସନରେଟ ପୁଲିସ ଭୁବନେଶ୍ୱରରୁ ସୁଶାନ୍ତ ଓ ସୁଶୀଲଙ୍କୁ ଗିରଫ କରିଥିଲା। ପରେ ଧଳସାମନ୍ତ ଭ୍ରାତାଙ୍କ ନାମରେ ଚାଉଳିଆଗଞ୍ଜ ପୁଲିସ ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କରିବା ପରେ ଜିଲ୍ଲା ଓ ଦୌରା ଅଦାଲତ ମଧ୍ୟ ଚାର୍ଜଫ୍ରେମ କରି ଶୁଣାଣି କରିଥିଲେ। ଏହି ମାମଲାରେ ଦୀପୁର ମା ଓ ବାପା, ଓମ୍‌ର ପିତା, ଖଣ୍ଟକଟା ଫାର୍ମହାଉସର ସୁପରଭାଇଜର ମାନସ ନାୟକ, ଚାଉଳିଆଗଞ୍ଜ ଥାନାର ତତ୍କାଳୀନ ଇନ୍ସପେକ୍ଟର୍ ରଶ୍ମିରଂଜନ ମହାପାତ୍ର,ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଆଇଆଇସି ଅଜୟ ଦାସ, ଦେବେନ୍ଦ୍ର ବିଶ୍ୱାଳ, ଫରେନସିକ ସାଇନ୍ସ ଲାବୋରୋଟାରୀ(ଏସଏଫଏସଏଲ)ର ସହକାରୀ ନିର୍ଦ୍ଦେଶକ, ଝାଡ଼ଖଣ୍ଡର ଗୁଆ ଫାଣ୍ଡିର ତତ୍କାଳୀନ ଅଧିକାରୀ ବିଜୟ କେରକେରଙ୍କ ସମେତ ମୋଟ ୨୫ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ମାମଲା ଶୁଣାଣିର ବିଭିନ୍ନ ତାରିଖରେ ଧଳଭ୍ରାତାଙ୍କୁ ବାଲେଶ୍ୱର ଓ ବଲାଙ୍ଗୀର ଜେଲରୁ କଡ଼ା ସୁରକ୍ଷାବଳୟରେ ଅଣାଯାଇ ହାଜର କରାଯାଉଥିଲା। ଧଳଭ୍ରାତାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଓ ପ୍ରସନ୍ନ ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ଅବଶିଷ୍ଟାଂଶ...

### ମହାପ୍ରଭୁଙ୍କ ନବଯୌବନ...

୫୦ରେ ଚକା ଅପସର କରାଯାଇଥିଲା। ପରେ ଦଶାବତାର ବା ପଟିଦିଅଁଙ୍କ ନିକଟରେ ମଙ୍ଗଳ ଆଳତି ହୋଇ ଅବକାଶ ନୀତି ବଢ଼ିବା ପରେ ପଟିଦିଅଁ ମଣ୍ଡଣି ଘରକୁ ବିଜେ ହୋଇଥିଲେ। ଅନ୍ୟ ଦିଅଁମାନେ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ସକାଳ ୮ଟାରେ ଅଣସର ତାଟି ଫିଟିବାକୁ ସମୟ ନିର୍ଘଣ୍ଟ ହୋଇଥିଲା। ମାତ୍ର ନୀତିକାନ୍ତି ସଅଳ ଚାଲିଥିବାରୁ ସକାଳ ୭ଟା୨୫ରେ ଫିଟିଥିଲା ଅଣସର ତାଟି। ନବଯୌବନ ବେଶରେ ଦର୍ଶନ ଦେଇଥିଲେ ଦାରୁଦିଅଁ। ପରମାଣିକ ଦର୍ଶନ ସକାଳ ୮ଟାରୁ ଗୋଟିଏ ଘଣ୍ଟା ଧାର୍ଯ୍ୟ ହୋଇଥିଲା। ମାତ୍ର ୭ଟା ୪୦ରୁ ପରିମାଣିକ ଦର୍ଶନ ଆରମ୍ଭ ହୋଇ ୮ଟାରେ ଶେଷ ହୋଇଥିଲା। ପରମାଣିକ ଟିକଟଧାରୀମାନେ ଦକ୍ଷିଣଦ୍ୱାର, ସାତପାହାଚ, ଜୟବିଜୟ ଦ୍ୱାର ଦେଇ ଭିତରକାଠ ନିକଟରେ ଦର୍ଶନ କରିଥିଲେ। ପରମାଣିକ ଦର୍ଶନ ଶେଷ ହେବା ପରେ ସଅଳ ସାହାଣମେଲା ଦର୍ଶନ ହୋଇଥିଲା। ପୂର୍ବରୁ ସକାଳ ୯ଟାରୁ ପୂର୍ବାହ୍ନ ସାଢ଼େ ୧୦ଟା ସାହାଣମେଲା ବା ସର୍ବସାଧାରଣ ଦର୍ଶନ ପାଇଁ ସମୟନିର୍ଘଣ୍ଟ ହୋଇଥିଲା। ମାତ୍ର ସକାଳ ୮ଟାରୁ ସାହାଣମେଲା ବା ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇ ପୂର୍ବାହ୍ନ ସାଢ଼େ ୧୦ଟା ଯାଏ ଚାଲିଥିଲା। ସାହାଣମେଲାରେ ବି ଭକ୍ତମାନେ ଭିତରକାଠରୁ ଭଗବାନଙ୍କୁ ଦର୍ଶନ କରିଥିଲେ। ପରେ ସର୍ବସାଧାରଣ ଦର୍ଶନ ବନ୍ଦ କରାଯାଇ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ନବଯୌବନ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ହୋଇଥିଲା। ସଅଳ ନୀତିକାନ୍ତି ଯୋଗୁଁ ଭକ୍ତମାନେ ଭଲ ଭାବେ ଦର୍ଶନ କରିଥିଲେ। ତେବେ ପରମାଣିକ ଟିକଟଧାରୀଙ୍କ ସଂଖ୍ୟା କମ୍ ଥିବାରୁ ଶୀଘ୍ର ଦର୍ଶନ ସରିଥିଲା।

### ସିଂହଦ୍ୱାରରେ ତିନିରଥ...

ହୋଇଥିଲା। ତିନିବାଡ଼ରୁ ତିନିଜଣ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ଘଣ୍ଟଘଣ୍ଟି, କାହାଳୀ ଶୋଭାଯାତ୍ରାରେ ବଡ଼ଦାଣ୍ଡକୁ ବାହାରିଥିଲେ। ଅପରାହ୍ନ ୪ଟା ୪୫ରେ ଆଜ୍ଞାମାଳ ରଥଖଳାରେ ପହଞ୍ଚିଥିଲା। ପ୍ରଥମେ ବଡ଼ଠାକୁର, ପରେ ଶ୍ରୀଜଗନ୍ନାଥ ଓ ଶେଷରେ ଦେବୀ ସୁଭଦ୍ରାଙ୍କ ରଥରେ ଆଜ୍ଞାମାଳ ବିଜେ ହୋଇଥିଲା। ମହାପ୍ରଭୁଙ୍କ ଆଜ୍ଞା ପାଇବା ପରେ ରଥରେ ଦଉଡ଼ି ଲଗାଯାଇ ସବୁ ଚକରେ ତେଲ ଦିଆଯାଇଥିଲା। ରଥଟଣା ପାଇଁ ବିଜେ କାହାଳୀ ବାଜିବା ପରେ ସିଂହଦ୍ୱାର ଅଭିମୁଖେ ଗଡ଼ିଥିଲା ତିନିରଥ। ରଥ ଟାଣିଥିଲେ ସୁରକ୍ଷା କର୍ମୀ ଓ ସେବାୟତ।

ପରମ୍ପରା ଅନୁଯାୟୀ, ପ୍ରଥମେ ନନ୍ଦିଘୋଷ, ପରେ ଦେବଦଳନ ଏବଂ ଶେଷରେ ତାଳଧ୍ୱଜ ରଥ ସିଂହଦ୍ୱାରରେ ଲାଗିଥିଲା। ସନ୍ଧ୍ୟା ସୁଦ୍ଧା ତିନିରଥ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଯାଇଥିଲା। ପରେ ତିନିରଥକୁ ଫୁଲରେ ସଜାଯାଇଥିବା ବେଳେ ଚାରବନ୍ଧା ଯାଇ ରଥ ଉପରକୁ ସାରଥୀଙ୍କୁ ନିଆଯାଇଥିଲା। ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କ ପହୁଡ଼ ଆଳତି ସରିବା ପରେ

ଶ୍ରୀମୁଖ ଖଣ୍ଡୁଆ ନୀତି ସମ୍ପନ୍ନ ହେବ। ପରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ଲାଗି ବାହୁଟକଣ୍ଟ ଏବଂ ସେନାପଟା କାର୍ଯ୍ୟ ଆରମ୍ଭ କରିବେ। ଶୁକ୍ରବାର ସକାଳ ୬ଟାରେ ମଙ୍ଗଳ ଆଳତି ହେବ। ସକାଳ ୯ଟାରେ ରଥ ପ୍ରତିଷ୍ଠା ପରେ ମଙ୍ଗଳାର୍ପଣ ହୋଇ ସାଢ଼େ ୯ଟାରେ ପହଣ୍ଡି ଆରମ୍ଭ ହେବ। ମଧ୍ୟାହ୍ନ ସାଢ଼େ ୧୨ଟା ସୁଦ୍ଧା ପହଣ୍ଡି ଶେଷ କରାଯାଇ ଅପରାହ୍ନ ୧ଟାରେ ରଥକୁ ରାମକୃଷ୍ଣ, ମଦନମୋହନ ବିଜେ ହେବେ। ଅପରାହ୍ନ ସାଢ଼େ ୨ଟାରୁ ସାଢ଼େ ୩ଟା ମଧ୍ୟରେ ଛେରାପହଁରା ନୀତି ବଢ଼ି ୪ଟା ସୁଦ୍ଧା ରଥ ଟାଣିବା ଲାଗି ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଛି।

ଅନ୍ୟପକ୍ଷରେ, ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। କଡ଼ା ସୁରକ୍ଷା ବଳୟରେ ରହିଛି ପୁରୀ। ଅତ୍ୟାଧୁନିକ ୨୭୫ଟି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ୟାମେରା ଲଗାଯାଇଛି। ଉତ୍ତରା-ପୁରୀ ଏବଂ କୋଣାର୍କ-ପୁରୀ ରାସ୍ତାରେ ବି କ୍ୟାମେରା ରଖିଛି ନଜର। ଓଡ଼ିଶା ପୁଲିସ୍ ଚଳିତବର୍ଷ ପ୍ରଥମଥର ଟ୍ରାଫିକ୍ ସୁପରିଚାଳନା ନିମନ୍ତେ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରିଛି। ଏଥିସହ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ୨୦୫ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି।

### ନବୀନଙ୍କ ଆଶୁ ଆରୋଗ୍ୟ...

ଯତ୍ନ ନେବା ନିମନ୍ତେ ପରାମର୍ଶ ଦେଇଛନ୍ତି।

ସର୍ଭିକାଲ ଆର୍ଥ୍ରାଇଟିସ ଚିକିତ୍ସା ନିମନ୍ତେ ନବୀନ ୨୦ ତାରିଖରେ କୋକିଳାବେନ୍ ହସ୍‌ପିଟାଲରେ ଭର୍ତ୍ତି ହୋଇଥିଲେ ଓ ତାଙ୍କ ବ୍ୟକ୍ତିଗତ ଚିକିତ୍ସକ ଡ଼ା. ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ୨୨ ତାରିଖରେ ତାଙ୍କର ଅସ୍ତ୍ରୋପଚାର ହୋଇଛି। ଦୁଇଦିନ ଆଇସିୟୁରେ ପର୍ଯ୍ୟବେକ୍ଷଣରେ ରହିବା ପରେ ସେ ଗତକାଲି କ୍ୟାବିନ୍‌କୁ ସ୍ଥାନାନ୍ତରିତ ହୋଇଛନ୍ତି ଓ ଦ୍ରୁତ ଆରୋଗ୍ୟଲାଭ କରୁଛନ୍ତି । ପ୍ରତିଦିନ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଡାକ୍ତରଖାନାରେ ଭେଟି ତାଙ୍କର ସୁସ୍ୱାସ୍ଥ୍ୟ ଓ ଶୀଘ୍ର ଆରୋଗ୍ୟ କାମନା କରୁଛନ୍ତି।

### ନବୀନଙ୍କ ସହ କଥା...

ଜ୍ଞାପନ କରିଛନ୍ତି। ଓଡ଼ିଶାର ସେବା କରିବା ପାଇଁ ନବୀନଙ୍କୁ ଅଶେଷ ଶକ୍ତି ଓ ସୁସ୍ୱାସ୍ଥ୍ୟ ଦିଅନ୍ତୁ ବୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ଶ୍ରୀ ଖଡ଼୍‌ଗେ କହିଛନ୍ତି। ଅନୁରୂପ ଭାବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ନବୀନଙ୍କୁ ଫୋନ କରି ତାଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଛନ୍ତି। ଭଗବାନ ଆପଣଙ୍କୁ ଶୀଘ୍ର ସୁସ୍ଥ କରିଦେବେ ବୋଲି ଆଶା କରୁଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ସୁସ୍ଥତା କାମନା କଲେ...

ଜନ୍ ବ୍ରିଟାସ୍, ସାଂସଦ ଅଶୋକ କୁମାର ମିତ୍ତଲ, ଡିଏମ୍‌କେ ନେତ୍ରୀ କାନିମୋଝି ପ୍ରମୁଖ ନବୀନଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି।

ଶିବସେନା ସାଂସଦ ପ୍ରିୟଙ୍କା ଚତୁର୍ବେଦୀ ଉଲ୍ଲେଖ କରିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶାର ସବୁଠାରୁ ଲୋକପ୍ରିୟ ବ୍ରାଣ୍ଡ ଆମ୍ବାସାଡର ନବୀନ ପଟ୍ଟନାୟକ ଶୀଘ୍ର ଆରୋଗ୍ୟଲାଭ କରନ୍ତୁ। ଉତ୍ତମ ସ୍ୱାସ୍ଥ୍ୟ ଲାଭ କରି ଓଡ଼ିଶାବାସୀଙ୍କ ପାଇଁ ବର୍ଷବର୍ଷ ସେବା କରିନ୍ତୁ ବୋଲି କାମନା କରୁଛି । ସେହିପରି ଶଶୀ ଥରୁର କହିଛନ୍ତି ଯେ ନବୀନ ବାବୁଙ୍କ ଅସ୍ତ୍ରୋପଚାର ସୂଚନା ପାଇଛି। ସେ ବର୍ତ୍ତମାନ ସୁସ୍ଥ ଥିବା ଖବର ଆଶ୍ୱସ୍ତ କରିଛି । ନବୀନଙ୍କ ଶୀଘ୍ର ଓ ସମ୍ପୂର୍ଣ୍ଣ ଆରୋଗ୍ୟ କାମନା କରୁଛି ବୋଲି ଥରୁର୍ ଉଲ୍ଲେଖ କରିଛନ୍ତି। ଅଶୋକ ମିତ୍ତଲ କହିଛନ୍ତି ଯେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୀଘ୍ର ଏବଂ ସମ୍ପୂର୍ଣ୍ଣ ଆରୋଗ୍ୟ କାମନା କରୁଛି। ନବୀନଙ୍କର ଶକ୍ତି, ସ୍ଥିରତା ଏବଂ ଓଡ଼ିଶା ପ୍ରତି ସମର୍ପଣ ସର୍ବଦା ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେଇଆସିଛି। ଆପଣ ଶୀଘ୍ର ସୁସ୍ଥ ହୁଅନ୍ତୁ ଏବଂ ଅଧିକ ଶକ୍ତିଶାଳୀ ହୋଇ ଫେରି ଆସନ୍ତୁ ବୋଲି ସେ ଲେଖିଛନ୍ତି। ଅଭିଷେକ ମନୁସିଂଘଭୀ କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ସଫଳ ଚିକିତ୍ସା ପ୍ରକ୍ରିୟା ଏବଂ ତାଙ୍କ ଆରୋଗ୍ୟଲାଭ ବିଷୟରେ ଶୁଣି ଖୁସି ଅନୁଭବ କରୁଛି। ଜଣେ ଅତ୍ୟନ୍ତ ଭଦ୍ରଲୋକ, ମୃଦୁଭାଷୀ । ନବୀନବାବୁଙ୍କ ନିକଟରେ ଓଡ଼ିଶା ଏବଂ ଭାରତ ପାଇଁ ଆହୁରି ଅନେକ ବର୍ଷ ପର୍ଯ୍ୟନ୍ତ ଜନସେବା ବାକି ଅଛି। ତାଙ୍କର ସମ୍ପୂର୍ଣ୍ଣ ଏବଂ ଶୀଘ୍ର ଆରୋଗ୍ୟ ଏବଂ ସୁସ୍ଥତା କାମନା କରୁଛି। ତାମିଲ୍‌ନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ୍ କହିଛନ୍ତି ଯେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚିକିତ୍ସା କରୁଥିବା କୋଏମ୍ବାଟୁରର ଡାକ୍ତର ରାଜଶେଖରଙ୍କ ସହ କଥା ହୋଇଛି । ନବୀନଙ୍କ ସ୍ୱାସ୍ଥ୍ୟ ଭଲ ଅଛି । ମୁଁ ତାଙ୍କର ଶୀଘ୍ର ଓ ସମ୍ପୂର୍ଣ୍ଣ ଆରୋଗ୍ୟ କାମନା କରୁଛି ।

### କାଶ୍ମୀର ଯୁବକକୁ...

ପାକିସ୍ତାନ ଲିଙ୍କ୍ ରହିଥିବା ନେଇ ସେ ସମୟରେ ଚର୍ଚ୍ଚା ହୋଇଥିଲା। ତେବେ ତା' ନିକଟରୁ କୌଣସି ପାକିସ୍ତାନ ଲିଙ୍କ୍ ରହିଥିବା ସୁରାଖ ମିଳିନଥିଲା। ବୁଖାରୀ ଜଣେ ବଡ଼ ଠକ ବୋଲି ପୁଲିସ ତଦନ୍ତରେ ଜଣାପଡ଼ିଥିଲା। ବିଭିନ୍ନ ଠକେଇ ମମଲାରେ ତା'ର ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ଠକେଇ ମାମଲାରେ ପୁଲିସ ତାକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେବେଠାରୁ ସେ ବିଚାର ବିଭାଗୀୟ ଜେଲରେ ରହୁଥିବା ବେଳେ ଚଣ୍ଡିଖୋଲ କୋର୍ଟରେ ତା'ର ବିଚାର ଚାଲିଥିଲା। ଆଜି ଏହାର ରାୟ ପ୍ରକାଶ ପାଇଛି। ବୁଖାରୀକୁ ଚଣ୍ଡିଖୋଲ କୋର୍ଟ ଆଜି ବିଭିନ୍ନ ମାମଲାରେ ୫ବର୍ଷ ଦଣ୍ଡାଦେଶ ରାୟ ଶୁଣାଇଛନ୍ତି ବୋଲି ସରକାରୀ ଓକିଲ ପ୍ରକାଶ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି।


**RAGHUNATHJEW H.S SCHOOL**
DEULASAHI, CUTTACK-753008
**WALK IN INTERVIEW**

Wanted Teaching Guest Faculties for Education, Logic, Sanskrit, Odia, Commerce, I.T., subjects will be held in the office of the undersigned at 08:45 a.m. on 30/06/2025. Interested candidates having minimum 55% of marks in concerned subjects in master degree level should attend the interview with their Resume, original photo copied testimonials.

Sd/- Principal
Raghunathjew H.S. School
Deulasahi, Cuttack-8



O-328
email- serwsbd2003@yahoo.com
GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA

**e- Procurement Notice for Building works**

1 Name of the work : Construction of Building Works - 03 Nos
3 Class of contractor : "B" & "A" Class of (Odisha PWD) or relevant class of other licensing authority.
3 Estimated Cost : Various from Rs.102.51 Lakhs to Rs.217.15 Lakhs (Approximately)
4 Details projects as per Annexure attached. :

| Procurement Officer | Bid Identification No | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD – Online – 06/2025-26 | 01.07.2025 at 11.00 A.M. | 19.07.2025 up to 5.00 P.M. | 18.07.2025 up to 2.00 P.M. | 21.07.2025 at 11.00 A.M. | To be intimated separately |

5. The details of works can be seen from the web site https://www.tendersodisha.gov.in
6. Any Corrigendum/Addendum will be displayed in the above e-tender web site.

OIPR-25182/11/0063/2526
Chief Construction Engineer,
Rural Works Circle, Sunabeda.



यूनियन बैंक ऑफ इंडिया Union Bank of India
Nanganallur 3
ପ୍ଲଟ ନଂ. ସି-୬୦, ଦ୍ୱାର ନଂ. ୨୭, ସର୍ଭେ ନଂ. ୨୫, ଅଞ୍ଜଳି ଆପାର୍ଟମେଣ୍ଟସ୍, ୪ର୍ଥ ମୁଖ୍ୟ ରାସ୍ତା, ନାଙ୍ଗାନାଲ୍ଲୁର, ଚେନ୍ନାଇ ୬୦୦ ୦୬୧
ଇମେଲ: ubin0907791@unionbankofindia.bank

**ସରଫେସୀ ଆଇନ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ**

ପ୍ରତି
ଋଣଗ୍ରହୀତା(ମାନେ)/ବନ୍ଧକଦାତା(ମାନେ): ୧. ଶ୍ରୀମତୀ ଆଭାରାଣୀ ମହାପାତ୍ର,
ମୃତ ଋଣଗ୍ରହୀତା ତଥା ବନ୍ଧକଦାତା ସ୍ୱର୍ଗତ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ସମ୍ପତ୍ତି, ନିମ୍ନଲିଖିତ ଆଇନଗତ ଉତ୍ତରାଧିକାରୀଙ୍କ ଦ୍ୱାରା ପ୍ରତିନିଧିତ୍ୱ କରାଯାଇଛି।
୨. ଶ୍ରୀମତୀ ଆଭାରାଣୀ ମହାପାତ୍ର (ମୃତକଙ୍କ ପତ୍ନୀ),
୩. ଶ୍ରୀ ଅଭିଷେକ ମହାପାତ୍ର (ମୃତକଙ୍କ ପୁତ୍ର)
ସମସ୍ତଙ୍କ ଠିକଣା: ଫ୍ଲାଟ ନଂ. ୨୫-ବି/୧, ବିଷ୍ଣୁ ପ୍ରିୟା ଫ୍ଲାଟସ୍, ୧ମ ମୁଖ୍ୟ ରାସ୍ତା, ଥିଲ୍ଲାଇ ଗଙ୍ଗା ନଗର, ନାଙ୍ଗାନାଲ୍ଲୁର, ଚେନ୍ନାଇ ୬୦୦୦୬୧
ଅନ୍ୟ ଠିକଣା: ଶିବାନନ୍ଦ ଗେଷ୍ଟ ହାଉସ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ପଛପଟେ, ଭିଆଇପି ରୋଡ, ପୁରୀ-୭୫୨୦୦୨।
ମହୋଦୟ/ମହୋଦୟା,
ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ର ଧାରା ୧୩(୨) ସହିତ ଧାରା ୧୩(୩) ଅନୁଯାୟୀ ନୋଟିସ।
ଆପଣମାନେ, ଉପରେ ଉଲ୍ଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନେ, ଆମର ଚେନ୍ନାଇ ନାଙ୍ଗାନାଲ୍ଲୁର ୩ ଶାଖାରୁ ନିମ୍ନଲିଖିତ ଋଣ ସୁବିଧା ଗ୍ରହଣ କରିଛନ୍ତି ଏବଂ ବକେୟା / କିସ୍ତି / ସୁଧ /ଖାତାକୁ ସନ୍ତୋଷଜନକ ଭାବେ ପରିଚାଳନା କରିବାରେ ବିଫଳ ହୋଇଛନ୍ତି। ତେଣୁ, ଆରବିଆଇ ନିର୍ଦ୍ଦେଶାବଳୀ ଅନୁଯାୟୀ ଆୟ ସ୍ୱୀକୃତି ଏବଂ ସତର୍କତାପୂର୍ଣ୍ଣ ହିସାବ ନୀତି ଅନୁସାରେ, ଆପଣଙ୍କ ଖାତା(ଗୁଡ଼ିକ)କୁ ୩୧.୦୩.୨୦୨୫ ସୁଦ୍ଧା ଅଣ-ନିଷ୍ପାଦନଶୀଳ ସମ୍ପତ୍ତି (ନନ-ପରଫର୍ମିଂ ଆସେଟ୍) ଭାବେ ଶ୍ରେଣୀବଦ୍ଧ କରାଯାଇଛି। ୩୧.୦୩.୨୦୨୫ ସୁଦ୍ଧା ଆପଣଙ୍କ ଖାତା(ଗୁଡ଼ିକ)ରେ ମୋଟ ଟଙ୍କା ୭,୪୮,୯୭୮.୭୯/- (ସାତ ଲକ୍ଷ ଅଠଚାଳିଶ ହଜାର ନଅଶହ ଅଠସ୍ତରୀ ଟଙ୍କା ଓ ଅଣାଅଶୀ ପଇସା) ବକୟା ରହିଛି।
ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କଠାରୁ ବ୍ୟାଙ୍କକୁ ବକେୟା ରାଶିର ବିବରଣୀ ନିମ୍ନଲିଖିତ ଅନୁସାରେ ରହିଛି:

| କ୍ର.ନଂ. | ସୁବିଧା/ଋଣ | ସୀମା (ଲକ୍ଷରେ) | ସମୟରେ | ୩୧.୦୩.୨୦୨୫ ସୁଦ୍ଧା ବକେୟା ଦେୟ |
|---|---|---|---|---|
| ୧ | ଗୃହ | ୧୫.୦୦ | ୧୦୦୯-୨୦୧୦ | ଟ.୭,୪୮,୯୭୮.୭୯/- |

ବ୍ୟାଙ୍କକୁ ବକେୟା ଅର୍ଥ କିମ୍ବା ଭବିଷ୍ୟତରେ ବକେୟା ହେବାକୁ ଥିବା ଅର୍ଥର ପରିଶୋଧ ନିଶ୍ଚିତ କରିବା ପାଇଁ, ସ୍ୱର୍ଗତ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ର ଏବଂ ଶ୍ରୀମତୀ ଆଭାରାଣୀ ମହାପାତ୍ର ତାରିଖ ୩୧.୧୨.୨୦୦୯ରେ ଏବଂ ୦୨.୦୩.୨୦୧୦ରେ ଏମଓଡିଟି (MODT) ତାରିଖରେ ଦଲିଲ ସମ୍ପାଦନ କରିଥିଲେ /କରିଛନ୍ତି ଏବଂ ଏହାଦ୍ୱାରା ନିମ୍ନଲିଖିତ ଭାବେ ସୁରକ୍ଷା ସୁଧ ସୃଷ୍ଟି କରିଛନ୍ତି:
**ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ବିବରଣୀ ନିମ୍ନରେ ଦିଆଗଲା:**
ସମ୍ପତ୍ତି ୧: ଆବାସିକ ଫ୍ଲାଟ ନଂ. ୨-ବି୨, ପ୍ରଥମ ମହଲା, ବିଷ୍ଣୁ ପ୍ରିୟା ଫ୍ଲାଟସ୍, ୧ମ ମୁଖ୍ୟ ରାସ୍ତା, ଥିଲ୍ଲାଇ ଗଙ୍ଗା ନଗର, ନାଙ୍ଗାନାଲ୍ଲୁର, ଚେନ୍ନାଇ ୬୦୦୦୬୧, ଯାହାର ପ୍ଲିନ୍ଥ କ୍ଷେତ୍ରଫଳ ପ୍ରାୟ ୭୫୩.୫ ବର୍ଗଫୁଟ, ଯେଉଁଥିରେ ୪୮.୬୯ ବର୍ଗଫୁଟ ସାଧାରଣ କ୍ଷେତ୍ର ଅନ୍ତର୍ଭୁକ୍ତ, ଏବଂ ପ୍ରାୟ ୩୨୧୦ ବର୍ଗଫୁଟ ଜମିରେ ୧/୪ଅଂଶ ଅବିଭାଜିତ ଅଧିକାର, ସ୍ୱତ୍ୱ ଏବଂ ସୁଧ ସହିତ, ଯାହା ପ୍ଲଟ ନଂ. ୬, ୧ମ ମୁଖ୍ୟ ରାସ୍ତା, ଥିଲ୍ଲାଇ ଗଙ୍ଗା ନଗର, ନାଙ୍ଗାନାଲ୍ଲୁର, ଚେନ୍ନାଇ ୬୦୦୦୬୧ରେ ଅବସ୍ଥିତ, ପାଲାଭାକ୍କାଙ୍ଗଲ ଗାଁ, ଆଲନ୍ଦୁର ତାଲୁକ, କାଞ୍ଚୀପୁରମ ଜିଲ୍ଲାର ସର୍ଭେ ନଂ. ୧୯/୧ (ଆଂଶିକ)ରେ ଅନ୍ତର୍ଭୁକ୍ତ, ଯାହା ଦକ୍ଷିଣ ଚେନ୍ନାଇ ନିବନ୍ଧନ ଜିଲ୍ଲା ଏବଂ ଆଲନ୍ଦୁର, ଚେନ୍ନାଇର ଉପ-ନିବନ୍ଧନ ଜିଲ୍ଲା ମଧ୍ୟରେ ଅବସ୍ଥିତ।
ଚାରିପାର୍ଶ୍ୱରେ (ମୋଟ ୩୨୧୦ ବର୍ଗଫୁଟ ଜମି): ଉତ୍ତର: ୨୦ ଫୁଟ ଚଉଡ଼ା ରାସ୍ତା, ଦକ୍ଷିଣ: ପ୍ଲଟ ନଂ. ୧୦, ପଶ୍ଚିମ: ପ୍ଲଟ ନଂ. ୫, ପୂର୍ବ: ପ୍ଲଟ ନଂ. ୭
ଆପଣମାନେ, ନଂ. ୨ ଏବଂ ନଂ. ୩, ମୃତ ଋଣଗ୍ରହୀତା ସ୍ୱର୍ଗତ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ଆଇନଗତ ଉତ୍ତରାଧିକାରୀ ହିସାବରେ, ସ୍ୱର୍ଗତ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ସୁରକ୍ଷା ସମ୍ପତ୍ତିଗୁଡ଼ିକୁ ଉତ୍ତରାଧିକାର ସୂତ୍ରେ ପାଇଛନ୍ତି। ତେଣୁ, ସ୍ୱର୍ଗତ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ଆଇନଗତ ଉତ୍ତରାଧିକାରୀ ହିସାବରେ, ଆପଣମାନେ ସ୍ୱର୍ଗତ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ଦ୍ୱାରା ଗୃହୀତ ଉପରୋକ୍ତ ଦାୟିତ୍ୱ ଏବଂ ବକେୟା ପରିଶୋଧ କରିବା ପାଇଁ ଦାୟୀ ଅଟନ୍ତି। ତେଣୁ, ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ, ଆପଣଙ୍କୁ ଏହି ନୋଟିସ ମାଧ୍ୟମରେ ତାରିଖ ୩୧.୦୩.୨୦୨୫ ସୁଦ୍ଧା ବକେୟା ଥିବା ଟଙ୍କା ୭,୪୮,୯୭୮.୭୯/- (ସାତ ଲକ୍ଷ ଅଠଚାଳିଶ ହଜାର ନଅଶହ ଅଠସ୍ତରୀ ଟଙ୍କା ଓ ଅଣାଅଶୀ ପଇସା) ଏବଂ ଋଣ ଦଲିଲର ସର୍ତ୍ତାବଳୀ ଅନୁଯାୟୀ ଚୁକ୍ତିବଦ୍ଧ ହାରରେ ଅଧିକ ସୁଧ ଏବଂ ଶୁଳ୍କ ସହିତ ପରିଶୋଧ କରିବାକୁ ଏବଂ ଏହି ନୋଟିସ ପ୍ରାପ୍ତିର ତାରିଖଠାରୁ ୬୦ ଦିନ ମଧ୍ୟରେ ଆପଣଙ୍କ ସମସ୍ତ ଦାୟିତ୍ୱ ସମ୍ପୂର୍ଣ୍ଣ ରୂପେ ପରିଶୋଧ କରିବାକୁ ଅନୁରୋଧ କରାଯାଉଛି। ଏହା କରିବାରେ ବିଫଳ ହେଲେ, ଆମେ ଉକ୍ତ ଆଇନ ଅନୁଯାୟୀ ପ୍ରଦତ୍ତ ଅଧିକାରଗୁଡ଼ିକ ମଧ୍ୟରୁ କୌଣସି ଏକ ବା ସମସ୍ତ ଅଧିକାର ପ୍ରୟୋଗ କରି ଉପରୋକ୍ତ ସୁରକ୍ଷା ସମ୍ପତ୍ତିଗୁଡ଼ିକୁ ପ୍ରବର୍ତ୍ତନ କରିବାକୁ ବାଧ୍ୟ ହେବୁ।
ଆଇନର ଧାରା ୧୩(୧୩) ଅନୁଯାୟୀ, ଏହି ନୋଟିସ ପ୍ରାପ୍ତ ହେବା ପରେ ଆପଣମାନେ ବ୍ୟାଙ୍କର ସମ୍ମତି ବିନା ଉପରୋକ୍ତ ସୁରକ୍ଷା ସମ୍ପତ୍ତିଗୁଡ଼ିକୁ ବିକ୍ରୟ କରିବା କିମ୍ବା କୌଣସି ପ୍ରକାରେ ବ୍ୟବହାର କରିବାରୁ ନିଷେଧିତ/ପ୍ରତିରୋଧିତ ହୋଇଛନ୍ତି।
ସୁରକ୍ଷା ସମ୍ପତ୍ତିଗୁଡ଼ିକୁ ମୁକ୍ତ କରିବା ପାଇଁ ଉପଲବ୍ଧ ସମୟ ସମ୍ପର୍କରେ ସାରଫେସୀ ଆଇନର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥାଗୁଡ଼ିକ ପ୍ରତି ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି।
ସ୍ଥାନ: ଚେନ୍ନାଇ, ତାରିଖ: ୩୧.୦୫.୨୦୨୫ ସ୍ୱା/- ଅଧିକୃତ ଅଧିକାରୀ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ



**AFFIDAVIT**
By virtue of an Affidavit No. 360/20/06/2025 I, Suchismita Padhi, W/o- Amitav Kumar Nanda, R/o- Sonepur, Gokarneswar Para, Po/Ps- Sonepur, Odisha, 767017 do hereby declared that I shall be known as Suchismita Padhi instead of Suchismita Nanda in all purposes.
Sd/- Suchismita Padhi

**WANTED**
ବୟସ୍କ ଲୋକ କେୟାର, ବେବିକେୟାର ଓ ରୋଷେଇ, ଘର କାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ମିଳିବ
6370964966

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
GADHWAL GROUP
Mob.: 9437015112

**AFFIDAVIT**
By virtue of affidavit sworn before Notary Public Puri Affidavit No.: 33, dtd. 26.06.2025 Nibedita Satapathy, D/o-Dasharathi Satapathy Bhagabanpur, Brahmagiri, Puri. I have declared that my father's name Dasharathi Satapathy and Dasarathi Satapathy is one and same person.

**AFFIDAVIT**
By virtue of an affidavit No. 321, dt. 29.5.2025 sworn before the Executive Magistrate, Rajesh Kumar Hota S/o Gangadhar Hota, P.O./P.S. Komna, Dist. Nuapada state that my daughter's actual and correct name is ARADHANA HOTA.But in her Aadhaar card no. 2745 3218 7088, her name is wrongly recorded as Annal Hota.Her name should be corrected as **ARADHANA HOTA**, D/o Rajesh Kumar Hota and Sagarika Hota.

**TO-LET**
Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
CONTACT : 6371093914

**AFFIDAVIT**
By Virtue of an affidavit sworn before P.K Mishra (O.R.S) Executive Magistrate, Balasore .Sl No- 7292 Dt- 21/06/2025.I Mallika Dei,W/o- Late. Bhagabat Jena, D/o- Late. Mushina Jena, of Village- Ghagarapal, Po- Udambar, Ps-Industrial,Dist- Balasore,Pin-756019 ,My Voter Id No-ZHO0227959 & D.O.B – 01/01/1958 .That my Name wrongly mentioned Aadhar Card – 643151138321 As Tulasi Majhi instead of Mallika Dei. I declared that Mallika Dei & Tulashi Majhi same and one person for all future purposes.
Mallika Dei

**AFFIDAVIT**
I, Smt. Sukmati Chattar, wife of Army No. 1490884A Ex-Hav Damodar Chattar residing at Vill - Baria, PO - Mananda Biunria, PS - Jashipur, Dist-Keonjhar, Odisha, have changed my name from Smt. Sukmati Chattar to Smt. Arati Chattar & Date of Birth is 11/03/1966 vide affidavit dtd. 02/05/2025 before Notary Keonjhar (Odisha). Hence Smt. Sukmati Chattar and Smt. Arati Chattar both are same and one person. Henceforth I will be known as **Smt. Arati Chattar** in all purposes.

**AFFIDAVIT**
I, Chitrasen Ananta Sahu, S/o- Ananta Sahu, resident of At- Sadasibapur VTC, PO- Gandala, PS-Hinjili, Dist- Ganjam, Pin-761003, Odisha declare by this affidavit No.575, dated- 16/06/2025 that now onwards I shall be known as **CHITRASEN SAHU** for all future purposes.

**AFFIDAVIT**
By virtue of an affidavit sworn before The Executive Magistrate, Bhubaneswar dated- 16/04/2025. I, **Ramesh Bhoi,** Address: At- Brahmakundal, PO- Retanga, PS- Airfield, Bhubaneswar, Dist- Khordha, Odisha declare that I have changed my minor son's name from **Om Prakash Sahoo To Om Prakash Bhoi.** Henceforth, he shall be known as **Om Prakash Bhoi** for all future purposes.
**Ramesh Bhoi**

**AFFIDAVIT**
By virtue of an affidavit before The Notary Public, Titilagarh, on dated- 25/06/2025. I, **Mukteswari Bhoi** (new name), formerly called as **Mukteswar Bhoi** (old name), D/o- Nishakanta Bhoi, Permanent resident of AT- Kotenmunda, P.O.- Bhuliasikuan, P.S. Khariar, Dist- Nuapada, (Odisha), PIN- 766107 now residing at the same place affirm that I have changed my name from **Mukteswar Bhoi** (old name) To **Mukteswari Bhoi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Mukteswari Bhoi** (new name).
**Mukteswari Bhoi**

**AFFIDAVIT**
By virtue of an affidavit before the Executive Magistrate, Titilagarh, on dated- 26/06/2025. I, **Basanti Nag,** now lately called as **Pasanti Majhi,** Wife of Rajendra Nag, permanent resident of AT- Kumudipadar, PO- Desil, PS- Titilagarh, Dist- Balangir, (Odisha), PIN- 767033 now residing at the same place affirm that I have changed my name from **Pasanti Majhi To Basanti Nag.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Basanti Nag** (new name).
**Basanti Nag**

**AFFIDAVIT**
By virtue of an affidavit sworn before The Executive Magistrate, Champua dated- 25/06/2025. I, **Priyanka Priyadarshini Sarangi,** W/o- Shasibhusan Sarangi, currently resident of AT/PO- Nakasara, PS- Ghagarbeda, Dist- Mayurbhanj, PIN-757035, Odisha declare that I have changed my name from **Priyanka Priyadarshini Behera To Priyanka Priyadarshini Sarangi.** Henceforth, I shall be known as **Priyanka Priyadarshini Sarangi,** W/o- Shasibhusan Sarangi for all future purposes.
**Priyanka Priyadarshini Sarangi**



Office of the Principal
**PANCHAYAT SAMITI COLLEGE GAISILAT**
Dist.- Bargarh, Pin-768037
**Tender Call Notice**
Invited sealed quotations from deputed Farms / Agency / Vendors to supply 8.00 lakhs IT equipment's project at the college office by post /by hand on or before 30.06.2025. For more details call: - 9937145100 (Principal) as per Govt rate.
Sd/- Principal
PS College, Gaisilat

Office of the Principal
**SALANDI DEGREE MAHAVIDYALAYA**
UTTARABAHINI, BHADRAK – 756181
Ph. (06784) 250991, Mob. 9090209949 (Principal)
E-mail: salandidegreemv@rediffmail.com
Walk-in-Interview for male candidates for the following posts in our college – Lecturers in Pol.Sc, Economics, English, Urdu and work with at least 55% marks in P.G. in respective subjects and practical computer knowledge and one clerk with graduation and practical computer knowledge of accounting and office work for seven hours.
**Date of Interview - 14.7.2025**
**Registration - 10 AM to 11 AM**
Documents – All original certificates + matriculation onwards with complete Biodata. Principal, Salandi Degree Mahavidyalaya, Uttarabahini, Bhadrak – 756181
Sd/- Principal
SALANDI DEGREE MAHAVIDYALAYA
UTTARABAHINI, BHADRAK



**EASTERN INVESTMENTS LIMITED**
CIN: L65993OR1927GOI034842
Regd. Office :Plot No:255, Pristine Green, Pokhariput, Bhubaneswar-751020.
*Statement of Standalone & Consolidated Audited Financial Results For the quarter and year ended 31st March' 2025*
(Rs in lakhs)

| Sl No. | Particulars | Standalone | | | | Consolidated | | | |
|---|---|---|---|---|---|---|---|---|---|
| | | Quarter Ended | | Year Ended | | Quarter Ended | | Year Ended | |
| | | 31.03.2025 | 31.03.2024 | 31.03.2025 | 31.03.2024 | 31.03.2025 | 31.03.2024 | 31.03.2025 | 31.03.2024 |
| | | (Reviewed) | | (Audited) | | (Reviewed) | | (Audited) | |
| 1 | Total Income from Operation (including Other Income) | (19.40) | (6.90) | 44.27 | 95.56 | 2,572.79 | 5,696.03 | 13,405.00 | 17,546.53 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (41.98) | (14.59) | (44.47) | (8.00) | (3,951.42) | (57.05) | (4,119.11) | (226.91) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (41.98) | (14.59) | (44.47) | (8.00) | (3,951.42) | (57.05) | (4,119.11) | (226.91) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (29.41) | (11.57) | (28.91) | 2.10 | (3,166.75) | 239.19 | (3,518.39) | 592.46 |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | (29.41) | (11.37) | (28.91) | 2.30 | (3,173.88) | 111.36 | (3,525.52) | 464.63 |
| 6 | Net Profit attributable to Non Controlling Interests | - | - | - | | (1,580.08) | 122.32 | (1,791.41) | 255.35 |
| 7 | Net Profit attributable to Owners of the Company | - | - | - | | (1,586.67) | 116.87 | (1,726.98) | 337.11 |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 144.44 | 141.90 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,546.64 | 26,575.55 | 26,546.64 | 26,575.55 | (9,409.25) | (7,678.70) | (9,409.25) | (7,678.70) |
| 10 | Earning per share ( Rs) | | | | | | | | |
| | (i) Basic : | (2.04) | (0.80) | (2.00) | 0.15 | (111.82) | 8.24 | (121.71) | 23.76 |
| | (ii) Diluted : | (2.04) | (0.80) | (2.00) | 0.15 | (111.82) | 8.24 | (121.71) | 23.76 |

1. The above results of the Company were approved by the Board of Directors at their respective meetings held on 25-06-2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Visakhapatnam
Date: 25th June' 2025
Sd/-
(S.C.Pandey)
Managing Director-EIL

ସକାଳ
THE SAKALA

# ସମ୍ପାଦକୀୟ



ଯୁଦ୍ଧ ମାନବ ସଭ୍ୟତାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବା ପୂର୍ବରୁ ମଣିଷ ଯୁଦ୍ଧର ସମସ୍ତ ସମ୍ଭାବନାକୁ ସମାପ୍ତ କରିଦେବା ଠିକ୍ ହେବ।
-ଜେ ଏଫ୍ କେନେଡ଼ି

## ମୂଲ୍ୟବୋଧର ସୁରକ୍ଷା

ଗତ ସାତଦିନ ମଧ୍ୟରେ ଦେଶରେ ଏଭଳି ତିନିଟି ଅଘଟଣ ଗଣମାଧ୍ୟମ ଜରିଆରେ ଲୋକଲୋଚନକୁ ଆସିଛି, ଯାହା ଆଜିର ସଭ୍ୟ ସମାଜ ଓ ଏକବିଂଶ ଶତାବ୍ଦୀର ମାନବ ସଭ୍ୟତା ପ୍ରତି ଏକ କଳଙ୍କ କହିବାର ଯଥାର୍ଥତା ରହିଛି। ଗଣମାଧ୍ୟମର ଦୃଷ୍ଟି ଆଢ଼ୁଆଳରେ ଦେଶରେ ପ୍ରତିକୋଣରେ ପ୍ରତିକ୍ଷଣରେ ଏଭଳି ଅନେକ ସ୍ପର୍ଶକାତର ଘଟଣା ଘଟୁଥିଲେ ମଧ୍ୟ ନିର୍ଯାତିତ ଓ ପୀଡ଼ିତମାନେ ଭାଗ୍ୟକୁ ଆଦରି ବଞ୍ଚିବାକୁ ବାଧ୍ୟ ହେଉଛନ୍ତି। କେଉଁଠାରେ ଦଳିତମାନଙ୍କର ଘର ପୋଡ଼ି ଦିଆଯାଉଛି ତ କେଉଁଠାରେ ନିଆଁପାଣି ବାସନ୍ଦ କରାଯାଉଛି। ଏପରିକି ପିଇବା ପାଇଁ ପାଣିରୁ ମଧ୍ୟ ବଞ୍ଚିତ କରାଯାଉଛି। ସେଥିମଧ୍ୟରୁ କାଁ ଭାଁ କେତୋଟି ଘଟଣା ଗଣମାଧ୍ୟମ ଜରିଆରେ ପ୍ରତିଫଳିତ ହେଉଛି।

ନିକଟରେ ଘଟିଥିବା ସେଭଳି ସମ୍ବେଦନଶୀଳ ଘଟଣାଗୁଡ଼ିକ ମଧ୍ୟରୁ ଗୋଟିଏ ଉତ୍ତରପ୍ରଦେଶରେ ଇଟାହ୍ୱା ଜିଲ୍ଲାର ଦାଦରପୁର ଗାଁରେ ଜଣେ ଦଳିତ ବ୍ୟକ୍ତି ପ୍ରବଚନ ଦେଉଥିବା ବେଳେ ସେଥିପାଇଁ ତାଙ୍କର ଅଧିକାର ଉପରେ ପ୍ରଶ୍ନ ଉଠାଇ କିଛି ଲୋକ ତାଙ୍କୁ ଅଧାମୁଣ୍ଡନ କରିବା ଓ ପରିସ୍ରା ପିଇବାକୁ ବାଧ୍ୟ କରିବା ସହିତ ମାଡ଼ ମାରିଥିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଦ୍ୱିତୀୟ ଘଟଣା ଘଟିଛି ଓଡ଼ିଶାରେ। ଅଭିଯୋଗ ଅନୁଯାୟୀ, ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ସିଙ୍ଗିରି ଗ୍ରାମରେ ଦଳିତ ସମ୍ପ୍ରଦାୟର ଦୁଇଜଣ ବ୍ୟକ୍ତି ସେମାନଙ୍କ ଝିଅର ଶାଶୂଘରକୁ ଯୌତୁକ ଦେବା ପାଇଁ ତିନିଟି ଗାଈ ନେଇ ଯାଉଥିବା ବେଳେ କିଛି ଲୋକ ସେମାନଙ୍କୁ ଅଟକାଇ ଚାନ୍ଦା ଦାବି କରିଥିଲେ। ଚାନ୍ଦା ଦେବାକୁ ମନା କରିବାରୁ ସେମାନଙ୍କୁ ଗୋଚାଲାଣକାରୀ ଭାବେ ଅଭିଯୁକ୍ତ କରି ଅଧା ମୁଣ୍ଡନ କରାଇବା ସହିତ ନର୍ଦ୍ଦମା ପାଣି ପିଆଇବା ଏବଂ ପ୍ରାୟ ଦୁଇକିମି ପର୍ଯ୍ୟନ୍ତ ଆଣ୍ଠେଇ ଚାଲିବାକୁ ବାଧ୍ୟ କରିଥିଲେ। ଦୁଇଟିଯାକ ଘଟଣାରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି। ଓଡ଼ିଶା ଘଟଣାରେ ଦଳିତ ମହାସଭା ଆପତ୍ତି ଉଠାଇଥିବା ବେଳେ ଲୋକସଭା ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀ ଘଟଣାକୁ ନିନ୍ଦା କରିଛନ୍ତି। ଉତ୍ତରପ୍ରଦେଶ ଘଟଣାରେ ମାନବାଧିକାର ଆୟୋଗ ରିପୋର୍ଟ ତଲବ କରିଛନ୍ତି। ତୃତୀୟ ଘଟଣା ଘଟିଛି ଏକ ଘରୋଇ ବିମାନ ଚଳାଚଳ ସଂସ୍ଥାରେ। ବିମାନରେ ତାଲିମ ନେଉଥିବା ଜଣେ ଅଧସ୍ତନଙ୍କୁ ଉପରିସ୍ଥ ଅଧିକାରୀ ଜାତିଆଣ ଆକ୍ଷେପ କରି ନିର୍ଯାତନା ଦେଇଥିବା ଅଭିଯୋଗ ଆସିଛି। ବିମାନ ସଂସ୍ଥା ପକ୍ଷରୁ ଜାତିଆଣ ଅଭିଯୋଗକୁ ଖଣ୍ଡନ କରାଯାଇଥିଲେ ମଧ୍ୟ ପୁଲିସ୍ ଏଫ୍ଆଇଆର ବଳରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଜାତିଆଣର ଧୂଆଁ ଯେ ଶିକ୍ଷ ଓ ସମ୍ଭ୍ରାନ୍ତ ଜଗତକୁ ମଧ୍ୟ ବ୍ୟାପୀଚାଲିଛି ତାହା ଉପରୋକ୍ତ ଘଟଣାରୁ ପ୍ରମାଣିତ ହୋଇଛି।

ବିଡ଼ମ୍ବନା ହେଉଛି ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ତା'ର ସମ୍ବିଧାନର ୭୫ତମ ବର୍ଷ ପାଳନ କରୁଛି। ଦେଶ ସ୍ୱାଧୀନତାର ଅମୃତକାଳରେ ଯାତ୍ରା କରୁଛି। ରୂଢ଼ିବାଦୀ ପରମ୍ପରା ଅନ୍ଧବିଶ୍ୱାସ ଆଦିକୁ ପଛରେ ଛାଡ଼ି ବିଶ୍ୱଗୁରୁ ହେବା ପାଇଁ ଭାରତ ସ୍ୱପ୍ନ ଦେଖୁଛି। ଅଥଚ ଆଜି ମଧ୍ୟ ଆମ ସମାଜ ମଧ୍ୟଯୁଗୀୟ ରକ୍ଷଣଶୀଳତା ଓ ବର୍ବରତାରୁ ମୁକ୍ତି ପାଇନାହିଁ। ଆମ ସମ୍ବିଧାନର ଅନେକ ବିଶେଷତ୍ୱ ମଧ୍ୟରୁ ସ୍ୱତନ୍ତ୍ର ହେଲା ସମାଜର ନିମ୍ନସ୍ତରରେ ଥିବା ବର୍ଗଙ୍କ ବିକାଶ ଓ କଲ୍ୟାଣ। ଏହି ପୃଷ୍ଠଭୂମିରେ ସ୍ୱତଃ ପ୍ରଶ୍ନ ଉଠେ ଆମେ ୭୫ ବର୍ଷ ଭିତରେ ସମ୍ବିଧାନର ଏହି ମୌଳିକ ଲକ୍ଷ୍ୟ ପୂରଣ କରିବାରେ ସମର୍ଥ ହୋଇଛୁ କି? ଇଟ୍ହ୍ୱା ଓ ଧରାକୋଟ ପରି ଘଟଣା ଭିଆଇ ଆମେ ଆମ ଦେଶଶାସନ ଓ ଗଣତନ୍ତ୍ରର ପବିତ୍ର ଗ୍ରନ୍ଥ ସମ୍ବିଧାନର ସ୍ୱତଃ ଅପମାନ କରୁନାହୁଁ କି? ସଂଯୋଗବଶତଃ ଏହି ଦୁଇଟି ଯାକ ରାଜ୍ୟ ନିକଟରେ ଦେଶରେ ଜରୁରୀ ପରିସ୍ଥିତି ଜାରି ହେବାର ୫୦ ବର୍ଷ ପୂର୍ତ୍ତି ଅବସରରେ 'ସମ୍ବିଧାନ ହତ୍ୟା ଦିବସ' ପାଳନ କରିଛନ୍ତି। ତେଣୁ ଉକ୍ତ ଦିବସ ପାଳନର ଶବ୍ଦାର୍ଥ ଓ ତାତ୍ତ୍ୱିକ ଅନୁଶୀଳନ ଏବଂ ଦଳିତ ବିରୋଧୀ ଅଘଟଣକୁ ମିଶାଇ ତର୍ଜମା କଲେ ସାଧାରଣ ଭାବେ ଯେଉଁ ନିଷ୍କର୍ଷ ଆସୁଛି ତାହାର ସରଳ ଓ ସ୍ୱଷ୍ଟ ବ୍ୟାଖ୍ୟା ଜରୁରୀ ମନେ ହୁଏ।

ପ୍ରାଚୀନ କାଳରୁ ବର୍ଣ୍ଣାଶ୍ରମ ଆଧାରରେ ଗଢ଼ି ଉଠିଥିବା ଭାରତୀୟ ସାମାଜିକ ବ୍ୟବସ୍ଥା ଓ ସାଂସ୍କୃତିକ ପ୍ରଥାରୁ ଯେ ଜାତିବାଦ ବା ସବର୍ଣ୍ଣ-ଅସବର୍ଣ୍ଣ ବିବାଦ ସମ୍ପୂର୍ଣ୍ଣ ଲୋପ କରିଦିଆଯାଇପାରିବ ସେ କ୍ଷମତା ବା ସୁଯୋଗ ଆପାତତଃ କୌଣସି ଶାସନ ଓ ପ୍ରଶାସନର ଥିବା ପରି ମନେ ହେଉନାହିଁ। ତେଣୁ କୌଣସି ସରକାରଙ୍କୁ ଏଥିପାଇଁ ଆକ୍ଷେପ ବା ସମାଲୋଚନା କରିବା ବୃଥା। ଅନ୍ତତଃ ସ୍ୱାଧୀନତାର ଅମୃତକାଳ ମଧ୍ୟରେ ଜାତିବ୍ୟବସ୍ଥାରେ ପୂର୍ଣ୍ଣଚ୍ଛେଦ ପଡ଼ିବା ସମ୍ଭାବନା ଯେ ଆଦୌ ନାହିଁ, ତାହା ଆଗାମୀ ଜାତିଭିତ୍ତିକ ଜନଗଣନା ଘୋଷଣାରୁ ଜୋର ଦେଇ କହିହେଉଛି। ଆଇନ କାନୁନ ଓ ବିଧିବ୍ୟବସ୍ଥା ଯେତେ ସ୍ୱଚ୍ଛ, ସରଳ, ଉଦାର କିମ୍ବା କଠୋର ହେଲେ ମଧ୍ୟ ଆମ ଗଣତନ୍ତ୍ରର ନିର୍ବାଚନୀ-ସଂସ୍କୃତି ଜାତିବାଦକୁ ସମାପ୍ତ ହେବାକୁ ଦେବ ନାହିଁ - ଏହା ଅବଧାର୍ଯ୍ୟ। କେବଳ ଆରୋପ-ପ୍ରତ୍ୟାରୋପ, ଆଲୋଚନା-ସମାଲୋଚନା, ଆଲୋଡ଼ନ-ସମବେଦନାର କିଞ୍ଚିତ ଜଳଛିଞ୍ଚନ ଦ୍ୱାରା ଜାତିଆଣ ହିଂସା ଓ ଉତ୍ତେଜନା ସାମୟିକ ପ୍ରଶମିତ ହୋଇଯିବ ସିନା ପାଉଁଶ ତଳେ ଥିବା ନିଆଁ କେବେ ଲିଭିବ ନାହିଁ। ସମୟ ସମୟରେ ଉସୁକାଣର ପବନରେ ତାହା ପୁଣି ଅଗ୍ନିସ୍ଫୁଲିଙ୍ଗ ପାଲଟୁଥିବ ଏବଂ ଇତିହାସରେ ଗୋଟିଏ ଲେଖାଏଁ କଳଙ୍କିତ ଅଧ୍ୟାୟ ଲେଖି ଚାଲିଥିବ।

ସାମାଜିକ ବ୍ୟବସ୍ଥାରୁ ଜାତିଆଣ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିଲୋପ ନ ହେବା ପଛରେ ଅନେକ କାରଣ ରହିଛି। କିନ୍ତୁ ଏହା ଯଦି ଉଚ୍ଚଶିକ୍ଷିତ ଓ ସଭ୍ୟ ସମାଜର ପରିଚାୟକ କର୍ପୋରେଟ୍ କ୍ଷେତ୍ରକୁ ବ୍ୟାପିଥାଏ ତେବେ ତାହାର ପ୍ରତିକାର ଏକ ଉଦ୍‌ବେଗଜନକ ଓ ଜଟିଳ ପ୍ରସଙ୍ଗ। କର୍ପୋରେଟ୍ ଅର୍ଥନୀତିରେ ଜାତିବାଦକୁ ଅନୁଶୀଳନ କରି ସମ୍ବିଧାନ ପ୍ରଣେତା ଡ. ବାବାସାହେବ ଆମ୍ବେଦକର କହିଥିଲେ ଯେ ଅର୍ଥନୀତିରେ ଜାତିବାଦ ଶ୍ରମ ବିଭକ୍ତିକରଣ(ଡିଭିଜନ୍ ଅଫ ଲେବର) ନୁହେଁ, ବରଂ ଶ୍ରମିକଙ୍କ ବିଭକ୍ତିକରଣ(ଡିଭିଜନ୍ ଅଫ ଲେବରର)। ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ ଭାରତୀୟ ସାମାଜିକ ବ୍ୟବସ୍ଥାରେ ଏଭଳି ତୀବ୍ର ବର୍ଣ୍ଣବୈଷମ୍ୟ ଓ ଜାତିଆଣ ମନୋଭାବରୁ ହିଁ ସମ୍ବିଧାନରେ ସଂରକ୍ଷଣ ବ୍ୟବସ୍ଥାଟି ଜନ୍ମ ନେଇଥିଲା, ଯାହା ହଟିବାର କୌଣସି ସମ୍ଭାବନା ଭବିଷ୍ୟତରେ ଦେଖାଯାଉନାହିଁ।

ଆମ ଧର୍ମଧାରଣା ବସୁଧୈବ କୁଟୁମ୍ବକମ୍ ଉପରେ ଆଧାରିତ। ସର୍ବଧର୍ମ ସମନ୍ୱୟ ଓ ଜାତି-ଧର୍ମ-ବର୍ଣ୍ଣ-ସମ୍ପ୍ରଦାୟ ଭାବନାର ଊର୍ଦ୍ଧ୍ୱରେ ମାନବତାର ଉଦ୍‌ଘୋଷଣା କରୁଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ପତିତପାବନ ଜଗତରନାଥ ପତିତମାନଙ୍କୁ ଉଦ୍ଧାର କରିବା ପାଇଁ ବଡ଼ଦାଣ୍ଡକୁ ଆସିଛନ୍ତି। ଏହି ପତିତପାବନ ଯାତ୍ରାର ପବିତ୍ର ସନ୍ଦେଶ ଆମ ଜୀବନାଦର୍ଶ ହେଉ। ସବର୍ଣ୍ଣ-ଅସବର୍ଣ୍ଣ ବିଭେଦରୁ ଊର୍ଦ୍ଧ୍ୱରେ ଆମ ଦୃଷ୍ଟିକୋଣ ଓ ମାନସିକତା ମାନବବାଦୀ ହେଉ। ମାନବତାର ସୁରକ୍ଷା ହୋଇପାରିଲେ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ସ୍ୱତଃ ହୋଇଯିବ।

# ଘୋଷଯାତ୍ରାରେ ଶ୍ରୀପୁରୁଷୋତ୍ତମ ଚେତନା

**ଚାରଣ ବସନ୍ତ ପଣ୍ଡା**

ଆଜି ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା। ବଡ଼ଦାଣ୍ଡରେ ଦିବ୍ୟ ଆଭରଣରେ ମଣ୍ଡିତ ହୋଇ ଝଟକୁଛନ୍ତି ତିନିରଥ। ନିର୍ଦ୍ଦେଶ ପାଇବା ମାତ୍ରେ ବ୍ରହ୍ମଲୋକ ପର୍ଯ୍ୟନ୍ତ ଅତିକ୍ରମ କରିଯିବେ। ରଥରୂଢ଼ ନୀଳାଚଳ ଶିଖା ମଣେ। କ୍ଷରଶୀଳ ଜଗତରୁ ଅତୀତ, ଅକ୍ଷର ଜୀବ ଭୂତ ଆତ୍ମାଠାରୁ ଶ୍ରେଷ୍ଠ, ସବୁର ଆଦି, ଅନ୍ତ, ମଧ୍ୟ, ପରମ- ଧାମ ଓ ଆଧାର ମଧ୍ୟ ଏହି। ଏଠି ରାଜା-ପ୍ରଜା, ଉଚ୍ଚ-ନୀଚ, ଧନୀ-ଦରିଦ୍ର, ଜାତି-ବର୍ଣ୍ଣ-ଧର୍ମ ନିର୍ବିଶେଷରେ ସମସ୍ତେ ସମାନ। କେହି ଜ୍ୟେଷ୍ଠ-ଶ୍ରେଷ୍ଠର ଅଧିକାରୀ ନୁହନ୍ତି। ସେହି କ୍ଷରାକ୍ଷରାତୀତ ଏ ପରମ ପୁରୁଷ ଜଗତର ଏକମାତ୍ର କାରଣ। ସମସ୍ତ ଚିନ୍ତା-ଚେତନାକୁ, ଧର୍ମ-ଧାରଣାକୁ ଧଣ୍ଡା ମାଳ ସମ ଗଳାରେ ଲମ୍ବାଇ ସୃଷ୍ଟି କରିଛନ୍ତି ଏକ ଧର୍ମୀୟ ମହୋଦଧି। 'ଐତିହାସିକତାର ପ୍ରମାଣ ଖୋଜ ନାହିଁ; କେବଳ ମାନବବାଦର ଆଧ୍ୟାତ୍ମିକ ଭାବନାକୁ ସାକ୍ଷ୍ୟ ରୂପେ ଗ୍ରହଣ କର' - ଏ ଭାବନା ତାଙ୍କ ସଂସ୍କୃତିରେ ପାଖୁଡ଼ା ପାଖୁଡ଼ା ହୋଇ ଉନ୍ମୋଚିତ ହୋଇଛି।

ବହୁ ଧର୍ମର ଧ୍ୱଜା ଏ ମାଟିରେ ଉଡ଼ିଛି। ବହୁ ଧର୍ମର ମହାପ୍ଳାବନ ଘଟିଛି ଏ ମାଟିରେ। ତଥାପି ତା'ର ରୂପ, ଗୁଣ, ଧର୍ମକୁ କେହି ପରିବର୍ତ୍ତନ କରିପାରି ନାହାନ୍ତି; ବରଂ ସେମାନେ ସେ ଦାରୁଦେହରେ ସ୍ୱ ସ୍ୱ ଧର୍ମର ଇଷ୍ଟକୁ ଦର୍ଶନ କରି ପ୍ରତ୍ୟେକେ ତା'କୁ ନିଜର କରି ନେଇଛନ୍ତି। ଫଳତଃ ତାହାକୁ କେନ୍ଦ୍ର କରି ଗଢ଼ି ଉଠିଛି ଏକ ବିରାଟ ସାଂସ୍କୃତିକ ସୌଧ। ସମୟର ସ୍ରୋତରେ ମହାଭାରତୀୟ ବିଚାରଧାରା, ବ୍ୟବହାରିକ ରୀତିନୀତିକୁ ନେଇ ଗଢ଼ି ଉଠିଥିବା ଆର୍ଷ ଓ ଆପ୍ତ ରୂପକ ଦୁଇଟି ପରମ୍ପରା ଦିନେ ବିପରୀତ ଦିଗରେ ଧାବିତ ହୋଇ ସରସ୍ୱତୀ ସଭ୍ୟତାଠାରୁ ଆରମ୍ଭ କରି ସରିତ ସଭ୍ୟତା ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଥିଲା। ଗୋଷ୍ଠୀ ଭାବନାକୁ କେନ୍ଦ୍ର କରି ମୈତ୍ରୀ ଭାବନା ବିବାଦରେ ପରିଣତ ହୋଇଥିଲା। ସେହି ବିବାଦର ସମାଧାନ ଏହିଠାରେ ହିଁ ସମ୍ଭବ ହୋଇଛି।

ବଡ଼ ବିଚିତ୍ର ବିଚିତ୍ର ଏହାଙ୍କ ପରମ୍ପରା। ଯେଉଁଠାରେ ଶବର, ଦିଶାରି ଓ ଆର୍ଯ୍ୟ ପୁରୋଧା ସମାନ ଭାବରେ ସ୍ୱସ୍ୱ ଆସନରେ ମର୍ଯ୍ୟାଦାବନ୍ତ ହୋଇଥା'ନ୍ତି। ଯେଣୁ ଏ ସଂସ୍କୃତିର ମୂଳମନ୍ତ୍ର ସମନ୍ୱୟବାଦ, ଏହାଙ୍କ ଯଜ୍ଞ ପ୍ରତିଷ୍ଠିତ ଅନ୍ନ(ମହାପ୍ରସାଦ) ଜାତିଭେଦ ରହିତ। ମୁକ୍ତିକାମୀ ଜନଜୀବନର ଆଲୋକବର୍ତ୍ତିକା। ଏହାଙ୍କ ନିର୍ମାଣ ଶୈଳୀକୁ ଦେଖାଯାଉ। ସବୁରି ମଧ୍ୟରେ ତାଙ୍କର ନେତ୍ରଦ୍ୱୟ। କେହି କେବେ ଏହାଙ୍କ ନେତ୍ରଦ୍ୱୟକୁ ରମଣୀୟ ନେତ୍ର କହିପାରେ? ଶାବର ପଦ୍ଧତିରେ ଏ ନେତ୍ର ଉପାସିତ ହେଉଥିଲେ ମଧ୍ୟ ସମଗ୍ର ଜଗତ୍ ଏ ନେତ୍ର ମଧ୍ୟରେ ଯେଉଁ ଚରମ ସତ୍ୟକୁ ଉଦ୍‌ଘାଟନ କରିଛି, ତାହା ହେଉଛି 'ସମ ଦୃଷ୍ଟିପାତ'। ନେତ୍ର ମଧ୍ୟସ୍ଥ ଘୂର୍ଣ୍ଣୟମାନ ସେ ତ୍ରାଟକ ଡୋଳା, ଦଶଦିଶାକୁ ସମ ବ୍ୟବଧାନରେ ଧାବିତ ହୋଇଥାଏ। ଏଥିରୁ କ'ଣ ପ୍ରମାଣିତ ହୁଏ? ଏଥିରୁ ପ୍ରମାଣିତ ହୁଏ ଏ ଦ୍ରଷ୍ଟା ନିରପେକ୍ଷ ଭେଦଭାବରହିତ। ଅଙ୍ଗୁଳିଯୁକ୍ତ ହସ୍ତ ଦଣ୍ଡ ନିର୍ଦ୍ଦିଷ୍ଟ ବସ୍ତୁକୁ ସ୍ପର୍ଶ ଜନିତ ସୁଖ ପ୍ରଦାନ କରିଥାଏ। ମାତ୍ର ଅଙ୍ଗୁଳି ବିହୀନ ହସ୍ତ ସାର୍ବଜନୀନ ସୁଖ ଦିଏ, ଯାହାକି ସଦା ନିରପେକ୍ଷତା ଉପରେ ପ୍ରତିଷ୍ଠିତ।

ଏବେ ଏହାଙ୍କ ସୃଷ୍ଟିରେ ବିରଳ ଦର୍ଶନ ବିଧିକୁ ଦେଖାଯାଉ। ଦେଖିଛ କେଉଁଠାରେ ସାଧକ ତା'ର ସାଧ୍ୟକୁ କୋଳ କରିବାର ପଦ୍ଧତି? ଉପାସ୍ୟ ତା'ର ଉପାସକକୁ ଆଲିଙ୍ଗନ କରିବାର ଭାବଭଙ୍ଗୀ? ଏଥିରେ ଜାତି-ଅଜାତି, ସ୍ପୃଶ୍ୟ-ଅସ୍ପୃଶ୍ୟର ହୀନମାନ୍ୟତା ଭାବ ନାହିଁ। ଏବେ ଦେଖିବା ବର୍ଣ୍ଣ ବା ରଙ୍ଗ ଭେଦ। ସମଗ୍ର ବିଶ୍ୱବାସୀଙ୍କୁ ତିନି ଗୋଟି ବର୍ଣ୍ଣ (ରଙ୍ଗ) ଭେଦରେ ବିଭକ୍ତ କରାଯାଇପାରେ - ଶ୍ୱେତ, ପୀତ, କୃଷ୍ଣ। ତାହାର ଏକତ୍ରୀକରଣ ଶ୍ରୀପୁରୁଷୋତ୍ତମ ଚେତନାରେ ସମ୍ଭବ ହୋଇପାରିଛି। ଏହାଦ୍ୱାରା ସମଗ୍ର ବିଶ୍ୱରେ ମୁଣ୍ଡଟେକି ଉଠୁଥିବା ବର୍ଣ୍ଣଭେଦ ଭାବ ଏଠାରେ ବିଲୟ ଘଟିଛି। ପ୍ରକାରାନ୍ତରେ ଶ୍ରୀପୁରୁଷୋତ୍ତମ ଚିନ୍ତନ ଘୋଷଣା କରୁଛି - ବର୍ଣ୍ଣବୈଷମ୍ୟ ଜନିତ ଭାବନାକୁ ମନ ମଧ୍ୟରୁ ପରିହାର କରି ଭ୍ରାତୃତ୍ୱର ଶୃଙ୍ଖଳାରେ ସମସ୍ତେ ଆବଦ୍ଧ ହୁଅ।

ମଣିଷ ମନରେ ପୂର୍ଣ୍ଣତା ଆସେ, ଯେବେ ତା'ର ମନ ମଧ୍ୟରେ ସହନଶୀଳତାର ଭାବ ସାର୍ଥକ ଲଭେ। ଅର୍ଥାତ୍ ଯେତେବେଳେ ସେ ଦୀପ୍ତତା ସହିତ ସହନଶୀଳତାକୁ ସମଜ୍ଞାନ କରେ। ଏପରି ଧାରା କେବଳ ଶ୍ରୀପୁରୁଷୋତ୍ତମ ଜଗନ୍ନାଥ ସଂସ୍କୃତିରେ ପ୍ରତିଭାତ ହେଉଛି। ଏଠାରେ ସୃଷ୍ଟି ବିଚାର ଧାରାକୁ ପର୍ଯ୍ୟାଲୋଚନା କରାଯାଉ। ଜଗତରେ ଯେତେ ପଦାର୍ଥ ଅଛି, ତା'କୁ ଯଦି ଅଗ୍ନିରେ ନିକ୍ଷେପ କରିବା ତା'ର ଏକ ପାର୍ଶ୍ୱ ଉତ୍ତପ୍ତ ହେଲେ ଅପର ପାର୍ଶ୍ୱ ତାପ ପ୍ରଦାନ କରିବ। ମାତ୍ର ସମଗ୍ର ଜଗତରେ ଏକମାତ୍ର ଦାରୁ (କାଷ୍ଠ)କୁ ଯଦି ସେହି ପକ୍ରିୟାରେ ଦେଖାଯାଏ, ତେବେ ତା'ର ଏକ ପାର୍ଶ୍ୱ ଉତ୍ତପ୍ତ (ଜଳୁଥିବା) ହେଉଥିବା ସମୟେ ପାରପାର୍ଶ୍ୱ ଶୀତଳତା ପ୍ରଦାନ କରୁଥିବ। ତେଣୁ ଜଡ଼ ଓ ଚେତନା ମଧ୍ୟରେ ସମନ୍ୱୟ ରକ୍ଷା କରେ ଶ୍ରୀପୁରୁଷୋତ୍ତମ ସଂସ୍କୃତି, ଯାହାର ପଟ୍ଟାନ୍ତର ନାହିଁ। ଏ ଚିନ୍ତନକୁ ଭୁବନବିଦିତ କରିବା ପାଇଁ ସ୍ୱୟଂ ଦେବାଧିଦେବରାଜ ଆପଣାର ବାପୁକୁ ଦାରୁରେ ନିର୍ମାଣ କରାଇଛନ୍ତି।

ସେବା ଭାବକୁ ଦେଖିବା। ଆର୍ଯ୍ୟ ମତବାଦର ପ୍ରବର୍ତ୍ତକ ରାଜର୍ଷୀ ଇନ୍ଦ୍ରଦ୍ୟୁମ୍ନ ଯଦି ଶାବରମାନଙ୍କୁ ଯଥାମାନ୍ୟ ମର୍ଯ୍ୟାଦା ଦେଇ ସେମାନଙ୍କୁ ତୃପ୍ତ କରିବାର ଅଭିଳାଷ ମନରେ ପୋଷଣ କରିଥା'ନ୍ତେ, ତେବେ ତାଙ୍କୁ ମହାପ୍ରଭୁଙ୍କ ବହୁ ମହାର୍ଘ୍ୟ ସେବା ମିଳି ପାରିଥା'ନ୍ତା। ପରନ୍ତୁ ଏ ପ୍ରତିଷ୍ଠାପକ ଶକ୍ତି ସମାଜର ସର୍ବକନିଷ୍ଠ ସେବା(ମାର୍ଜନୀ)କୁ ଆଦରି ନେଲେ କାହିଁକି? ପରକ୍ଷଣରେ ସେ ମହାଭାଗ ପ୍ରମାଣ କରିଦେଇ ଗଲେ ସମାଜର ସର୍ବୋଚ୍ଚ ଆସନରେ ଯେ ଆସୀନ ହେବ ସେ ସମାଜର ସର୍ବନିମ୍ନ ସେବାର ଆଦର୍ଶକୁ ଗ୍ରହଣ କରିବା ଉଚିତ୍। ସୃଷ୍ଟିର ଆଦିମ ଚିନ୍ତା ଏହି କି, କନିଷ୍ଠକୁ ତଥା ତାଙ୍କର ମହତ୍ତ୍ୱକୁ ପ୍ରତିଷ୍ଠା କରାଇବା ଜ୍ୟେଷ୍ଠର ପ୍ରଧାନ କର୍ତ୍ତବ୍ୟ। ତେଣୁ ଏ ଭାବ ଧାରାକୁ ଲୋକଲୋଚନରେ ପରିପ୍ରକାଶ କରିବା ପାଇଁ ସ୍ୱୟଂ ମହାପ୍ରଭୁ ତଳେ ରହି ପ୍ରାସାଦର ସର୍ବୋଚ୍ଚ ଶିଖରରେ ଦେବାୟୁଧ ସୁଦର୍ଶନଙ୍କୁ ସ୍ଥାନ ଦେଇ ତାହାଙ୍କ ନିକଟରେ ଜଗତର କଲ୍ୟାଣକାରୀ ବାଣୀକୁ ଉଦ୍‌ଘୋଷଣା କରାଉଛନ୍ତି। ଏ ସଂସ୍କୃତିରେ ଭାଇ-ଭଉଣୀ ମଧ୍ୟରେ ଯେଉଁ ଅପ୍ରାକୃତ ସ୍ନେହ, ପ୍ରେମ ତା'ର ସର୍ବବାଦୀ ଦର୍ଶନର ଚରମ ନିଦର୍ଶନ ମଧ୍ୟ ପ୍ରତିଷ୍ଠା ଲାଭ କରିଛି। ଏହି ଭାବଧାରାକୁ ଆଜି ସକଳ ମାନବ ସମାଜ ଆଦରି ନେବା ଉଚିତ୍।


ପରିଶେଷରେ ଏତିକି କୁହାଯାଇପାରେ ଯେ ଏ ସଂସ୍କୃତିରେ ସଦାସର୍ବଦା ଧର୍ମନିରପେକ୍ଷତା, ଧର୍ମସହବସ୍ଥାନ, ସମନ୍ୱୟବାଦୀ ଦର୍ଶନ, ନିରହଙ୍କାରିତା, ଶାନ୍ତି, ମୈତ୍ରୀ, ପ୍ରୀତି ଓ ସଂହତିର ଘଟିଛି ପୁଷ୍କଳ ପରିପ୍ରକାଶ, ଯାହାକି କୌଣସି ଶାସକ ଆପଣାର କ୍ଷମତା ବଳରେ ଏହାକୁ ପ୍ରତିଷ୍ଠା କରିନାହିଁ, ବରଂ ଏହା ଶତାବ୍ଦୀ ଶତାବ୍ଦୀ ଧରି ସାଧନା, ପରୀକ୍ଷା, ନିରୀକ୍ଷା ମଧ୍ୟରେ ଗତିକରି ପରିପକ୍ୱତା ଲାଭ କରିଛି। ପରବର୍ତ୍ତୀ ସମୟରେ ଆତ୍ମୀୟତା ଓ ବିଶ୍ୱାସର ଶାଶ୍ୱତ ଧାରାରେ ରୂପ ନେଇଛି ଏକ ଗଣଧର୍ମର। ପୁରୁଷୋତ୍ତମ ଜଗନ୍ନାଥ ଉକ୍ତ ଚେତନା/ଧର୍ମର ମୂର୍ତ୍ତିମନ୍ତ ପ୍ରତୀକ। ଜାତୀୟ ସଂହତି ରକ୍ଷାର ଦୃଢ଼ କବଚ। ସେ ଏକ ସ୍ୱଚ୍ଛ ମୁକୁର, ଯେଉଁଥିରେ ପ୍ରତିବିମ୍ବିତ ହୁଏ ମହାନ୍ ଐତିହ୍ୟ ତଥା ସୁସଂହତ ଭାବନାର, ଆଧ୍ୟାତ୍ମିକ ଉଦାରତାର, ମୈତ୍ରୀ ଚେତନାର, ବିଶ୍ୱ ଭ୍ରାତୃତ୍ୱର। ମାନବିକ ଐକ୍ୟ, ସାମ୍ୟ ତଥା ସମନ୍ୱୟବାଦ, ଜାତୀୟ ସଂହତି, ମାନବିକତା ଏବଂ ସୁସ୍ଥ ସାମାଜିକ ପରମ୍ପରାର ସନ୍ଦେଶ ଏହି ମହାନ ସଂସ୍କୃତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଘୋଷ ଯାତ୍ରା ଅବକାଶରେ ସତେଯେପରି ସୂକ୍ଷ୍ମ ଶ୍ରୁତି ଲଭ୍ୟ ଜ୍ଞାନରେ ଶୁଣାଉଛନ୍ତି - ହେ ବିଶ୍ୱ ମାନବ ଗଣ! ପରସ୍ପର ମଧ୍ୟରୁ ଭେଦଭାବ ଭୁଲି ସ୍ନେହର ବନ୍ଧନରେ ଆବଦ୍ଧ ହୁଅ। ସଂଘବଦ୍ଧ ଭାବରେ ମୈତ୍ରୀ ଭାବନାରେ ପରସ୍ପରକୁ କୋଳାଗ୍ରତ କର। କାରଣ ମୈତ୍ରୀ ପ୍ରଣୋଦିତ ଜନସଂହତି ବିନା ରାଷ୍ଟ୍ରସଂହତି ରକ୍ଷା ଅସମ୍ଭବ। ତେଣୁ ଐକ୍ୟବଦ୍ଧ ହୁଅ। ଏହାଦ୍ୱାରା ରାଷ୍ଟ୍ରୀୟ ମହତ୍ତ୍ୱ ପ୍ରତିଷ୍ଠା ହେବ। ମାନବିକତାର ଅମୀୟ ଧାରା ସର୍ବତ୍ର ପ୍ରବାହିତ ହେବ।

ପଦ୍ମଶ୍ରୀ ରଥଶର୍ମାଙ୍କ ଭାଷାରେ, ଶ୍ରୀଜଗନ୍ନାଥ ସଂସ୍କୃତି କେଉଁ ସ୍ମରଣାତୀତ କାଳରୁ ମହାଭାରତୀୟ ସନାତନ ଚିନ୍ତନରେ ଏକ ସାଂସ୍କୃତିକ ପିଣ୍ଡି, ଯେଉଁଥିରେ ବୈଦିକ ବିଚାର, ବ୍ରହ୍ମ ଜିଜ୍ଞାସାର ସିଦ୍ଧାନ୍ତ, ତାନ୍ତ୍ରିକ ଆଚରଣ ବିଧି, ପୌରାଣିକ ଆଦର୍ଶ ଗତ ଆଖ୍ୟାୟିକା ସ୍ତର ବିସ୍ତାରିତ ହୋଇଛି। ତାଦୃଶୀ ତାଙ୍କର ଘୋଷଯାତ୍ରା। ଆଜି ଜଗତ ଯୋଡ଼ହସ୍ତ ହୋଇ ପ୍ରାର୍ଥନା କରୁଛି - ହେ ମହାପ୍ରଭୁ! ତୁମେ ହିଁ ଜଗତର କାରଣ। ଜୟ ଜଗନ୍ନାଥ!

ନୟାଗଡ଼, ମୋ: ୯୨୩୭୦୯୫୨୪୯

# ଓଡ଼ିଆ ଭାଷା ଓ ସାହିତ୍ୟର ଭବିଷ୍ୟତ

**ମଦନ ମୋହନ ମହାପାତ୍ର**




ବର୍ତ୍ତମାନ ବିଶ୍ୱ ଜନମାନସ ଆଗ ଭଳି ସାହିତ୍ୟାନୁରାଗୀ ନୁହେଁ। ବର୍ତ୍ତମାନ ସାହିତ୍ୟ ପଛ ଧାଡ଼ିରେ। ଆଗରେ ଅଛି -ଏସ.ଟି.ଇ.ଏମ.(ସାଇନ୍ସ-ବିଜ୍ଞାନ, ଟେକ୍ନୋଲଜି-ବୈଷୟିକ ଜ୍ଞାନକୌଶଳ, ଇଞ୍ଜିନିୟରିଂ-ଯାନ୍ତ୍ରିକ ବିଦ୍ୟା, ମ୍ୟାଥମେଟିକ୍ସ-ଗଣିତ)। ଆମେରିକା, ଚୀନ ଆଦି ବିକଶିତ ଦେଶମାନେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ଏବଂ ଆଜିର ଦୁନିଆ ସହିତ ତାଳ ଦେଇ ନିଜକୁ ବଞ୍ଚାଇ ରଖିବାକୁ ହେଲେ ଏହା ଉପରେ ଗୁରୁତ୍ୱ ଦେବା ମଧ୍ୟ ଜରୁରୀ ହୋଇପଡ଼ିଛି।

ଜେଡ ଜେନେରେସନର କ୍ୱଚିତ ପିଲା (୧୩ ରୁ ୨୮ ବର୍ଷ ବୟସ) କ୍ଲାସିକ କିମ୍ବା ସମସାମୟିକ ସାହିତ୍ୟ ପଢ଼ନ୍ତି ବା କୌଣସି ପ୍ରତିଷ୍ଠିତ ସାହିତ୍ୟିକଙ୍କୁ ଜାଣନ୍ତି। କେବଳ ବେବି ବୁମର୍ସ (ଜନ୍ମ ୧୯୪୬-୧୯୬୪) ଏବଂ ଜେନ ଏକ୍ସ (ଜନ୍ମ ୧୯୬୫-୧୯୮୦)ମାନେ ସାହିତ୍ୟ ପାଠକ ବର୍ଗର ଅଟନ୍ତି। ଅର୍ଥାତ ସାହିତ୍ୟ ଧାରାରେ ନୂଆ ପିଢ଼ିର ଉପସ୍ଥିତି ନଗଣ୍ୟ। ଏହାର ପ୍ରଭାବ ଓଡ଼ିଶାରେ ମଧ୍ୟ ଅନୁଭୂତ ହେବା ସ୍ୱାଭାବିକ। ଏଠାରେ ସାଧାରଣ ସାହିତ୍ୟ ପାଠକଙ୍କ ସଂଖ୍ୟା ଖୁବ କମ ଏବଂ ପ୍ରାୟତଃ ବୟସ୍କ କବି ଓ ଲେଖକମାନେ ହିଁ ପରସ୍ପରର କୃତି ପଢ଼ିବାର ଦେଖାଯାଇଥାଏ। ସାଧାରଣ ଲୋକଙ୍କର ସାହିତ୍ୟ ସହିତ ସମ୍ପର୍କ କେବଳ ଇଲେକ୍ଟ୍ରୋନିକ ମିଡିଆର କିଛି ସୋପ ଅପେରା, ଲଘୁ ସଙ୍ଗୀତ, ଶସ୍ତା ଧାରାବାହିକ ଓ ଫର୍ମୁଲା ଚଳଚ୍ଚିତ୍ରରେ ସୀମିତ ହୋଇ ରହିଯାଉଛି। ଅପରପକ୍ଷରେ ଉନ୍ନତମାନର ଓଡ଼ିଆ ଚଳଚ୍ଚିତ୍ର, ଲଘୁ ସଙ୍ଗୀତ ଓ ଧାରାବାହିକ ଅଭାବରେ ଓଡ଼ିଶାର ଦର୍ଶକମାନଙ୍କ ନିକଟରେ ଦିନକୁ ଦିନ ଅନ୍ୟାନ୍ୟ ଭାଷାର ଚଳଚ୍ଚିତ୍ର ଓ ଲଘୁ ସଙ୍ଗୀତର ଚାହିଦା ବୃଦ୍ଧି ପାଇବାରେ ଲାଗିଛି।

ଏ ତ ଗଲା ସାହିତ୍ୟ କଥା। ଭାଷାକୁ ଆସିବା। ଏ ବିଷୟରେ ତର୍ଜମା କଲା ବେଳେ ଓଡ଼ିଆ ଭାଷାର ଭବିଷ୍ୟତ ସେତେ ଉଜ୍ଜ୍ୱଳ ଦେଖାଯାଏ ନାହିଁ। ପୃଥିବୀର ପ୍ରାୟ ୮୨୨ କୋଟି ଲୋକଙ୍କ ଭିତରୁ ଇଂରାଜୀ ଭାଷାଭାଷୀ ମାତ୍ର ୩୯ କୋଟି ବା ୪.୭%। କିନ୍ତୁ ପୃଥିବୀର ପାଖାପାଖି ୧୫୩ କୋଟି ବା ୧୮.୬% ଲୋକ ଇଂରାଜୀ ବ୍ୟବହାର କରନ୍ତି, ଯାହାକି ସର୍ବାଧିକ ବ୍ୟବହୃତ ଭାଷାର ମାନ୍ୟତା ପାଇଚାଲିଛି। ପ୍ରାୟ ୫ କୋଟି ଓଡ଼ିଆ ବିଶ୍ୱ ଜନସଂଖ୍ୟାର ପାଖାପାଖି ୦.୬ ଭାଗ। କିନ୍ତୁ ସେମାନଙ୍କ ମଧ୍ୟରୁ କେବଳ ୮୨ ଭାଗ ଲୋକଙ୍କର ମୁଖ୍ୟ ବ୍ୟବହୃତ ଭାଷା ଓଡ଼ିଆ। ଓଡ଼ିଶା ବାହାରେ ରହୁଥିବା ଖୁବ କମ ଲୋକ ଓଡ଼ିଆ ବୁଝିପାରନ୍ତି।

ଦିନକୁ ଦିନ ଅଣଇଂରାଜୀ ଭାଷାଭାଷୀ ଦେଶ (ଭାରତ, ଚୀନ, ଜର୍ମାନୀ, ନେଦରଲାଣ୍ଡ ସମେତ ଅନ୍ୟ ଏସୀୟ ଓ ଆଫ୍ରିକୀୟ ଦେଶ)ମାନଙ୍କରେ ଇଂରାଜୀ ଭାଷାର ପ୍ରଚାର ପ୍ରସାର ବଢ଼ି ଚାଲିଛି। ସମଗ୍ର ବିଶ୍ୱରେ କେବଳ ଇଂରାଜୀ ହିଁ ସାଧାରଣ ଭାବ ବିନିମୟ ଓ ଶିକ୍ଷାର ମାଧ୍ୟମ ହେବାକୁ ବସିଛି। କାରଣ ଇଂରାଜୀ ଭିନ୍ନ ଅନ୍ୟ ଭାଷାରେ ବିଜ୍ଞାନ, ବୈଷୟିକ ଜ୍ଞାନକୌଶଳ ଓ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ବିଷୟରେ ଜ୍ଞାନ ଆହରଣ କରିବା ଏବଂ ବୈଜ୍ଞାନିକ, ଯୁକ୍ତିବାଦୀ ଆଧୁନିକ ମଣିଷର ଭାବାବେଗକୁ ପ୍ରକାଶ କରିବା କଷ୍ଟକର। ସେଥିପାଇଁ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଇଂରାଜୀ ଶବ୍ଦ ଓ ଭାଷାର ପ୍ରଚଳନ ଅପରିହାର୍ଯ୍ୟ ହୋଇପଡ଼ିଛି।

ଓଡ଼ିଆ ମାଧ୍ୟମରେ ପିଲାମାନେ ଶିକ୍ଷା ଗ୍ରହଣ କରିବାକୁ ଅନିଚ୍ଛୁକ। ଓଡ଼ିଆ ମାଧ୍ୟମରେ ଦଶମ ଯାଏଁ ପଢ଼ିଥିବା ଏବେକାର ଅନେକ ଓଡ଼ିଆ ପିଲା ହିନ୍ଦୀ ଓ ସଂସ୍କୃତ ବିଷୟକୁ ତୃତୀୟ ଭାଷା ଭାବେ ନେଇ ପଢ଼ନ୍ତି। ଅପରପକ୍ଷରେ ଓଡ଼ିଆ କିମ୍ବା ଅନ୍ୟ ଭାରତୀୟ ଭାଷା ଠିକ ଭାବେ ପଢ଼ି ବା ବୁଝି ପାରୁ ନ ଥିବା ବେଳେ ପ୍ରତ୍ୟେକ କାମ ପାଇଁ କେବଳ ଇଂରାଜୀକୁ ହିଁ ଏକମାତ୍ର ବିକଳ୍ପ ଭାଷା ଭାବେ ବାଛି ନେଇଥିବାର ପ୍ରତ୍ୟକ୍ଷ ଅନୁଭୂତି ଲେଖକର ରହିଛି। ବର୍ତ୍ତମାନ ପିଢ଼ି ସାମ୍ନାରେ ପ୍ରଶ୍ନବାଚୀ - ଯଦି ସେମାନେ ଇଂରାଜୀରେ ମେଲ କରିବେ, ମେସେଜ କରିବେ, ଚାଟିଙ୍ଗ କରିବେ, ପାଠ ପଢ଼ିବେ, ସାକ୍ଷାତକାର ଦେବେ, ଅଫିସ କାମ କରିବେ, ମନୋରଞ୍ଜନ ପାଇଁ ଇଂରାଜୀ ଚଳଚ୍ଚିତ୍ର ଦେଖିବେ ତେବେ ଓଡ଼ିଆ ପଢ଼ିବେ କାହିଁକି? ଆଉ ବିନା ଭାଷାଜ୍ଞାନରେ ସାହିତ୍ୟର ଗଭୀରତାକୁ ଜଣେ ଛୁଇଁବ କେମିତି?

ଓଡ଼ିଆ ସାହିତ୍ୟର ପାଠକୀୟତା ଓ ଓଡ଼ିଆ ଭାଷାର ଗ୍ରହଣୀୟତାରେ ବୃଦ୍ଧି ନଘଟିଲେ ଏହାର ଆୟୁଷ ବେଶୀ ଦିନ ନୁହେଁ। ଏକଦା ମହାନ ଭାଷାର ମାନ୍ୟତା ପାଇଥିବା ସଂସ୍କୃତର ଅବସ୍ଥା ଏବେ ଯାହା, ସେହି ଅବସ୍ଥା ଭବିଷ୍ୟତରେ ଓଡ଼ିଆ ଭାଷା ଭୋଗିବାକୁ ଯାଉଛି। ତେଣୁ ଏ ସମୟ ଓଡ଼ିଆ ସାହିତ୍ୟର ଆଲୋଚକ, ପ୍ରକାଶକ ଓ ଲେଖକମାନଙ୍କ ପାଇଁ ଏକ ଆହ୍ୱାନର ସମୟ। ନୂତନ ପିଢ଼ିକୁ ଓଡ଼ିଆ ଭାଷା ଓ ସାହିତ୍ୟ ଅନୁରାଗୀ କରାଇବାକୁ ହେଲେ ଯୁବ ପିଢ଼ିର ରୁଚି, ଚିନ୍ତା, ଚେତନା, ସମସ୍ୟା ଓ ଆବଶ୍ୟକତାକୁ ଆଖି ଆଗରେ ରଖି ସଂକ୍ଷିପ୍ତ, ବୋଧଗମ୍ୟ, ସରଳ, ଭାବଗର୍ଭକ ଓ ଯୁଗପୋଯୋଗୀ ସାହିତ୍ୟ କୃତିକୁ ପ୍ରୋତ୍ସାହନ ଦେବା ସହିତ ଭାଷାର ଶବ୍ଦକୋଷରେ ସାମ୍ପ୍ରତିକ ମାନବୀୟ ଭାବର ପ୍ରକାଶଯୋଗ୍ୟ ଯଥେଷ୍ଟ ଶବ୍ଦ ରହିବା ଦରକାର। ସେଥିପାଇଁ ହୀନମନ୍ୟତା, ଗତାନୁଗତିକତା, ରକ୍ଷଣଶୀଳତା ଓ ଗୋଷ୍ଠୀ ପ୍ରତିଯୋଗିତାରୁ ଊର୍ଦ୍ଧ୍ୱକୁ ଆସି କାମ କଲେ ହୁଏତ ଓଡ଼ିଆ ଭାଷା ଓ ସାହିତ୍ୟକୁ ଆଗାମୀ ପିଢ଼ି ଯାଏ ବଞ୍ଚିବାରେ ସାହାଯ୍ୟ କରି ହୁଅନ୍ତା।

ଭୁବନେଶ୍ୱର, ମୋ: ୯୮ ୯୨୦୦୦୨୨୪

# ଡାକ୍ତର ହନୁମାନ

**ଓଜସ୍ୱିନୀ**

*ନାସୈ ରୋଗ ହରୈ ସବ୍ ପିରା, ଜୋ ସୁମିରୈ ହନୁମତ ବଲବୀରା... ।*

ସଦାସର୍ବଦା ପବନସୁତ ହନୁମାନଙ୍କ ଚିନ୍ତନ, ସ୍ମରଣ ଓ ନାମ ସ୍ମରଣ କରିବା ଦ୍ୱାରା ସବୁ ଦୁଃଖକଷ୍ଟରୁ ମୁକ୍ତି ମିଳିବା ସହିତ ସମସ୍ତ ରୋଗ ନାଶ ହୋଇଥାଏ। ହନୁମାନ ଚାଳିଶାର ଏହି ଦୋହା ଏବେ ପ୍ରତ୍ୟକ୍ଷ ପ୍ରମାଣିତ ହୋଇପାରିଛି। ଅଞ୍ଜନିସୂତ ହନୁମାନ ଡାକ୍ତର ବେଶରେ ପୂଜା ପାଉଛନ୍ତି ଏବଂ ଏହି ମନ୍ଦିରକୁ ଆସୁଥିବା ରୋଗୀମାନେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଫେରୁଛନ୍ତି। ଏପରିକି କର୍କଟ, ଟିବି, ଅଲସର୍ ଭଳି ଦୁରାରୋଗ୍ୟ ମଧ୍ୟ ଏଠାରେ ସମ୍ପୂର୍ଣ୍ଣ ଭଲ ହୋଇପାରୁଛି। ବର୍ତ୍ତମାନ ଚିକିତ୍ସା ବିଜ୍ଞାନ ଆଗରେ କର୍କଟରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଏକ ଆହ୍ୱାନ ପାଲଟିଥିବା ବେଳେ ଭଗବାନଙ୍କ ପ୍ରତି ଭକ୍ତର ବିଶ୍ୱାସ ଏ କ୍ଷେତ୍ରରେ ବିଜୟଲାଭ କରିଛି। ଡାକ୍ତର ହନୁମାନଙ୍କ କୃପାରୁ କର୍କଟ ରୋଗୀ ପୁନର୍ଜନ୍ମ ପାଉଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଡାକ୍ତର ହନୁମାନ ମନ୍ଦିର ନାମରେ ପ୍ରସିଦ୍ଧ ଏହି ମଠ ମଧ୍ୟପ୍ରଦେଶସ୍ଥିତ ଭିଣ୍ଡ ଜିଲ୍ଲାର ଦଂଦରୋଆଠାରେ ଅଛି। ଏଠାରେ ହନୁମାନଙ୍କ ମୂର୍ତ୍ତି ନୃତ୍ୟ ମୁଦ୍ରାରେ ଥିବା ଭଳି ପ୍ରତୀତ ହୋଇଥାଏ। ଭାରତର କେବଳ ଏହି ସ୍ଥାନରେ ହିଁ ହନୁମାନଙ୍କ ମୂର୍ତ୍ତି ନୃତ୍ୟରତ ସ୍ୱରୂପରେ ଅଛି ବୋଲି ଗବେଷକମାନେ ମତ ଦେଇଥା'ନ୍ତି। ମନ୍ଦିର ସମ୍ପର୍କିତ ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ ଏକଦା ଏଠାରେ ଶିବକୁମାର ଦାସ ନାମକ ଜଣେ ସାଧୁ ସାଧନା କରୁଥିଲେ। ପରବର୍ତ୍ତୀ ସମୟରେ ସେ କର୍କଟ ରୋଗରେ ପୀଡ଼ିତ ହେଲେ। ସେ ହନୁମାନଙ୍କର ପରମ ଭକ୍ତ ଥିଲେ ଏବଂ ପ୍ରତିଦିନ ମନ୍ଦିରକୁ ଆସି ନିଷ୍ଠାପୂର୍ବକ ରୁଦ୍ରାବତାରଙ୍କ ପୂଜାର୍ଚ୍ଚନା କରୁଥିଲେ। ତାଙ୍କର ପୂଜାର୍ଚ୍ଚନା ଓ ଭକ୍ତିରେ ସନ୍ତୁଷ୍ଟ ହୋଇ ଦିନେ ହନୁମାନ ତାଙ୍କୁ ଡାକ୍ତର ରୂପରେ ଦର୍ଶନ ଦେଲେ। ସେଦିନ ଶିବକୁମାର ଦାସ ସମ୍ପୂର୍ଣ୍ଣ ଭାବେ କର୍କଟରୁ ଆରୋଗ୍ୟ ଲାଭ କଲେ।




ଏହି ଖବର ସ୍ଥାନୀୟ ଅଞ୍ଚଳରେ ପ୍ରଚାରିତ ହେବା ପରେ ଲୋକମାନେ ହନୁମାନ ମୂର୍ତ୍ତିକୁ ଡାକ୍ତର ବେଶରେ ପୂଜା କରିବା ଆରମ୍ଭ କଲେ। ୩୦୦ ବର୍ଷ ପୁରୁଣା ଏହି ହନୁମାନଙ୍କ ମୂର୍ତ୍ତି ଗୋଟିଏ ନିମ୍ବ ଗଛ ତଳେ ଲୁଚି ରହିଥିଲା। ଗଛକୁ କାଟି ମୂର୍ତ୍ତିକୁ ଉଦ୍ଧାର କରିବା ପରେ ଦେଖାଗଲା ଯେ ହନୁମାନଙ୍କ ଏହି ମୂର୍ତ୍ତି ଗୋପାଙ୍ଗନା ରୂପରେ ନୃତ୍ୟ ମୁଦ୍ରାରେ ଅଛି। ସେହିଦିନଠାରୁ ନୃତ୍ୟରତ ମୁଦ୍ରାରେ ଥିବା ହନୁମାନଙ୍କୁ ଡାକ୍ତର ବେଶ କରାଇ ପୂଜାର୍ଚ୍ଚନା କରାଯାଉଛି। ଏଠାରେ ଭକ୍ତମାନେ ଶୁଦ୍ଧପୂତ ଭକ୍ତିରେ ହନୁମାନଙ୍କୁ ପୂଜା କରିବା ଦ୍ୱାରା କର୍କଟ ସହିତ ଅନ୍ୟ ଦୁରାରୋଗରୁ ମଧ୍ୟ ମୁକ୍ତି ପାଇଥା'ନ୍ତି ବୋଲି ଦୃଢ଼ ବିଶ୍ୱାସ ରହିଛି। ଏଠାରେ ଭକ୍ତମାନେ ୫ କିମ୍ବା ୭ଟି ମଙ୍ଗଳବାର କିମ୍ବା ଶନିବାର ନିରନ୍ତର ପରିକ୍ରମା କରିବାର ସଂକଳ୍ପ ନେଇଥା'ନ୍ତି। ଡାକ୍ତର ହନୁମାନଙ୍କ ଦର୍ଶନ ଓ ମନ୍ଦିରର ପରିକ୍ରମା କରିବା ପରେ ଭକ୍ତମାନଙ୍କୁ ପ୍ରସାଦ ଭାବେ ବିଭୂତି ଓ ପାଦୁକା ପାଣି ଦିଆଯାଏ। ଏହାକୁ ସେବନ କରିବା ପରେ ରୋଗୀମାନେ ସମ୍ପୂର୍ଣ୍ଣ ସୁସ୍ଥତା ଲାଭ କରିଥା'ନ୍ତି। ମାନସିକ ପୂରଣ ହେବା ପରେ ଏଠାରେ ସତ୍ୟନାରାୟଣ ପୂଜା ଅନୁଷ୍ଠାନ ଆୟୋଜନ କରାଯାଏ।

ଭାରତର ବିଭିନ୍ନ ଅଞ୍ଚଳ ସମେତ ବିଦେଶରୁ ମଧ୍ୟ ଅନେକ କର୍କଟ ରୋଗୀ ଏହି ପ୍ରାଣଘାତୀ ରୋଗରୁ ମୁକ୍ତି ପାଇବା ଆଶାରେ ଡାକ୍ତର ହନୁମାନଙ୍କ ନିକଟକୁ ଆସିଥା'ନ୍ତି। ଏହାର ମଠାଧୀଶ ଶ୍ରୀଶ୍ରୀ ୧୦୦୮ ମହାମଣ୍ଡଳେଶ୍ୱର ରାମଦାସଜୀ ମହାରାଜଙ୍କ କହିବା ଅନୁସାରେ ମନ୍ଦିରର ପରିକ୍ରମା କରିବା କରିବା ସହିତ ହନୁମାନଙ୍କ ବିଭୂତି ଓ ପାଦୁକା ପାଣି ସେବନ ଏବଂ "ଓଁ ଶ୍ରୀ ଦଂଦରୋଆ ହନୁମତେ ନମଃ" ମନ୍ତ୍ର ଜପ କରିବା ଦ୍ୱାରା ରୋଗ ନାଶ ହେବା ସହିତ ମାତା ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ ହୋଇଥାଏ। ତେଣୁ ଏହି ମନ୍ଦିର ଦୃଢ଼ ଭଗବତ୍ ବିଶ୍ୱାସର ପ୍ରତୀକ ଭାବେ ରହିଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଓଡ଼ିଶାରୁ ଲୋପ ପାଇଯିବ ନଡ଼ିଆ ଚାଷ!

## ହ୍ରାସ ପାଉଛି ଉତ୍ପାଦନ, ସରକାର ଉଦାସୀନ

ଭୁବନେଶ୍ୱର, ୨୬।୬(ସମିସ): ନଡ଼ିଆ ଉତ୍ପାଦନର ପ୍ରମୁଖ ସ୍ଥାନ ହେଉଛି ଓଡ଼ିଶା। ଏଠି ୪୫୦ କିଲୋମିଟର ସୁଦୀର୍ଘ ବେଳାଭୂମି ରହିଛି। ବେଳାଭୂମି ସଂଲଗ୍ନ ଅଞ୍ଚଳରେ ନଡ଼ିଆ ଓ ନଡ଼ିଆ କତା ତିଆରି ଦ୍ରବ୍ୟ ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ସୁଯୋଗ ମଧ୍ୟ ଅଛି। ଏହି ସୁଯୋଗର ସଦୁପଯୋଗ କରି ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରାଯାଇପାରନ୍ତା। ଏଥିସହ ଚାଷୀଙ୍କ ଆୟ ବୃଦ୍ଧିରେ ମଧ୍ୟ ବିଶେଷ ସହାୟକ ହୁଅନ୍ତା। କିନ୍ତୁ ରାଜ୍ୟ ସରକାରଙ୍କର ଦୂରଦୃଷ୍ଟି ଅଭାବ ଓ ଭବିଷ୍ୟତମୁଖୀ ଯୋଜନା ନଥିବାରୁ ଏହା ସଫଳ ହୋଇପାରୁନି।

**■ ସୁଯୋଗର ସଦୁପଯୋଗ ହୋଇପାରୁନି**
**■ କାମରେ ଆସୁନି ସୁଦୀର୍ଘ ଉପକୂଳ**

ଫଳସ୍ୱରୂପ, ଭାରତରେ ନଡ଼ିଆ ଉତ୍ପାଦନ ସୂଚକାଙ୍କରେ ଓଡ଼ିଶା ଦିନକୁ ଦିନ ତଳକୁ ଖସୁଛି। ଏମିତିକି, ଆଗାମୀ ଦିନରେ ନଡ଼ିଆ ଉତ୍ପାଦନ ସଂପୂର୍ଣ୍ଣ ହ୍ରାସ ପାଇବା ନେଇ ଆଶଙ୍କା ପ୍ରକାଶ ପାଉଛି।

ସମଗ୍ର ଭାରତବର୍ଷରେ ନଡ଼ିଆ ଉତ୍ପାଦନରେ କେରଳ ପ୍ରଥମ ସ୍ଥାନରେ ଅଛି। ତା' ପଛକୁ ଯଥାକ୍ରମେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ରହିଛନ୍ତି। ଏହି ସୂଚକାଙ୍କରେ ଓଡ଼ିଶାର ସ୍ଥାନ ପଞ୍ଚମରେ ରହିଛି। ମାତ୍ର ଆମର ସୁଦୀର୍ଘ ବେଳାଭୂମି ରହିଛି। ଯାହା ଅନ୍ୟ ରାଜ୍ୟ ତୁଳନାରେ ନଡ଼ିଆ ଚାଷ ପାଇଁ ବେଶ ଉପଯୋଗୀ ଜମି। ପୂର୍ବରୁ ଆମ ରାଜ୍ୟ ତିନି ନମ୍ବରରେ ଥିଲା। ଗତ କିଛି ବର୍ଷ ଭିତରେ କେରଳ ମଡେଲ୍‌କୁ ଆପଣାଇ ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ଆମଠାରୁ ଅଧିକ ନଡ଼ିଆ ଉତ୍ପାଦନ କରୁଛନ୍ତି। କେରଳରେ ସର୍ବାଧିକ ୭୬୦ ହଜାର ହେକ୍ଟର ଜମିରେ ନଡ଼ିଆ ଚାଷ ହେଉଥିବା ବେଳେ ଆମ ରାଜ୍ୟରେ ମାତ୍ର ୫୩ ହଜାର ହେକ୍ଟର୍ ଜମିରେ ଚାଷ ହେଉଛି। ବିଶେଷକରି ୧୯୯୯ ମହାବାତ୍ୟାରେ ଓଡ଼ିଶାରେ ସର୍ବାଧିକ ନଡ଼ିଆ ଗଛ କ୍ଷତିଗ୍ରସ୍ତ ହୋଇଥିଲା। ପରବର୍ତ୍ତୀ ସମୟରେ ଫନି ବାତ୍ୟାରେ ମଧ୍ୟ ପୁରୀ ଜିଲ୍ଲା ନଡ଼ିଆ ଚାଷ ସଂପୂର୍ଣ୍ଣ ମୂଳପୋଛ ହୋଇଯାଇଥିଲା। ବାତ୍ୟା ଯୋଗୁଁ ଯେତିକି କ୍ଷତି ହୋଇଥିଲା, ପରବର୍ତ୍ତୀ ସମୟରେ ତା'ର କିଛି ପରିମାଣରେ ନୂଆ ଗଛ ଲଗାଇ



ଭରଣା କରାଯାଇଥିଲା। ହେଲେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁଁ ପୂର୍ବଭଳି ଗଛଗୁଡ଼ିକ ବୃଦ୍ଧି ପାଇନଥିଲା ଓ ବିଭିନ୍ନ ରୋଗ ଦେଖାଦେଇଥିଲା।

ଓଡ଼ିଶାରେ ନଡ଼ିଆ ଚାଷ ଓ 'କଏର୍ ଇଣ୍ଡଷ୍ଟ୍ରି' ପାଇଁ ଅନୁକୂଳ ପରିବେଶ। ଏହାକୁ ଦୃଷ୍ଟିରେ ରଖି ୫ବର୍ଷ ପୂର୍ବରୁ ୫ଟି 'କଏର୍ କ୍ଲଷ୍ଟର୍' ସ୍ଥାପନ ହୋଇଥିଲା। ପୁରୀ ଜିଲ୍ଲାରେ କୋଣାର୍କ, ଡେଲାଙ୍ଗ ଓ ସତ୍ୟବାଦୀରେ ତିନୋଟି ଖୋଲାଯାଇଥିବା ବେଳେ ବାଲେଶ୍ୱର ଭୋଗରାଇ ଓ କେନ୍ଦ୍ରାପଡ଼ା ରାଜକନିକାରେ ଗୋଟିଏ ଲେଖାଁଏ କ୍ଲଷ୍ଟର୍ ଖୋଲାଯାଇଥିଲା। ମାତ୍ର ବର୍ଷ କେଇଟା ଭିତରେ ତିନୋଟି କ୍ଲଷ୍ଟର୍ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। କେବଳ ପୁରୀ ଜିଲ୍ଲାର ସତ୍ୟବାଦୀ ଓ ଡେଲାଙ୍ଗରେ କ୍ଲଷ୍ଟର୍ କାର୍ଯ୍ୟକ୍ଷମ ରହିଛି। ମାତ୍ର ଏହାର କାର୍ଯ୍ୟକାରିତ କ'ଣ ନଡ଼ିଆ ଚାଷୀମାନେ ଜାଣିପାରୁନାହାନ୍ତି। ଫଳସ୍ୱରୂପ କ୍ଲଷ୍ଟର୍‌ଗୁଡ଼ିକ ଏକପ୍ରକାର ଅଚଳ ଅବସ୍ଥାକୁ ଆସିଗଲାଣି।

ନଡ଼ିଆ ଚାଷ ଉପରେ ବହୁବର୍ଷ ଧରି ଗବେଷଣା କରିଥିବା ଗବେଷକ ଅମରଯୋଶୀ ପଟ୍ଟନାୟକ କହିଛନ୍ତି, ସାରା ଭାରତବର୍ଷରେ ଆମ ରାଜ୍ୟର ମାଟି ଓ ଜଳବାୟୁ ନଡ଼ିଆ ଉତ୍ପାଦନ ପାଇଁ ସର୍ବୋତ୍କୃଷ୍ଟ। କେରଳ ଏବେ ସର୍ବାଧିକ ନଡ଼ିଆ ଉତ୍ପାଦନ ରାଜ୍ୟ ହୋଇଥିଲେ ହେଁ ଆମ ରାଜ୍ୟରେ ହେକ୍ଟର ପିଛା ୭୫୨୮ଟି ନଡ଼ିଆ ଫଳୁଛି। କେରଳରେ ଏହି ସଂଖ୍ୟା ୭୪୦୨। ଏସବୁକୁ ଦୃଷ୍ଟିରେ ଆମ ରାଜ୍ୟରେ ନଡ଼ିଆ ଚାଷକୁ ବ୍ୟବସ୍ଥିତ କରିପାରିଲେ ଚାଷୀଙ୍କ ଆୟ ବୃଦ୍ଧି ପାଇବାରେ ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି।

ଶ୍ରୀ ପଟ୍ଟନାୟକ ଆହୁରି କହିଛନ୍ତି, କେବଳ ପଇଡ଼ କିମ୍ବା ନଡ଼ିଆ ଚାଷ ନୁହେଁ; ନଡ଼ିଆ ତେଲ, ନଡ଼ିଆ କ୍ଷୀର, ନଡ଼ିଆ ବିସ୍କୁଟ୍‌ଠାରୁ ଆରମ୍ଭ କରି ନଡ଼ିଆ କତା, ପାପୋଛ, କାର୍ପେଟ୍, ପୋଷାକ, ଦଉଡ଼ି, ଗୃହସଜ୍ଜା ସାମଗ୍ରୀ, କଣ୍ଢେଇ, ବିଞ୍ଚଣା ଆଦି ପ୍ରସ୍ତୁତ ହୋଇପାରିବ। ଏହାଦ୍ୱାରା କର୍ମନିଯୁକ୍ତି ବୃଦ୍ଧି ପାଇବ। ବର୍ତ୍ତମାନ ସରକାର ମାତ୍ରାଧିକ କର୍ମନିଯୁକ୍ତି ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। ତେଣୁ ଏହା ଉପରେ ବିଶେଷ ଦୃଷ୍ଟି ଦେଇ କାର୍ଯ୍ୟ କଲେ, ଏହା ଏକ ନଡ଼ିଆ ଚାଷରେ ଉନ୍ନତି ହେବା ସହ ଓଡ଼ିଶାରେ କୁଟୀର ଶିଳ୍ପ ବୃଦ୍ଧି ହେବ। ଯାହା ଗ୍ରାମାଞ୍ଚଳ ଅର୍ଥନୀତିକୁ ସୁଧାରିବାରେ ମହୌଷଧି ସାଜିବ ବୋଲି ସେ କହିଛନ୍ତି।


## ଦଳିତଙ୍କ ଉପରେ ବଢ଼ୁଛି ବର୍ବୋରଚିତ ଆକ୍ରମଣ

# ଜାତୀୟ ସ୍ତରରେ ନିନ୍ଦିତ ହେଉଛି ଓଡ଼ିଶା

ଭୁବନେଶ୍ୱର,୨୬।୬(ସମିସ): ଗତ୨୨ ତାରିଖରେ ଗଞ୍ଜାମ ଜିଲ୍ଲା ଧରାକୋଟ ଦୁଇ ଦଳିତ ବ୍ୟକ୍ତି ବୁଲୁ ନାଏକ ଓ ବାବୁଲା ନାଏକଙ୍କୁ ଗାଁ ଦାଣ୍ଡରେ କଙ୍ଗାରୁ କୋର୍ଟ କରି ଅଧା ଲଣ୍ଡା କରି, ଆଣ୍ଠେଇ, ଘାସ ଖୁଆଇ, ନର୍ଦ୍ଦମା ପାଣି ପିଆଗଲା। ନିଜକୁ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ, ଗୋରକ୍ଷକ କହି ଯେଉଁ ଅମାନବୀୟ କାଣ୍ଡ କରାଯାଇଛି ତାହା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ ବୋଲି ରାଜ୍ୟ କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହି ଘଟଣା ପାଇଁ ଓଡ଼ିଶା ସାରା ବିଶ୍ୱରେ ନିନ୍ଦିତ ହୋଇଛି ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ କହିଛନ୍ତି। ତଥ୍ୟ ଅନୁସନ୍ଧାନ କମିଟିର ଅଧ୍ୟକ୍ଷ ଥିବା କାଡାମ କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଏହି ଘଟଣାକୁ ନେଇ ପ୍ରତିଟି ଓଡ଼ିଆ ଦୁଃଖିତ, ଚିନ୍ତିତ ଓ ମର୍ମାହତ।

ଶ୍ରୀ କାଡାମ କହିଥିଲେ କି ପୀଡ଼ିତ ବାବୁଲା ନାୟକ ନିଜ ଝିଅ ବିବାହ ପାଇଁ ହିନ୍ଦୁ ରୀତି ନୀତି ଅନୁଯାୟୀ ଗୋଧନ ପ୍ରଦାନ କରିବା ଉଦ୍ଦେଶ୍ୟରେ ୨୨ ତାରିଖ ଦିନ ଦିନ ଗୁମା ଅଞ୍ଚଳରୁ ଗାଈ କିଣି ନିଜ ଘରକୁ ଫେରୁଥିଲେ। ଫେରିବା ସମୟରେ ଖାରିଗୁମାଠାରେ କିଛି ଅସାମାଜିକ ଯୁବକ ଅଟକାଇଥିଲେ। ବାବୁଲା ଝିଅ ପାଇଁ ଗୋଧନ ପ୍ରଦାନ କରିବାକୁ ନେଉଛି ବୋଲି କହିଥିଲେ। କିନ୍ତୁ ଏହି ଯୁବକମାନେ ମିଥ୍ୟାରୋପ ଲଗାଇ ଗାଈ ବେପାରୀ ଇତ୍ୟାଦି କହିବା ସହ ତାଙ୍କ ଜାତିକୁ ନେଇ ଗାଳିଗୁଲଜ କରିଥିଲେ। ବାବୁଲା ଭୟଭୀତ ହୋଇ ଛାଡ଼ିବାପାଇଁ କାକୁତି ମିନତି ହେବାରୁ ତାଙ୍କୁ ମାଡ ମାରିଥିଲେ। କିଛି ସମୟପରେ ଅଭିଯୁକ୍ତମାନେ ତାଙ୍କର ସହଯୋଗୀମାନଙ୍କୁ ଡକାଇଲେ ଏବଂ ଛାଡ଼ିବାକୁ ୩୦ ହଜାର ଟଙ୍କା ବଟି ମାଗିଲେ। ସେହି ଘଟଣା ସମୟରେ ବୁଲୁ ପହଞ୍ଚି ବାବୁଲାକୁ ଛାଡ଼ିବାକୁ କହିବାରୁ ବୁଲୁକୁ ମଧ୍ୟ ନିସ୍ତୁକ ମାଡ଼ ମାରିଲେ। ଦଳିତ ଦୁଇ ଜଣ ଗରିବ ପରିବାର ଓ ଆର୍ଥିକ ସ୍ଥିତି ଦୁର୍ବଳ, ନିଜ ପରିବାରକୁ ଚଳାଇବା ମଧ୍ୟ କଷ୍ଟ। ୩୦ ହଜାର ନଦେବାରୁ ସେମାନଙ୍କୁ ରାସ୍ତାରେ କଙ୍ଗାରୁ କୋର୍ଟ କରି ଚଲାଇଲେ ପରେ ଆଣ୍ଠେଇଲେ, ଘାସ ଖୁଆଇଲେ, ନର୍ଦ୍ଦମା ଅପରିଷ୍କାର ପାଣି ପିଆଇ ଦୀର୍ଘ ୩ ଘଂଟା ଧରି ନିର୍ଯାତନା ଦେଇ ଚାଲିଥିଲେ। ଥାନାରୁ ୬ କିମି ଦୂରରେ ଏମିତି ଲୋମହର୍ଷଣକାରୀ ଘଟଣା ଘଟୁଥିଲା। କିନ୍ତୁ ପ୍ରଶାସନ ପାଖରେ ଖବର ନଥିବାକୁ ନେଇ କାଡାମ୍ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଛି, ଅପରାଧୀମାନେ ଦିନଦ୍ୱିପହରରେ ଅପରାଧ କରୁଛନ୍ତି। ସରକାର ଓ ଗୃହ ବିଭାଗ ଚୁପ୍ ହୋଇ ନୀରବ ଦ୍ରଷ୍ଟା ସାଜିଛନ୍ତି। ଦଳିତ ମାନଙ୍କ ଉପରେ ଆକ୍ରମଣ ବଢ଼ୁଛି। ଏହି ଘଟଣାର ଅଭିଯୁକ୍ତ ମାନେ ସରକାରୀ ଦଳର କର୍ମକର୍ତ୍ତା, ମନ୍ତ୍ରୀଙ୍କ ସହ ଶାସକ ଦଳର ନେତାଙ୍କ ସହ ଫଟୋ ଭାଇରାଲ ହେଉଛି। ଶାସକ ଦଳର ପୃଷ୍ଠପୋଷକତାରେ ଏହି ଘଟଣା ଘଟିଛି। କିନ୍ତୁ ମୁଖ୍ୟ ଆସାମୀ ରାଜା ଏପର୍ଯ୍ୟନ୍ତ ଗିରଫ ନ ହେବାକୁ ନେଇ କଂଗ୍ରେସ ଆପତ୍ତି ଉଠାଇଛି।




# ସାମୟିକ କର୍ମଚାରୀ କାର୍ଯ୍ୟ ନିବୃତ୍ତି ସମୟରେ ପାଇବେ୨.୫ ଲକ୍ଷ ଟଙ୍କା

ଭୁବନେଶ୍ୱର,୨୬।୬(ସମିସ): ରାଜ୍ୟର ସାମୟିକ କର୍ମଚାରୀମାନେ କାର୍ଯ୍ୟରୁ ନିବୃତ୍ତ ବେଳେ ପାଉଥିବା ଅର୍ଥରାଶିକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ପୂର୍ବରୁ ସାମୟିକ କର୍ମଚାରୀ ମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବା ବେଳେ କରାଯିବା ସମୟରେ ସେମାନଙ୍କୁ ଏକକାଳୀନ ୧.୫ ଲକ୍ଷ ଟଙ୍କା ମିଳୁଥିଲା। ଏହି ପରିମାଣକୁ ୨.୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି। ଅନୁମୋଦିତ ନିଷ୍ପତ୍ତି ଅନୁଯାୟୀ ଯଦି ସାମୟିକ କର୍ମଚାରୀମାନେ ନିୟମିତ ପଦବୀକୁ ଯାଇଥିବେ କିନ୍ତୁ ୫ ବର୍ଷ ପୂରଣ କରିନଥିବେ ତେବେ ସେ କ୍ଷେତ୍ରରେ ସେମାନଙ୍କୁ ମଧ୍ୟ ୨.୫ ଲକ୍ଷ ଟଙ୍କା ଏକକାଳୀନ ରାଶି ମିଳିବ। ନିୟମିତ ପଦବୀରେ ୫ ବର୍ଷରୁ ଅଧିକ ସମୟ କାମ କରିଥିଲେ, କାର୍ଯ୍ୟ ନିବୃତ୍ତି ସମୟରେ ସେମାନେ ସର୍ବନିମ୍ନ ଗ୍ରାଚ୍ୟୁଇଟି ୨.୫ ଲକ୍ଷ ଟଙ୍କା ପାଇବେ। ଏହା ସହିତ ଏହି ଏକକାଳୀନ ଗ୍ରାଚ୍ୟୁଇଟି ପରିମାଣ ପ୍ରତି ଦୁଇ ବର୍ଷରେ ୧୦ ପ୍ରତିଶତ ଲେଖାଏଁ ବୃଦ୍ଧି ପାଇବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ବୃଦ୍ଧି ପାଇଁ ଅର୍ଥ ବିଭାଗର ଅନୁମୋଦନ ଆବଶ୍ୟକତା ପଡ଼ିବ ନାହିଁ। ବିଭାଗ ମାନେ ନିଜେ ପ୍ରତି ଦୁଇ ବର୍ଷରେ ଏହି ପରିମାଣ ବୃଦ୍ଧି କରି ପାରିବେ।

# ବିଜେପି କାର୍ଯ୍ୟାଳୟରେ ବୋମାମାଡ଼


## ଅଳ୍ପକେ ବର୍ତ୍ତିଲେ ରାଜ୍ୟ ସମ୍ପାଦକ ନବୀନ ରାମ

ରାଇରଙ୍ଗପୁର, ୨୬।୬(ସମିସ): ରାଇରଙ୍ଗପୁର ସହରରେ ଥିବା ବିଜେପି କାର୍ଯ୍ୟାଳୟରେ ବୁଧବାର ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତମାନେ ବୋମାମାଡ଼ କରିଛନ୍ତି। ସୂଚନାନୁସାରେ, ରାଇରଙ୍ଗପୁର ସହରର ୧୩ ନଂ. ୱାର୍ଡସ୍ଥିତ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରେ ବିଜେପି ରାଜ୍ୟ ସମ୍ପାଦକ ନବୀନ ରାମ ଥିବା ବେଳେ ବୁଧବାର ରାତି ୧୨ଟାରେ ଦୁଇଜଣ ଦୁର୍ବୃତ୍ତ ଏକ ବୁଲେଟରେ ପହଞ୍ଚି କାର୍ଯ୍ୟାଳୟ ଉପରକୁ ବୋମାମାଡ଼ କରି ଫେରାର୍ ହୋଇଯାଇଥିଲେ। ତେବେ ଏହି ବୋମାମାଡ଼ରୁ ରାଜ୍ୟ ସମ୍ପାଦକ ନବୀନ ରାମ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବୋମାମାଡ଼ ପରେ ନବୀନ ରାମ ଘଟଣା ସମ୍ପର୍କରେ ନିଜ କର୍ମକର୍ତ୍ତାଙ୍କୁ ସୂଚନା ଦେଇଥିଲେ। ବୋମାମାଡ଼ରେ କାର୍ଯ୍ୟାଳୟର ମୁଖ୍ୟଦ୍ୱାର କାନ୍ଥର ଗୋଟିଏ ପାର୍ଶ୍ୱ କ୍ଷତିଗ୍ରସ୍ତ ହୋଇଛି। ଗୁରୁବାର ସକାଳେ ଶ୍ରୀ ରାମ ଏହି ଘଟଣାକୁ ନେଇ ରାଇରଙ୍ଗପୁର ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପରବର୍ତ୍ତୀ ସମୟରେ ଟାଉନ୍ ଥାନା ପୁଲିସ ଓ ବାରିପଦାରୁ ଆସିଥିବା ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି।

# ଲାଞ୍ଚ ନେଇ ଆର୍‌ଆଇ, ଅମିନ ଗିରଫ

କଟକ, ୨୬।୬(ସମିସ): ଏକ ଜମିର କିସମ ପରିବର୍ତ୍ତନ ପୂର୍ବକ ସାନି ପଟ୍ଟା ପ୍ରଦାନ ପାଇଁ ଜଣେ ଅଭିଯୋଗକାରୀଙ୍କଠାରୁ ୧୨ହଜାର ଟଙ୍କା ଲାଞ୍ଚ ଗ୍ରହଣ କରି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କଟକ ଜିଲ୍ଲା କନ୍ଦରପୁର ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ(ଆରଆଇ) ମନୋଜ କୁମାର ବେହେରା ଓ ଅମିନ ବିଚିତ୍ରାନନ୍ଦ ଶତପଥୀ। ଉଭୟଙ୍କୁ ଭିଜିଲାନ୍ସ ଟିମ ଗିରଫ କରିବା ସହ ଅଦାଲତ ଚାଲାଣ କରିଛି। କନ୍ଦରପୁର ରାଜସ୍ୱ ସର୍କଲ କାର୍ଯ୍ୟାଳୟ ନିକଟରେ ଜଣେ ଅଭିଯୋଗକାରୀ (ଦୋକାନ ମାଲିକ) ଙ୍କଠାରୁ ଏକ ଚାଷଜମିକୁ ଘରବାରି ଜମିରେ ପରିବର୍ତ୍ତନ କରି ପଟ୍ଟା ପ୍ରଦାନ କରିବା ପାଇଁ ୧୨ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିବା ବେଳେ ଭିଜିଲାନ୍ସ ଟିମ ହାବୁଡରେ ପଡ଼ିଥିଲେ। ଏକ ମାସରୁ ଅଧିକ ସମୟଧରି





ଆରଓଆର ପ୍ରଦାନ ପାଇଁ ଆବଶ୍ୟକ ରିପୋର୍ଟ ଦାଖଲ କରିବାକୁ ଉଭୟ ଆରଆଇ ଓ ଅମିନ ଦାବି କରିଆସୁଥିଲେ। କୌଣସି ବିକଳ୍ପ ନ ପାଇ ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ଉପରୋକ୍ତ ଅଭିଯୋଗକୁ ଆଧାର କରି ଆଜି ଭିଜିଲାନ୍ସ ଟିମ ଏକ ଜାଲ ବିଛାଇ ଦୁଇ ଜଣଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଛି। ଏଥିସହ ଲାଞ୍ଚ ଟଙ୍କା ଜବତ କରିଛି ଭିଜିଲାନ୍ସ। ଆର୍‌ଆଇ ଶ୍ରୀ ବେହେରାଙ୍କ କଟକ ସିଡିଏରେ ଥିବା ଭଡ଼ାଘର ଏବଂ ତାଙ୍କ ପୈତୃକ ଘର କଟକ ଜିଲ୍ଲା ବୈଦେଶ୍ୱର ଥାନା ପାଣ୍ଡାଲାମ ଗ୍ରାମ ସହ ଶ୍ରୀ ଶତପଥୀଙ୍କ ବେଣ୍ଟକାର ଘର ଓ କନ୍ଦରପୁର ଆରଆଇ ଅଫିସରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଏ ସମ୍ପର୍କରେ କଟକ ଭିଜିଲାନ୍ସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।






### ବ୍ୟାସନଗରରେ ତାତିଲେ କାଉନସିଲର

# ରାତିଯାଏଁ ନିର୍ବାହୀ ଅଧିକାରୀଙ୍କୁ ଘେରିଲେ

ବ୍ୟାସନଗର,୨୬ା୬(ସମିସ): ବ୍ୟାସନଗର ପୌରପରିଷଦରେ ଅଧ୍ୟକ୍ଷ ପରିବର୍ତ୍ତନ ପରେ ସହରବାସୀଙ୍କ ବିକାଶକୁ ପ୍ରାଧାନ୍ୟ ଦିଆଯିବ ବୋଲି ଯେଉଁ କଥା କାଉନସିଲର ଏବଂ ବର୍ତ୍ତମାନର ପୌରାଧ୍ୟକ୍ଷ ସୁବାସ ବଳ କଥା ଦେଇଥିଲେ ସେହି ଅନୁସାରେ ସହରର ସମସ୍ତ ଅଞ୍ଚଳର ବିକାଶ ନିମନ୍ତେ ନୀଳ ନକ୍ସା ପ୍ରସ୍ତୁତ କରାଯାଇଥିଲା। ତେବେ ଏହାପରେ ଏହାକୁ ବିଦ୍ଧିବଦ୍ଧ ଭାବେ କାଉନସିଲ ବୈଠକରେ ଉପସ୍ଥାପନ କରାଯିବା ସହିତ ସହରର ବିଭିନ୍ନ ରାସ୍ତା, ଶ୍ମଶାନ, ଡ୍ରେନ ଏବଂ ସହରକୁ ସଫା କରିବା ନିମନ୍ତେ ଟେଣ୍ଡର କରାଯିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଟେଣ୍ଡର କରାଯିବା ନିଷ୍ପତ୍ତି ପରେ ବ୍ୟାସନଗର ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢୀ ଦୀର୍ଘ ଦିନ ହେବ ସରକାରୀ ନିୟମାନୁଯାୟୀ ଟେଣ୍ଡର ନକରି ଦିନ ଘୁଞ୍ଚାଇବା ସହିତ ଖୋଲାଖୋଲି ସରକାରୀ ବିଧି ବ୍ୟବସ୍ଥାକୁ ଅଣଦେଖା କରୁଥିଲେ। ତେବେ ଏନେଇ ଗତ କିଛି ଦିନ ହେବ ପୌର ପରିଷଦର କାଉନସିଲର ଏବଂ ନିଜେ ଅଧ୍ୟକ୍ଷ ସୁବାସ ବଳ ମଧ୍ୟ ତାଙ୍କୁ ତୁରନ୍ତ ଟେଣ୍ଡର କରିବାକୁ କହିବା ପରେ ବି ସେ ଏହାକୁ ଅଣଦେଖା କରିବା ସହିତ ପ୍ରକାରନ୍ତରେ ତାଙ୍କ ଉପରେ କୋରେଇ ବିଧାୟକ ଆକାଶ ଦାସନାୟକ, ଏଡିଏମ୍ କଳିଙ୍ଗନଗରଙ୍କ ଚାପ ଥିବା କହିଥିଲେ। ତେବେ ସେ ଏହି ଟେଣ୍ଡର କଲେ ତାଙ୍କୁ କୋରାପୁଟ କିମ୍ବା କଳାହାଣ୍ଡି ବଦଳି କରାଯିବାକୁ ଧମକ ଦିଆଯାଇଥିବା ସେ କହିଥିଲେ। ତେବେ ଏନେଇ ଏଡିଏମ୍ କଳିଙ୍ଗନଗର ସପନ କୁମାର ନନ୍ଦ ଏକ ଚିଠି ମାଧ୍ୟମରେ ଯାହା ପୌର ଆଇନରେ ଅଛି ତଦାନୁଯାୟୀ କାର୍ଯ୍ୟ କରିବାକୁ କହି ନିଜ ମୁଣ୍ଡରୁ ଦୋଷ ଖସାଇଥିଲେ। ତେବେ ଦୀର୍ଘ ଦିନ ହେବ କାଉନସିଲର ଏବଂ ପୌର ବାସୀଙ୍କ ବିକାଶକୁ ଅଟକାଇ ରଖିଥିବା ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢୀଙ୍କୁ ଗୁରୁବାର ୨୦ରୁ ଉର୍ଦ୍ଧ୍ୱ କାଉନସିଲର ଟେଣ୍ଡର କାହିଁକି କରୁନ ଦାବି କରି ତାଙ୍କ କାର୍ଯ୍ୟାଳୟରେ ଧାରଣାରେ ବସିବା ସହିତ ତାଙ୍କୁ ଅଟକ ରଖିଥିଲେ। ତେବେ ଏହି ମାମଲାରେ କୋରେଇ ବିଧାୟକ ହସ୍ତକ୍ଷେପ କରୁଥିବା ଜାଣିବା ପରେ କାଉନସିଲରମାନେ ବିଧାୟକଙ୍କ ବିରୋଧରେ ନାରାବାଜି କରିଥିଲେ। ତେବେ ସମସ୍ତ କାଉନସିଲର ପୌର କାର୍ଯ୍ୟାଳୟ ମଧ୍ୟରେ ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢୀଙ୍କୁ ଅଟକ ରଖିଥିବା ବେଳେ ଗୁରୁବାର ଏନେଇ ସମସ୍ତ କାର୍ଯ୍ୟ ନ ସରିଲେ ଶୁକ୍ରବାର ପୌର କାର୍ଯ୍ୟାଳୟରେ ତାଲା ପକାଇବାକୁ ଧମକ ଦେବା ପରେ ସେ ଶୁକ୍ରବାର ଏ ନେଇ ସମସ୍ତ କାର୍ଯ୍ୟ ସାରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।



**ରିଜୋଲୋସନ ପରେ ଟେଣ୍ଡର ପ୍ରକ୍ରିୟା ବିଳମ୍ବ**

### ନାବାଳିକା ଅପହରଣ ଓ ଦୁଷ୍କର୍ମ ଅଭିଯୋଗ

# ଭଣଜା ଓ ମାମୁଙ୍କୁ ସଶ୍ରମ କାରାଦଣ୍ଡ

ଯାଜପୁର,୨୬ା୬(ସମିସ)

ଜନୈକା ୧୫ ବର୍ଷୀୟା ନାବାଳିକାକୁ ଅପହରଣ ଓ ପରେ ବାରମ୍ବାର ଦୁଷ୍କର୍ମ କରିବା ସହ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେବା ଅଭିଯୋଗରେ ଗୁରୁବାର ଭଣଜାକୁ ୨୦ବର୍ଷ ଓ ମାମୁଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ଜରିମାନା କରି ରାୟ ପ୍ରକାଶ ହୋଇଛି। ବିବରଣୀରୁ ପ୍ରକାଶ, ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ମଝିପାଟଣା ଗ୍ରାମର ରଞ୍ଜନ ତରାଇ(୨୫) କୋରେଇ ଥାନା ଅଞ୍ଚଳର ଜନୈକା ୧୫ ବର୍ଷ ନାବାଳିକାକୁ ଅପହରଣ କରି ଜେନାପୁର ଥାନା ଏଣ୍ଡଲବା ଗ୍ରାମ ନିଜ ମାମୁ ଘର ରବୀନ୍ଦ୍ର ତରାଇ(୬୦) ଘରେ ରଖିଥିଲା। ପରେ ମାମୁଙ୍କ ପରାମର୍ଶ ଓ ସହଯୋଗରେ ଢେଙ୍କାନାଳ ଜିଲ୍ଲା ମେରାମୁଣ୍ଡଳିଠାରେ ଏକ ଭଡ଼ା ଘରେ ଦୀର୍ଘ ୪ମାସ ଧରି ନାବାଳିକାକୁ ରଖିବା ସହ ତା' ସହିତ ଜୋର ଜବରଦସ୍ତ ଦୁଷ୍କର୍ମ କରିବା ଏବଂ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ।

ସୂଚନା ଯୋଗ୍ୟ ଯେ, ଧର୍ମଶାଳା ଅଞ୍ଚଳରେ ଥିବା ମାମୁଘରେ ରହି ପାଠ ପଢୁଥିବା ନାବାଳିକାକୁ ୨୦୨୪ ମସିହା ଜୁନ ୮ ତାରିଖ ବିଳମ୍ବିତ ରାତିରେ ରଞ୍ଜନ ଜୋର ଜବରଦସ୍ତ ଅପରହଣ କରିନେଇଥିଲା। ଏ ନେଇ ୯ ତାରିଖରେ ନାବାଳିକାର ପିତା କୋରେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି କୋରେଇ ଥାନାରେ କେଶ ନଂ.୨୬୨/୨୪ ଏକ ଅପହରଣ ଓ ଦୁଷ୍କର୍ମ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ନାବାଳିକାର ବାପା ପୁଲିସ ସହଯୋଗରେ ଘଟଣାସ୍ଥଳରେ ପହଞ୍ଚି ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିଥିଲା। ଗୁରୁବାର ଏହି ମାମଲାକୁ ବିଚାର କରି ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଜଜ୍ ଶରତ କୁମାର ଦେହୁରୀ ୮ଜଣ ସାକ୍ଷୀଙ୍କ ବୟାନ ଓ ପୁଲିସର ଦସ୍ତାବିଜ୍‌କୁ ଆଧାର କରି ଅଭିଯୁକ୍ତ ଭଣଜା ରଞ୍ଜନ ତରାଇକୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଜରିମାନା, ଅନାଦେୟ ଅଧିକ ୨ବର୍ଷ କାରାଦଣ୍ଡ ଭୋଗିବ ବୋଲି ରାୟ ଶୁଣାଇଥିଲେ। ଅନ୍ୟତମ ଅଭିଯୁକ୍ତ ମାମୁ ରବୀନ୍ଦ୍ର ତରାଇକୁ ଅପହରଣରେ ସହଯୋଗ କରିଥିବାରୁ ୨ ବର୍ଷ କାରାଦଣ୍ଡ, ୨ହଜାର ଜରିମାନା ଅର୍ଥ ଅନାଦେୟରେ ଅଧିକ ୬ ମାସ କାରାଦଣ୍ଡ ଭୋଗିବ ବୋଲି ରାୟ ଶୁଣାଇଛନ୍ତି। ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାକୁ ୭ଲକ୍ଷ ଟଙ୍କା ସହାୟତା ପ୍ରଦାନ ନେଇ ରାୟରେ ଉଲ୍ଲେଖ କରାଯାଇଛି। ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପାର୍ଥ ରାୟ ପରିଚାଳନା କରିଥିଲେ।

### ଜିଲ୍ଲାରେ ହ୍ରାସ ପାଇଛି ଝାଡ଼ାବାନ୍ତି ଓ ଡାଇରିଆ

# ହୋଟେଲ ଓ ଜଳଖିଆ ଦୋକାନ ପାଇଁ ଲାଗୁହେବ ଏସ୍‌ଓପି

ଯାଜପୁର,୨୬ା୬(ସମିସ): ଯାଜପୁର ଜିଲ୍ଲାରେ ଏବେ ଝାଡାବାନ୍ତି ଓ ଡାଇରିଆ ନିୟନ୍ତ୍ରଣକୁ ଆସିଛି। କିନ୍ତୁ ଏ ପର୍ଯ୍ୟନ୍ତ ଜିଲ୍ଲାର ହୋଟେଲ, ଢାବା, ଜଳଖିଆ ଦୋକାନ ଗୁଡିକ ବନ୍ଦ ହୋଇ ରହିଛି। ଫଳରେ ଖାଉଟି ଠାରୁ ଆରମ୍ଭ କରି ହୋଟେଲ କର୍ମଚାରୀ ମାନେ ନାନା ହଇରାଣ ହରକତ ହେଉଛନ୍ତି। ଦୀର୍ଘ ଦିନ ବନ୍ଦ ରହିବା ଦ୍ୱାରା କର୍ମଚାରୀଙ୍କ ଜୀବିକା ଉପରେ କୁପ୍ରଭାବ ପକାଇଛି। ଏପରିକି ଦୂର ଦୂରାନ୍ତରୁ ଆସୁଥିବା ଲୋକେ ସହରରେ ଖାଇବାକୁ ନ ପାଇ ହଇରାଣ ହରକତ ହେଉଛନ୍ତି ବୋଲି ଆଜି ଯାଜପୁର ସହରର ହୋଟେଲ ମାଲିକଙ୍କ ପକ୍ଷରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେପଟେ ଖୁବଶୀଘ୍ର ଦୋକାନ ଖୋଲାଯିବା ନେଇ ଏକ ଗାଇଡ୍ ଲାଇନ ପ୍ରସ୍ତୁତ କରାଯିବା ସହ ମାଲିକଙ୍କୁ ଅବଗତ କରାଯିବ ବୋଲି ଜଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ସୂଚନା ଦେଇଥିଲେ। ସମସ୍ତ ହୋଟେଲରେ ଶୁଦ୍ଧ ପାନୀୟ ଜଳ ଗ୍ରାହକଙ୍କୁ ଯୋଗାଇବା ବାଧ୍ୟତାମୂଳକ। ଗ୍ରାହକଙ୍କୁ ପୌରାଞ୍ଚଳ ଦ୍ୱାରା ଯୋଗାଇ ଦିଆଯାଉଥିବା ପାନୀୟ ଜଳ ଗ୍ରାହକଙ୍କୁ ଦିଆଯିବ ନାହିଁ। ଏହି ଜଳକୁ ରୋଷେଇରେ ବ୍ୟବହାର କରାଯାଇପାରିବ। ଯଦି କୌଣସି ବ୍ୟବସାୟୀ ପାନୀୟ ଜଳ ମେସିନ ଲଗାଇ ନ ପାରିବେ ପାଣିକୁ ଫୁଟାଇ ଥଣ୍ଡା କରି ଗ୍ରାହକଙ୍କୁ ଯୋଗାଇ ଦେବେ। ଏ ନେଇ ଖୁବଶୀଘ୍ର ହୋଟେଲ ମାଲିକଙ୍କୁ ସୂଚନା ଦିଆଯିବ। ହୋଟେଲ ସମ୍ମୁଖରେ ସମସ୍ତ ପ୍ରକାର କଟକଣା ସମ୍ପର୍କିତ ତଥ୍ୟ ଉପସ୍ଥାପନ କରାଯିବ। ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।





# ବଳଦେବଜୀଉଙ୍କ ନବଯୌବନ ଦର୍ଶନ

ଦଶରଥପୁର, ୨୬ା୬ (ସମିସ): ଦଶରଥପୁର ବ୍ଲକ ଥାଲକୁଡି ପଞ୍ଚାୟତ କାରଣ୍ଡୀପୁର ଗ୍ରାମରେ ଶ୍ରୀବଳଦେବଜୀଉଙ୍କ ନବଯୌବନ ଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ମହିଳାମାନେ କଳସଯାତ୍ରାରେ ଆସି ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିବା ପରେ ସ୍ନାନଯାତ୍ରା, ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ କମିଟି ସାଂସ୍କୃତିକ କାର୍ଯ୍ୟକ୍ରମ ପକ୍ଷରୁ ଆୟୋଜନ କରାଯାଇଥିଲା। ଏହି ଅବସରରେ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଆସି ନବଯୌବନ ଦର୍ଶନ କରିଥିଲେ। ମୁଖ୍ୟ ପୂଜକ ଭାବଗ୍ରାହୀ ଦାଶ, ସୁରେନ୍ଦ୍ର ଦାଶ ସଂକଳ୍ପ କରିଥିବା ବେଳେ ପ୍ରଣାକୃଷ୍ଣ ଦାଶ, ଅନିରୁଦ୍ଧ ଦାଶ, ମଦନମୋହନ ଦାଶ, ନୀଳମଣି ଦାଶ, ରାଧାଶ୍ୟାମ ଦାଶ, ଦୁଃଖିରାମ ଦାଶ, ଇନ୍ଦ୍ରମଣି ଦାଶ, ସର୍ବେଶ୍ୱର ଦାଶ, ବଳରାମ ଦାଶ, ପରମେଶ୍ୱର ଦାଶ, ପ୍ରମୋଦ ଦାଶ, ରଶ୍ମିରଞ୍ଜନ ଦାଶ, ସତ୍ୟଜିତ ଦାଶ, ସୌମ୍ୟରଞ୍ଜନ ଦାଶ, ଦେବାଶିଷ ଦାଶ, ଶ୍ରୀନିବାସ ଦାଶ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



# ରୋଡ୍ ରୋମିଓଙ୍କ ଉତ୍ପାତରେ ଜନତା ହନ୍ତସନ୍ତ

କୟାଁଗୋଲା,୨୫ା୬(ସମିସ): ଦିନକୁ ଦିନ ରୋଡ୍ ରୋମିଓଙ୍କ ପ୍ରାଦୁର୍ଭାବ ବଢିବାର ଦେଖିବାକୁ ମିଳିଛି। ଏମାନଙ୍କୁ ପୁଲିସର ଛାଟ କେବେ ପଡ଼ିବ ବୋଲି ବିଭିନ୍ନ ମହଲରେ ଆଲୋଚନା ହୋଇଛି। ଦଶରଥପୁର ବ୍ଲକରେ ବଢୁଛି ରୋଡ୍ ରୋମିଓ ଉତ୍ପାତ। କଲେଜ, ବଜାର, ଛକମାନଙ୍କରେ, ବ୍ଲକ ଅଫିସ୍ ଅଞ୍ଚଳରେ ବାଇକ୍ ଧରି ଚକ୍କର କାଟିବା ସହ ସ୍କୁଲ, କଲେଜ ଛାତ୍ରୀଙ୍କୁ କମେଣ୍ଟ ମାରୁଛନ୍ତି। କଲେଜ, ବେସରକାରୀ ଶିକ୍ଷାନୁଷ୍ଠାନ, ବଜାର ଅଞ୍ଚଳରେ ରୋଡ୍ ରୋମିଓ ଏବଂ ଅସାମାଜିକ ଯୁବକଙ୍କ ପ୍ରାଦୁର୍ଭାବ ସୀମା ଟପିବାରେ ଲାଗିଛି। ବେପାରୁଆ ଗାଡ଼ି ଚାଳନା ଯୋଗୁଁ ପ୍ରତିଦିନ ଛୋଟମୋଟ ଦୁର୍ଘଟଣା ଘଟୁଥିବା ବେଳେ ବିକଟାଳ ଶବ୍ଦ କରୁଥିବା ହର୍ଣ୍ଣ ସାଇଲେନ୍‌ସର୍ ଯୋଗୁଁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ପୂର୍ବାହ୍ନ ଓ ଅପରାହ୍ନ ସମୟରେ ବ୍ଲକର ବିଭିନ୍ନ ଛକ ମଙ୍ଗଳପୁର, ଦକ୍ଷିଣ ବନ୍ଧ, କୟାଁଗୋଲା, ବିରିପଟା ଆଦି ଅଞ୍ଚଳରେ ଅନେକ ସମୟରେ ସ୍ପିଡରେ ଗାଡ଼ି ଚଳାଇବା ସହ ହଠାତ୍ ବ୍ରେକ ମାରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଥିବାରୁ ଯାତାୟାତ କରୁଥିବା ଲୋକ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। କିଛି ଅଞ୍ଚଳରେ ପୁଲିସ୍‌କୁ ଦେଖିଲେ ରୋଡ୍ ରୋମିଓ ଗାଡ଼ିକୁ ସ୍ୱଳ୍ପ ସମୟ ପାଇଁ ସ୍ଲୋ କରୁଥିବା ବେଳେ ପୁଲିସ୍ ଗଲା ପରେ ପୁଣି ଦ୍ରୁତ ଗତିରେ ଗାଡ଼ିଚାଳନା କରୁଛନ୍ତି। ଯୁବତୀ ଓ ମହିଳାମାନଙ୍କୁ କମେଣ୍ଟ ପାସ୍ କରିବା ଦ୍ୱାରା ଛାତ୍ରୀ ଓ ମହିଳାଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ରେ ପଡୁଛନ୍ତି। ସ୍କୁଲ, କଲେଜ, ବଜାର, ଟ୍ୟୁସନ ଯିବା ଆସିବା ବେଳେ କିଛି ଯୁବକ ହଇରାଣ ହରକତ କରୁଛନ୍ତି। ଏନେଇ ମଙ୍ଗଳପୁର ଥାନା ଏସ୍‌ଆଇ ବିଭୁତି ଭୂଷଣ ମହାପାତ୍ର ପଚାରିବାରୁ ଏହା ଉପରେ କଡ଼ା ନଜର ରଖିବେ ବୋଲି କହିଛନ୍ତି।




### ଅଗ୍ରୀମ ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଗଲେନି

# ବସ୍ ମାଲିକଙ୍କ ବିରୋଧରେ ମାମଲା ରୁଜୁ

ଯାଜପୁର,୨୬ା୬(ସମିସ): ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଯିବା ପାଇଁ ଅଗ୍ରୀମ ନେଇ ଯାଇନଥିବା ବସ୍ ମାଲିକଙ୍କ ବିରୋଧରେ ରୁଜୁ ହେଲା ମାମଲା। ଯାଜପୁର ଆର୍‌ଟିଓଙ୍କ ପକ୍ଷରୁ ଯାଜପୁର ଟାଉନ ଥାନାରେ ଗୁଡ଼ିଜୁଡ଼ି ବସ୍ ମାଲିକଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି। ଗତ ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱର ସରକାରୀ କାର୍ଯକ୍ରମରେ ଆସିଥିବା ବେଳେ ଏଥିପାଇଁ ଜଗତସିଂହପୁର ଆର୍‌ଟିଓଙ୍କ ପକ୍ଷରୁ ଏହି ଗୁଡିଜୁଡ଼ି ବସ୍ ମାଲିକଙ୍କୁ ଅଗ୍ରୀମ ୧୬ ହଜାର ଟଙ୍କା ପୈଠ କରାଯାଇଥିଲା। କିନ୍ତୁ ଏହା ସତ୍ତ୍ୱେ ଗାଡ଼ି ନିର୍ଦ୍ଧାରିତ ସମୟରେ ପହଞ୍ଚି ନଥିଲା କିମ୍ବା ଆଜି ପର୍ଯ୍ୟନ୍ତ ନେଇଥିବା ଅଗ୍ରୀମ ଟଙ୍କା ଫେରସ୍ତ ନ କରିବାରୁ ଏ ନେଇ ମାମଲା ରୁଜୁ ହୋଇଛି। ଗାଡି ମାଲିକ ସୁଶିଲ କୁମାର ଦେବତାଙ୍କ ବିରୋଧରେ ବିଏନ୍‌ଏସ୍‌ର ଧାରା ୩୧୬(୫)ରେ ମକଦ୍ଦମା ରୁଜୁ ହୋଇଥିବା ଜଣାପଡିଛି।




## ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

ଯାଜପୁର, ୨୬ା୬ (ସମିସ): ଯାଜପୁର ଜିଲ୍ଲାରେ ଏବେ ବି ଅନେକ ସ୍ଥାନରେ ଝାଡ଼ାବାନ୍ତି ଓ ହଇଜାରେ ନିୟନ୍ତ୍ରଣ ଅଣାଯାଇପାରିନାହିଁ। ଏବେ ବି ଅନେକ ଗ୍ରାମାଞ୍ଚଳ ଓ ବସ୍ତି ଅଞ୍ଚଳରୁ ଲୋକେ ଆକ୍ରାନ୍ତ ହୋଇ ଡାକ୍ତରଖାନା ଆସୁଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିଛନ୍ତି। ରଥଯାତ୍ରା ଓ ଚତୁର୍ଥ ଶନିବାର ଛୁଟି ଥିବା ବେଳେ ଏହାକୁ ଜିଲ୍ଲାପାଳ ବାତିଲ କରିଛନ୍ତି। ଜୁନ୍ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀଙ୍କୁ ଛୁଟିକୁ ବାତିଲ କରାଯାଇଛି।







## ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି

ପ୍ରୀତିପୁର,୨୬ା୬(ସମିସ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପୁଣ୍ୟତିଥିରେ ବିଞ୍ଝାରପୁର ସମାଜ ପାଠକ ମଞ୍ଚ ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଞ୍ଝାରପୁର ସମାଜ ପାଠକ ମଞ୍ଚର ଆବାହକ ରତନଲାଲ ଭୂୟାଁଙ୍କ ଆବାହକତ୍ୱରେ ରଣପୁର ପଞ୍ଚାୟତର ଲୁଣିଡିହ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିସରରେ ସ୍ଥାପିତ ଗୋପବନ୍ଧୁ ଦାସ ଓ ସ୍ୱାଧୀନତା ସଂଗ୍ରାମୀ ବଳରାମ ପତିଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା। ରତନଲାଲ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଈଶ୍ୱରଚନ୍ଦ୍ର ଦାସ, ସୁବାସ ପୃଷ୍ଟି, ନବକିଶୋର ବେହେରା, ସୁଶାନ୍ତ କୁମାର ଦାସ, ବିଶ୍ୱନାଥ ସାମଲଙ୍କ ସମେତ ବହୁ ଜନସାଧାରଣ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।









# ବଳିପୁର ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି

ବାରିକପୁର,୨୬।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ ବନ୍ଦାଳମଢ଼ିଆଳୀ ପଞ୍ଚାୟତ ବଳିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ପାଇଁ ଅଭିଭାବକ ମାନେ ଦୃଢ଼ ଦାବି କରିଛନ୍ତି। ସୂଚନା ମୁତାବକ ପୂର୍ବରୁ ସ୍କୁଲଟି ସୁବର୍ଣ୍ଣମୁଖି ପ୍ରାଥମିକ ବିଦ୍ୟାଳୟ ନାମରେ ରହିଥିଲା। ଏବେ ଏହାକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଯାଇଛି। ଉକ୍ତ ବିଦ୍ୟାଳୟଟିରେ ୧୨୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ଆଉ ୨ଜଣ ଶିକ୍ଷକ ଅଛନ୍ତି। ପ୍ରଧାନ ଶିକ୍ଷକ ମଧ୍ୟାହ୍ନ ଭୋଜନ ଓ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରୁଥିବା ବେଳେ ଶିକ୍ଷାଦାନ ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ତେଣୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଦୁଇ ଜଣ ଶିକ୍ଷକ ପାଠ ପଢ଼ାଇବା କଷ୍ଟକର ହୋଇପଡୁଛି। ଏପଟେ ପ୍ରଧାନ ଶିକ୍ଷକ ଜଣକ ଦୀର୍ଘ ୧୭ ବର୍ଷ ହେବ ଏଠାରେ ରହିଥିବା ବେଳେ ଅନେକ ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ବିଭିନ୍ନ ଭିତିଭୂମି ବିକାଶ କାର୍ଯ୍ୟ ଓ ପରିଚାଳନାରେ ପ୍ରଧାନ ଶିକ୍ଷକଙ୍କ ସ୍ୱଚ୍ଛତା କୁ ନେଇ ଅଭିଭାବକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାରାୟଣ ଚନ୍ଦ୍ର ଜେନା, ଅଭିଭାବକ ଭାଗିରଥି ସେଠୀ, ବସନ୍ତ ଜେନା, ଲକ୍ଷ୍ମଣ ଜେନା, ବିଷ୍ଣୁ ଚରଣ ସାହୁ, ଦୋଳଗୋବିନ୍ଦ ସାହୁ, କିଶୋର ଚନ୍ଦ୍ର ସେଠୀ ପ୍ରମୁଖ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧିର କୁମାର ତରାଇଙ୍କୁ ଏନେଇ ଅଭିଯୋଗ କରିଛନ୍ତି। ପ୍ରଧାନ ଶିକ୍ଷକଙ୍କ ଅନ୍ୟତ୍ର ବଦଳି ସହିତ ଆବଶ୍ୟକ ଶିକ୍ଷକ ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି। ଏହା ଉପରେ ଯଥାଶୀଘ୍ର ଦୃଷ୍ଟି ଦିଆଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଣାଇଛନ୍ତି।

# ବାବାମଣିଙ୍କ ଶ୍ରାବଣୀ ଯାତ୍ରା ଲାଗି ପ୍ରସ୍ତୁତି ବୈଠକ




ଭଦ୍ରକ,୨୬।୬(ସମିସ): ଆଜି ଅପରାହ୍ନ ୪ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭା ଗୃହରେ ଶ୍ରୀଶ୍ରୀ ବାବା ଆଖଣ୍ଡଳେଶ୍ୱର ମହାଦେବ ବିଜେ ଆରଡ଼ିଙ୍କର ଶ୍ରାବଣୀ ଯାତ୍ରା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଦିଲୀପ ରାଉତରାଏ ଅଧ୍ୟକ୍ଷତା କରିଥିଲେ। ଏଥିରେ ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା ଯୋଗ ଦେଇଥିଲେ। ଅନ୍ୟ ପ୍ରଶାସନିକ ଅଧିକାରୀମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି, ଉପଜିଲ୍ଲାପାଳ ତଥା ମନ୍ଦିର ଟ୍ରଷ୍ଟି ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲାପରିଷଦ ସଭ୍ୟ ତଥା ଚାନ୍ଦବାଲି ବିଧାୟକଙ୍କ ପ୍ରତିନିଧି ପ୍ରିନ୍ସ ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦ୍ୱିବେଦୀ ଉପସ୍ଥିତ ରହିଥିଲେ। ବାବାମଣିଙ୍କ ୫ ପାଳି ଶ୍ରାବଣ ମାସିକ କାଉଡ଼ି ଯାତ୍ରାର ସୁବ୍ୟବସ୍ଥିତ ଆୟୋଜନ ନିମନ୍ତେ ଜିଲ୍ଲାପାଳ ସମସ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରାବଣ ମାସ ପ୍ରତ୍ୟେକ ରବିବାର ଓ ସୋମବାର ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ମନ୍ଦିର ନିକଟରେ ଯୋଗାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥି ସହିତ ମନ୍ଦିର ସନ୍ନିକଟ ସମସ୍ତ ଅବ୍ୟସ୍ଥିତ ରାସ୍ତାକୁ ବ୍ୟବସ୍ଥିତ କରିବା ନିମନ୍ତେ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପୁନଶ୍ଚ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଓ ଘାଟରେ ଆଲୋକୀକରଣ ନିମନ୍ତେ ବିଦ୍ୟୁତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ମନ୍ଦିର ଫେରନ୍ତା ଶ୍ରଦ୍ଧାଳୁଙ୍କ ସୁବିଧାଜନକ ପ୍ରତ୍ୟାଗମନ ନିମନ୍ତେ ଅଞ୍ଚଳ ପରିବହନ ଅଧିକାରୀ ଏବଂ ଓଏସ୍‌ଆରଟିସି କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଥିଲା। ଆରଡ଼ି ମନ୍ଦିରକୁ ସଂଯୋଗ କରୁଥିବା ମାର୍ଗସ୍ଥ ବିଦ୍ୟାଳୟ ଗୁଡ଼ିକରେ ରବିବାର ରାତିରେ ଶ୍ରଦ୍ଧାଳୁଙ୍କ ଆଶ୍ରୟ ନିମନ୍ତେ ବ୍ୟବସ୍ଥା କରିବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ସଭାରେ ଉପସ୍ଥିତ ବରିଷ୍ଠ ସେବାୟତ ବିଜୟ କୁମାର ଦାଶ ମନ୍ଦିରର ନିତିକାନ୍ତି ବିଷୟରେ ସମସ୍ତଙ୍କୁ ସମ୍ୟକ୍ ଧାରଣା ପ୍ରଦାନ କରିଥିଲେ। ଏଥିରେ ଭକ୍ତଙ୍କ ନିମନ୍ତେ ନିଶୁଳ୍କ ପ୍ରସାଦ ଯୋଗାଇବା ପାଇଁ ନିର୍ଦ୍ଧାରିତ କରାଯାଇଥିବାର ସୁଚନା ଦେଇଥିଲେ।

# ଭଦ୍ରକ ଏସ୍‌ପିଙ୍କୁ ବରିଷ୍ଠ ନାଗରିକଙ୍କ ସମ୍ବର୍ଦ୍ଧନା



ଧାମନଗର,୨୬।୬(ସମିସ): ଜିଲ୍ଲାରେ ନୂତନ ଏସ୍‌ପି ଭାବେ ଯୋଗଦାନ କରିଥିବା ମନୋଜ କୁମାର ରାଉତଙ୍କୁ ଧାମନଗର ବରିଷ୍ଠ ନାଗରିକ ପରିଷଦ ତରଫରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଧାମନଗର ବରିଷ୍ଠ ନାଗରିକ ପରିଷଦ ସଭାପତି ଅନୀଲ କୁମାର ବାରିକ, ଉପସଭାପତି ସୁରଥ ଚନ୍ଦ୍ର ସେଠୀ, ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, କୋଷାଧ୍ୟକ୍ଷ ନୃସିଂହ ଚରଣ ନାୟକ, ସଦସ୍ୟ ନିରାକାର ଧଳ, ଦଶରଥ ଦାଶ, ଧନଞ୍ଜୟ ଦାସ, ରାମଚନ୍ଦ୍ର ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟ ବୃନ୍ଦ ସାମିଲ ହୋଇଥିଲେ।

# ସମ୍ବିଧାନ ହତ୍ୟା ଦିବସ ପାଳିତ

ଭଦ୍ରକ,୨୬।୬(ସମିସ): ପୁରୁଣାବଜାର ସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ 'ସମ୍ବିଧାନ ହତ୍ୟା ଦିବସ' ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ପ୍ରାକ୍ତନ ଅଧ୍ୟକ୍ଷ ଡ.ପ୍ରମୋଦ କୁମାର ନାୟକ, ମୁଖ୍ୟବକ୍ତା ଡ.କୃପାସିନ୍ଧୁ ନାୟକ, ସମ୍ମାନିତ ଅତିଥି ଅକ୍ଷୟ କୁମାର ପାଣିଗ୍ରାହୀ ଓ ବିଶିଷ୍ଟ ଅତିଥି ମଞ୍ଜୁଲତା ମହାପାତ୍ର ପ୍ରମୁଖ ଯୋଗଦେଇ ସମ୍ବିଧାନ ହତ୍ୟାଦିବସ ଅବସରରେ ସମ୍ବିଧାନର ଆଇନ୍ କାନୁନ୍ ଓ ଆଜିର ସମାଜରେ ସମ୍ବିଧାନ ନୀୟମ ଉଲ୍ଲଙ୍ଘନ ସଂପର୍କରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀ ତାଙ୍କର ଅଭିଭାଷଣ, ପ୍ରବନ୍ଧ ଓ ଶ୍ଳୋଗାନ ସଂପର୍କିତ ବିଷୟ ଉପସ୍ଥାପନ କରିଥିଲେ। ଉକ୍ତ ସଭାକୁ ରଘୁନାଥ ନାୟକ ଓ ଗୌରାଙ୍ଗ ଦାସ ପ୍ରମୁଖ ସଭା ସଂକଳନ କରିବା ସହ ପ୍ରଭାତୀ ନାୟକ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଶା ନିବାରଣ ନିମିତ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ,୨୬।୬(ସମିସ): ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମକେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଗେଲପୁର ପଞ୍ଚାୟତ ନଳାଙ୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ ଏହି ସଚେତନତା କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଏକ ଶୋଭାଯାତ୍ରା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନ୍ୟାୟରକ୍ଷକ ଡ. ତାପସ କୁମାର ମହାନ୍ତି, ପ୍ୟାନେଲ ଓକିଲ ତଥା କମିଟିର ସଦସ୍ୟ ଦୀପକ କୁମାର ସାହୁ ଓ ଗିରିଜା ଶଙ୍କର ଦାସ, ଏବଂ ପିଏଲ୍‌ଭି ଅର୍ଣ୍ଣପୂର୍ଣ୍ଣା ସାହୁ, ସସ୍ମିତା ବାରିକ, ମଧୁସ୍ମିତା ମଳିକ, ସଂଗୀତା ମିଶ୍ର ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମକର୍ତ୍ତା ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ତ୍ରୈଲୋକ୍ୟ ନାଥ ନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ସିପିଆଇ(ଏମ୍) ର ବୈଠକ

ଭଦ୍ରକ,୨୬।୬(ସମିସ): ଜରୁରୀକାଳୀନ ପରିସ୍ଥିତି ଠାରୁ ମୋଦି ସରକାରଙ୍କ ଆନୁଷ୍ଠାନିକ ଏକଛତ୍ରବାଦ- ସାଂପ୍ରଦାୟିକ- କର୍ପୋରେଟ୍ କୁଚକ୍ର ବିରୁଦ୍ଧରେ ଲଢେଇ କରିବାକୁ ସିପିଆଇ(ଏମ) ପକ୍ଷରୁ ଦାବି କରାଯାଇଛି। ଏ ନେଇ ଭଦ୍ରକ କଚେରୀ ବଜାରରେ ବରିଷ୍ଠ ସିପିଆଇ(ଏମ) ନେତା ଚନ୍ଦ୍ରଶେଖର ନାୟକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିବାଦ ସଭାରେ ସିପିଆଇ(ଏମ) ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ସିପିଆଇର ବରିଷ୍ଠ ନେତା ରମେଶ ଜେନା, ସିପିଆଇଏମଏଲ (ଲିବରେସନ) ଜିଲ୍ଲା ସଂପାଦକ ସମର ବଳ, ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ମଳୟ ଭୋଇ, ଜୟନୁଲ ଆବେଦିନ, ମହିଳା ନେତ୍ରୀ ସୁରଜିତା ନାୟକ, କାଳନ୍ଦୀ ପାତ୍ର, ନବକିଶୋର ବେହେରା, ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ବିଷ୍ଣୁ ଦାଶ, ରାଧାନାଥ ଦାସ, ଯୁବନେତା ଜିଲାନି ଖାନ୍, ବିପ୍ଳବ ଜେନା, ସେକ୍ କମର, କାଲୁ ଖାନ୍, ସେକ୍ ସତାର ପ୍ରମୁଖ ଯୋଗଦେଇ ମୋଦି ସରକାରଙ୍କ ଏକଛତ୍ରବାଦୀ ଶାସନ ବିରୋଧରେ ଆସନ୍ତା ଜୁଲାଇ ୯ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ଭଦ୍ରକ ଜିଲ୍ଲାରେ ସଫଳ କରିବାକୁ ଆହ୍ୱାନ ଜଣାଇଥିଲେ।

# ରଥଯାତ୍ରାରେ ଆଦାନୀ ଗ୍ରୁପ ପକ୍ଷରୁ ସେବା ପ୍ରଦାନ




ଭଦ୍ରକ,୨୬।୬(ସମିସ): ମହାକୁମ୍ଭ ମେଳା ପରେ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଆଦାନୀ ଗ୍ରୁପ ଏହାର ଦ୍ୱିତୀୟ ପଦକ୍ଷେପ ସ୍ୱରୂପ ସେବା ଯୋଗାଇବା ପାଇଁ ସ୍ଥିର କରିଛି। ମହାପ୍ରଭୁ ଜଗନ୍ନାଥଙ୍କ ଏହି ନବଦିନାତ୍ମକ ଯାତ୍ରାରେ ଆଦାନୀ ଗ୍ରୁପର କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍) କାର୍ଯ୍ୟକ୍ରମ ମାଧ୍ୟମରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଜୀବନଧାରାର ପୃଷ୍ଠପୋଷକ ଭାବେ ଏକ 'ସେବକ' ଭାବେ ସେବା ପ୍ରଦାନ କରିବ। ଜୁନ ୨୬ରୁ ଜୁଲାଇ ୮ ତାରିଖ ପର୍ଯ୍ୟନ୍ତ ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଓ ସ୍ୱେଚ୍ଛାସେବୀଙ୍କୁ ପ୍ରାୟ ୪ ନିୟୁତ ପୌଷ୍ଟିକଯୁକ୍ତ ଖାଦ୍ୟ ଓ ପାନୀୟ ଜଳ ବଣ୍ଟନ ବ୍ୟବସ୍ଥା କରାଯାଇଛି। ସାରା ସହରରେ ପାନୀୟ ଜଳର ବ୍ୟବସ୍ଥା ହୋଇଛି। ପୁରୀ ବେଳାଭୂମିରେ ପର୍ଯ୍ୟଟକଙ୍କ ପାଇଁ ଲାଇଫ୍‌ଗାର୍ଡ ମହାସଂଘକୁ ସହାୟତା, ପ୍ଲାଷ୍ଟିକ ମୁକ୍ତ ବେଳାଭୂମି ପାଇଁ ସ୍ୱେଚ୍ଛାସେବୀ, ପଦସ୍ଥ ଅଧିକାରୀମାନଙ୍କ ପାଇଁ ମାଗଣା ଟି-ସାର୍ଟ, ପୌର କର୍ମଚାରୀଙ୍କ ପାଇଁ ଫ୍ଲୋରେସେଣ୍ଟ ଜ୍ୟାକେଟ, ଅଧିକାରୀ ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ପ୍ରକାର ଜ୍ୟାକେଟ, ରେନ୍‌କୋଟ୍, କ୍ୟାପ୍ ଏବଂ ଛତାର ବ୍ୟବସ୍ଥା କରାଯାଇଛି। ଆଦାନୀ ଗ୍ରୁପର ଏହି ସେବା ଭିତ୍ତିକ ପଦକ୍ଷେପ, ପୁରୀ ଜିଲ୍ଲା ପ୍ରଶାସନ, ଇସ୍କନ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନର ମିଳିତ ସହଯୋଗରେ ଆରମ୍ଭ କରାଯାଇଛି।

# 'ଆମ ସଂକଳ୍ପ –ନିଶା ନୁହେଁ ଜୀବନ' କାର୍ଯ୍ୟକ୍ରମ

ଭଦ୍ରକ,୨୬।୬(ସମିସ): ଭଦ୍ରକ ଜିଲ୍ଲାରେ ଗତ ମେ' ୩୧ ତାରିଖରୁ ବିଶ୍ୱ ତମାଖୁ ନିଷେଧ ଦିବସରୁ ଦୀର୍ଘ ୨୭ ଦିନ ଧରି ଚାଲିଥିବା 'ଆମ ସଂକଳ୍ପ- ନିଶା ନୁହେଁ, ଜୀବନ' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସକାଳ ୯ଟାରେ ସଚେତନତା ପଦଯାତ୍ରାରୁ ଆରମ୍ଭ ହୋଇ ଟାଉନ ହଲ ଛକ ଦେଇ ଜିଲ୍ଲା ସଂକୃତି ଭବନରେ ସମାପିତ ହୋଇଥିଲା। ଏହି ପଦଯାତ୍ରାରେ ବ୍ରହ୍ମକୁମାରୀ ଶରାୟ ବିଦ୍ୟାଳୟର ସଦସ୍ୟ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଓ ଅବକରୀ ବିଭାଗ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ଦିଲୀପ ରାଉତରାଏ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲା ସଂସ୍କୃତି ଭବନରେ ଉଦଯାପନୀ ସଭା ତଥା ଆନ୍ତର୍ଜାତିକ ନିଶା ନିବାରଣ ତଥା ଅବୈଧ ଚାଲାଣ ନିଷେଧ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲୀପ୍ ରାଉତରାଏଙ୍କ ସହିତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୂପ ଅଭିଷେକ ବେହେରା, ଡେପୁଟି କଲେକ୍ଟର ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ଅବକାରୀ ଅଧିକ୍ଷକ ନରୋତ୍ତମ ମିଶ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାଷ ଚନ୍ଦ୍ର ନାୟକ, ଭଗବାନ ପରିଡ଼ା ଏବଂ ବ୍ରହ୍ମକୁମାରୀ ଭଉଣୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସଚେତନତା କାର୍ଯ୍ୟକ୍ରମ ଅଂଶ ବିଶେଷ ରୂପେ ଜିଲ୍ଲାସ୍ତରୀୟ ବକ୍ତୃତା, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଦାସ କାଠିଆ ପରିବେଷଣ ମାଧ୍ୟମରେ ନିଶା ନୁହେଁ ଜୀବନର ବାର୍ତ୍ତା ପ୍ରଦାନ କରାଯାଇଥିଲା।




# ବିଦ୍ୟୁତ ସ୍ୱର୍ଶରେ ନାବାଳକ ମୃତ

ଭଦ୍ରକ,୨୬।୬(ସମିସ): ବିଦ୍ୟୁତ ସ୍ୱର୍ଶରେ ଆସି ଜଣେ ନାବାଳକର ମୃତ୍ୟୁ ହୋଇଯାଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ପୁରୁଣାବଜାର ଥାନା ମିର୍ଜାପୁର ବିଦ୍ୟାଧରଆଡ଼ି ଗାଁରେ। ମୃତକ ନାବାଳକ ହେଲେ ମିର୍ଜାପୁର ଗାଁର ସେକ୍ ସଲାମଙ୍କ ୧୪ ବର୍ଷର ପୁଅ ସେକ ରାଜା। ଗତ ବୁଧବାର ରାତ୍ରି ପ୍ରାୟ ୩ଟା ସମୟରେ ସଂପୃକ୍ତ ନାବାଳକ ଶୌଚ ପାଇଁ ଯାଇଥିବା ବେଳେ ସ୍ଥାନୀୟ ଦୋକାନରେ ଖସି ପଡ଼ିଥିବା ତାର ସ୍ୱର୍ଶର ଆସିଥିଲେ। ଚିତ୍କାର ଶୁଣି ପରିବାର ଲୋକେ ଧାଇଁ ଆସିଥିଲେ। ଅନ୍ୟ ଏକ ନାବାଳକ ସହ ଦୁହେଁ ବିଦ୍ୟୁତ ସଂସ୍ୱର୍ଶରେ ଆସିଥିଲେ। ସ୍ଥାନୀୟ ଲୋକେ ଗୋଟିଏ ପିଲାକୁ ବାଡ଼ି ସାହାଯ୍ୟରେ ଟାଣି ଆଣି ଉଦ୍ଧାର କରିଥିଲେ। ତେବେ ରାଜାକୁ ଉଦ୍ଧାର କରି ଭଦ୍ରକ ମେଡିକାଲକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

# କଲେଜରେ ନିଶା ନିବାରଣ ଦିବସ

ଭଦ୍ରକ,୨୬।୬(ସମିସ): ଉତ୍ତରବାହିନୀସ୍ଥ ସାଳନ୍ଦୀ ଜୁନିଅର କଲେଜର ଯୁବ ରେଡକ୍ରସ ଆନୁକୂଲ୍ୟରେ ନିଶା ନିବାରଣ ଦିବସ ପାଳିତ ହୋଇ ଯାଇଛି। ରେଡକ୍ରସର ନୋଡ଼ାଲ ଅଫିସର ଅଧ୍ୟାପକ ଶୁଭାଶିଷ ଭଟ୍ଟାଚାର୍ଯ୍ୟ ଏକ ସଭାର ଆୟୋଜନ କରିଥିଲେ। ଏହି ସଭାରେ ସଭାପତିତ୍ୱ କରିଥିଲେ ଅଧ୍ୟକ୍ଷ ପ୍ରାଧ୍ୟାପକ ସଚ୍ଚିଦାନନ୍ଦ ପାଣିଗ୍ରାହୀ। ପ୍ରାକ୍ତନ ଅଧ୍ୟକ୍ଷ ବିଜୟ କୁମାର ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ ଅଧ୍ୟାପକ ଶୁଭକାନ୍ତ କୁଅଁର ମୁଖ୍ୟବକ୍ତା, ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରବୀନ୍ଦ୍ର କୁମାର ପାଢ଼ୀ, ମହମ୍ମଦ ରେଜାଉଦ୍ଦିନ୍, ଅଧ୍ୟାପିକା ମଧୁମିତା ସ୍ୱାଇଁ, ବିଶ୍ୱଜିତ ରାଉତ୍, ଅଳକା ସାହୁ, ମମତା ଜେନା, ଦେବେନ୍ଦ୍ର ପ୍ରସାଦ ସାହୁ, ଲକ୍ଷ୍ମଣ କିସାନ୍, ଲିଜା ବେହୁରିଆ, ଲକ୍ଷ୍ମୀପ୍ରିୟା ଦାସ ଆଦି ନିଶା ସେବନର ଅପକାରିତା ବିଷୟରେ ସଚେତନ କରାଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନମୋହନ ସାହୁ, ଅମର କୁମାର ପରିଡା ଏଥିରେ ସହାୟତା କରିଥିଲେ।

# ଉତ୍କଳମଣିଙ୍କ ଶ୍ରାଦ୍ଧ ବାର୍ଷିକୀ

ଧାମନଗର,୨୬।୬(ସମିସ): ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଧାମନଗର ସରକାରୀ ହାଇସ୍କୁଲ ପରିସରରେ ନିତ୍ୟାନନ୍ଦ ପାଠାଗାର କେନ୍ଦ୍ରଠାରେ ସ୍ଥାପିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପାଠାଗାର କେନ୍ଦ୍ରର ପରିଚାଳକ ଶିକ୍ଷାବିତ୍ ରସାନନ୍ଦ ମହାପାତ୍ରଙ୍କ ସଂଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସମାଜସେବୀ ତଥା ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ସ୍ୱାଇଁ, ଅନୀଲ କୁମାର ବାରିକ, ହୃଦାନନ୍ଦ କର, ଅଭିମନ୍ୟୁ ମଲ୍ଲିକ, ନିରାକାର ଧଳ, ସାମ୍ବାଦିକ ସୁଧାକର ଦାଶ, ସେକ୍ ଜାଫର ଅଲ୍ଲୀ, ସୁଶାନ୍ତ କୁମାର ରାଉତ, ସିଦ୍ଧେଶ୍ୱର ସାମଲ, ଶିକ୍ଷୟିତ୍ରୀ ସୁମତୀ ନାୟକ, ଡ. ହରିପ୍ରିୟା ସେଠୀ, ରାଧାଶ୍ୟମ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପୁରୁଷୋତ୍ତମ ମାହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।









# ଲିଖିତ ପ୍ରତିଶ୍ରୁତି ପରେ ହଟିଲା ରାସ୍ତା ଅବରୋଧ



ବଡସାହି,୨୬।୬(ସମିସ): ବଡସାହି ବ୍ଲକ୍ ପଟିସାରୀ ପଂଚାୟତର ତେନ୍ତୁଲିମୁଣ୍ଡା ଓ ବେଗୁନିଆବଣୀ ଗ୍ରାମବାସୀଙ୍କ ମଧ୍ୟରେ ଦୈନିକ ହାଟକୁ ନେଇ ଚାଲିଥିବା ବିବାଦ ଲାଗି ରହିଛି। ଉଭୟ ପକ୍ଷରୁ ଅଭିଯୋଗ ପ୍ରତିଅଭିଯୋଗ ଜାରିରହିଛି। ଏହାକୁ ନେଇ ଅଧିକାରୀଙ୍କ ସହିତ ଉଭୟ ପକ୍ଷଙ୍କ ଆଲୋଚନା ବିଫଳ ହେବା ଏବଂ ତେନ୍ତୁଲିମୁଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ଏହି ବିବାଦକୁ ଦିନ ତମାମ ଉଭୟ ପାଶ୍ୱର୍ରେ ଯାନବାହନ ରଖିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମାଣତ୍ରୀ- ଉଦଳା ପୂର୍ତ୍ତ ବିଭାଗ ରାସ୍ତାକୁ ଅବରୋଧ କରିଥିଲେ; ହେଲେ ସ୍ଥାୟୀ ସମାଧାନ ହୋଇପାରିନାହିଁ। ତହସିଲଦାର, ଏବିଡିଓ, ଥାନା ଅଧିକାରିଣୀ, ଜିପିଓ ଓ ଭୀମଦା ଫାଣ୍ଡି ଅଧିକାରୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଛନ୍ତି। ବେଗୁନିଆବଣିରେ ଲୋକ ଗହଳି ହେବ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଛି। ଏତଦବାଦ ୧୫ଦିନ ମଧ୍ୟରେ ଗ୍ରାମସଭା କରି ଉଭୟ ଗ୍ରାମବାସୀ ପରସ୍ପର ମଧ୍ୟରେ ଆଲୋଚନା କରି ଏହି ସମସ୍ୟାର ସମାଧାନ କରିବାକୁ ଅଧିକାରୀ କହିଛନ୍ତି। ମାତ୍ର ତେନ୍ତୁଲିମୁଣ୍ଡା ସରକାରୀ ଭାବେ ସ୍ୱୀକୃତିପ୍ରାପ୍ତ ହାଟ ହୋଇ ନିଲାମ ହୋଇଥିବା ବେଳେ ସେହି ହାଟକୁ କାର୍ଯ୍ୟକାରୀ କରି ବେଗୁନିଆମଣି ହାଟକୁ ବନ୍ଦ କରିବାକୁ ତେନ୍ତୁଲିମୁଣ୍ଡା ଗ୍ରାମବାସୀ ଅଡି ବସଛନ୍ତି। ଏହା କାର୍ଯ୍ୟକାରୀ ନ ହେଲେ ପୁଣି ତେନ୍ତୁଲିମୁଣ୍ଡା ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ୍ ପ୍ରଶାସନ ଶୀଘ୍ର କରୁ ବୋଲି ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଇଛି। ଉଭୟ ଗ୍ରମାବାସୀ ନିଜ ନିଜ ଜିଦରେ ଅଟଳ ଥିବା ବେଳେ ଗ୍ରାମସଭା ଦ୍ୱାରା ଏହାର ସମାଧାନର ସୂତ୍ର ବାହାରି ପାରିବ ବୋଲି ଜଣାପଡୁ ନାହିଁ।

### କରଞ୍ଜିଆ ଗଣଦୁଷ୍କର୍ମ ମାମଲା

# ଏସ୍‌ଡିପିଓଙ୍କୁ ଭେଟିଲେ ବିଜେଡି ପ୍ରତିନିଧି



ବାରିପଦା/କରଞ୍ଜିଆ, ୨୬।୬(ସମିସ): ବୁଧବାର କରଞ୍ଜିଆଠାରେ ଘଟିଥିବା ଗଣଦୁଷ୍କର୍ମ ଘଟଣାରେ ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଏସଡିପିଓଙ୍କୁ ଭେଟି ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ପୀଡ଼ିତାଙ୍କ ବୟାନ ଅନୁଯାୟୀ, ତାଙ୍କୁ ବାଇକରେ ୨ ଜଣ ଦୁର୍ବୃତ୍ତ ଲିଫ୍ଟ ଦେଇ ଏକ ନିର୍ଜନ ସ୍ଥାନକୁ ନେଇଯାଇଥିଲେ। ସେଠାରେ ପୂର୍ବରୁ ଅନ୍ୟ ଅଭିଯୁକ୍ତମାନେ ଉପସ୍ଥିତ ଥିଲେ। ସେହି ଅଞ୍ଚଳର ଏକ ଢାବାରେ ୩ ଜଣ ଅଭିଯୁକ୍ତ ମିଶି ମହିଳାଙ୍କୁ ଗଣଦୁଷ୍କର୍ମ କରିଥିଲେ। ବିଜେଡି ପ୍ରତିନିଧି ମଣ୍ଡଳୀ ଏହି ଘଟଣା ଉପରେ ଦୁଃଖ ପ୍ରକାଶ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବା ସହିତ ପୀଡିତା କିଭଳି ନ୍ୟାୟ ପାଇବେ ସେ ନେଇ ପ୍ରତିନିଧି ମଣ୍ଡଳୀ ଏସଡିପିଓଙ୍କ ଆଲୋଚନା କରିଥିଲେ। ପୀଡ଼ିତାଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିଜୁ ଜନତା ଦଳ ତାର ଲଢେଇ ଜାରି ରଖିବ ବୋଲି ଶ୍ରୀମତୀ ହେମ୍ବ୍ରମ କହିଥିଲେ। ପ୍ରତିନିଧି ମଣ୍ଡଳୀରେ ତନୁଜା ମହନ୍ତ, ଚକ୍ରଧର ହେମ୍ବ୍ରମ, ରାଇସେନ୍ ମୁର୍ମୁ, କାଶୀନାଥ ହେମ୍ବ୍ରମ, ଅଭିଷେକ ପଟ୍ଟନାୟକ, ଆନିସ ମାନ୍ନା, ପପି ପୃଷ୍ଟି, ସୁଭଦ୍ରା ମାରାଣ୍ଡି, ନମିତା ଘଣ୍ଟିଆଳି ପ୍ରମୁଖ ସାମିଲ ଥିଲେ।

# ଅପରାହ୍ନ ୫ଟାରେ ବାଙ୍ଗିରିପୋଷି ରଥଟଣା

ବାଙ୍ଗିରିପୋଷି,୨୬।୬(ସମିସ): ଆଜି ବାଙ୍ଗିରିପୋଷି ରଥଯାତ୍ରା ଅନୁଷ୍ଠିତ ହେବ। ସେଥିପାଇଁ ବାଙ୍ଗିରିପୋଷି ରଥ କମିଟି ତରଫରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରଥ-ପଥ ବି ପ୍ରସ୍ତୁତ ହୋଇଛି। ବାବା ଆଦେ୍ୱଶର ମନ୍ଦିର ସିଂହାସନ ଛାଡି ଜଗନ୍ନାଥ,



ବଳଭଦ୍ର ଭଉଣୀ ସୁଭଦ୍ରାଙ୍କୁ ଧରି ଭକ୍ତଙ୍କ ଗହଣରେ ରଥରେ ବିଜେ କରିବେ। ରଥରେ ବିଜେ କଲାପରେ ଅଧାବାଟରେ ସ୍ଥାନୀୟ ଲକ୍ଷ୍ମୀ ନାରାୟଣ ମନ୍ଦିର ନିକଟରେ ବିଶ୍ରାମ ନେବେ। ଶନିବାର ଭକ୍ତଙ୍କ ଗହଳରେ ରଥରେ ବସି ମାଉସୀ ମା' ମନ୍ଦିରକୁ ଯିବେ। ଏଥିପାଇଁ ବାଙ୍ଗିରିପୋଷି ଚଳଚଞ୍ଚଳ ହୋଇଛି। ରଥକୁ କାରିଗରମାନେ ଶେଷ ସ୍ୱର୍ଶ ଦେଉଛନ୍ତି। ବାଙ୍ଗିରିପୋଷି ବଜାରରେ ଦୁଇଦିନ ରଥ ଟଣା ସମୟରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିବ। ଏହାକୁ ଦୃଷ୍ଟିରେ ରଖି ବାଙ୍ଗିରିପୋଷି ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶୁକ୍ରବାର ସକାଳ ୯ଟାରେ ରଥ ପ୍ରତିଷ୍ଠା, ଅପରାହ୍ନ ୨ଟାରେ ପହଣ୍ଡି, ଅପରାହ୍ନ ୪ଟାରେ ଛେରା ପହଁରା ଓ ୫ଟାରେ ରଥଟଣା ଆରମ୍ଭ ହେବ।

# ଡକାୟତି ଯୋଜନା ପଣ୍ଡ; ୫ ଗିରଫ

ଚମ୍ପୁଆ, ୨୬।୬(ସମିସ): ଅପରାହ୍ନରେ ପୁଲିସ୍ ପାଟ୍ରୋଲିଂ ସମୟରେ ଡକାୟତି ଯୋଜନାକୁ ପଣ୍ଡ କରିଛି। ଏଥିରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଫଗୁ ପୋଲ ନିକଟରେ ଡକାୟତି ଯୋଜନା ଚାଲିଥିଲା ବେଳେ ପୁଲିସ ଚଢ଼ଉ କରିଥିଲା। ଦୁର୍ବୃତ୍ତମାନେ ହେଲେ ଯୋଡ଼ା ଥାନା କୁନ୍ଦୁରୁନାଲାର ବିନୋଦ ମୁଣ୍ଡା (ମୋଟୁ, ୩୨) ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନା କୋଦଣ୍ଡ ଗାଁର ହରିହର ଘଣା (୨୭), ଚମ୍ପୁଆ ଥାନା ବସିରା ଗାଁର ଆଶିଷ ମହାନ୍ତ (୨୨), ତ୍ରିଦେବ ଗିରି (ମୁନା, ୨୨) ଏବଂ ଅନ୍ୟ ଜଣେ ହେଉଛି ନାବାଳକ। ସେମାନଙ୍କ ପାଖରୁ ୨ଟା ଦାଉଲି, ୨ଟା ଲୁହାଛଡ଼, ଲଙ୍କା ଗୁଣ୍ଡ, ଖାଲି ବିଅର ବୋତଲ ଏବଂ ଏକ ଡକାୟତି ଯୋଜନାର ମ୍ୟାପ୍ ପୁଲିସ ଜବତ କରିଛି। ଏକ ମାମଲା ରୁଜୁ କରି ନାବାଳକକୁ ଜୁଭେନାଇଲ କୋର୍ଟରେ ଦାଖଲ କରାଯିବ ବୋଲି ଚମ୍ପୁଆ ଥାନା ଆଇଆଇସି ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।

# ପ୍ରବାସୀ ଶ୍ରମିକଙ୍କ ଆଇନ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର, ୨୬।୬(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରବାସୀ ଶ୍ରମିକଙ୍କ ସମସ୍ୟା ଓ ଆଇନଗତ ସମାଧାନ ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଗୋପାଳଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଇ. ବିଘ୍ନେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ପ୍ରବାସୀ ଶ୍ରମିକ, ନିର୍ମାଣ ଶ୍ରମିକ, ଅଣପଞ୍ଜିକୃତ ଶ୍ରମିକଙ୍କୁ ଆଇନ ସହାୟତା ଦିଗରେ ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସହକାରୀ ଶ୍ରମ ଅଧିକାରିଣୀ ରୀତାଞ୍ଜଳି ମାର୍ଡି ଶିଶୁ ଶ୍ରମିକ ପ୍ରଥାର ବିଲୋପ ପାଇଁ ସରକାରୀ ଯୋଜନା, ଶ୍ରମ ଦଲାଲଙ୍କ ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସୂଚନା ଦେଇଥିଲେ। ରାଇସୁଆଁ ସରପଞ୍ଚ ଅନନ୍ତ ଚରଣ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପଞ୍ଜିକୃତ ଶ୍ରମିକ, ଦାଦନ, ପ୍ରବାସୀ ଶ୍ରମିକ ଓ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ପ୍ରସଂଗ ଉପରେ ପ୍ରଶ୍ନ ପଚାରି ନିଜ ସମସ୍ୟାର ସମାଧାନ କରିଥିଲେ। ନିର୍ମାଣ ଶ୍ରମିକମାନଙ୍କୁ ପଞ୍ଜିକୃତ ମାନପତ୍ର ପ୍ରଦାନ କରାଯାଇଥିଲା। ପଞ୍ଚାୟତ କର୍ମକର୍ତ୍ତା ଓ ପ୍ରାଧିକରଣର କର୍ମୀ ସହଯୋଗ କରିଥିଲେ।

# ଗ୍ରାମପଞ୍ଚାୟତ ମୂଲ୍ୟାଙ୍କନ କର୍ମଶାଳା

ଚମ୍ପୁଆ,୨୬।୬(ସମିସ): ଚମ୍ପୁଆ ବ୍ଲକରେ ଦୁଇଦିନିଆ ପଞ୍ଚାୟତ ଆଡଭାନ୍ସମେଣ୍ଟ ଇନଡେକ୍ସ କର୍ମଶାଳା ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ୯ଟି ଥିମ୍ ଆଧାରରେ ପଞ୍ଚାୟତଗୁଡ଼ିକର ସଫଳତାକୁ ମୂଲ୍ୟାଙ୍କନ କରାଯିବ। ବିଭିନ୍ନ ସରକାରୀ ଯୋଜନାର ସୁଫଳ ପ୍ରତିଟି ଲୋକଙ୍କ ପାଖରେ ପହଞ୍ଚାଇବା ସହ ଉପଯୁକ୍ତ ତଥ୍ୟ ରାଜ୍ୟ ସରକାରଙ୍କୁ ପଠାଇବାକୁ ପଡ଼ିବ। ପଞ୍ଚାୟତ ସ୍ତରରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଜନକଲ୍ୟାଣକାରୀ ଯୋଜନାର ଲାଭାଂଶ ତଥ୍ୟଭିତ୍ତିକ ଓ ସଠିକତା ଆଧାରରେ ରାଜ୍ୟକୁ ପଠାଯିବ। ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ ମନୋନୟନ ପାଇଁ ଚୟନ କରାଯାଇ ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି। ଏବିଡିଓ ରୁନୁ ହାଁସଦା, ସାମାଜିକ ସୁରକ୍ଷା ଅଧିକାରୀ ଶ୍ରାବଣୀ ଜେନା, ସମ୍ବଳ ଅଧିକାରୀ ସଙ୍ଗୀତା ମାଝୀ, ମାଷ୍ଟର ଟ୍ରେନର ଭାବେ ରଜିଆ ସରପଞ୍ଚ ସନ୍ତୋଷ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ।

# ରଥଯାତ୍ରା ପରିଚାଳନା ପାଇଁ ଚମ୍ପୁଆ ଉପଖଣ୍ଡସ୍ତରୀୟ ବୈଠକ

ଚମ୍ପୁଆ, ୨୬।୬(ସମିସ): ହିନ୍ଦୁ ସଂସ୍କୃତିର ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପ୍ରମୁଖତା ବହନ କରୁଥିବା ବେଳେ ଆଗାମୀ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳା ସହ ପାଳନ ନିମନ୍ତେ ଉପଖଣ୍ଡ ପୁଲିସ ଅଧିକାରୀ ରଶ୍ମିରଂଜନ ସାହୁଙ୍କ ସଭାପତିତ୍ୱରେ ଏକ ବୈଠକ ଉପଜିଲ୍ଲାପାଳ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଖଣ୍ଡ ଅଧିକାରୀ ଉମାକାନ୍ତ ପରିଡା, ବିଡିଓ ସ୍ମୃତିରଂଜନ ସାହୁ, ଏନଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ଏନଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ଝୁମ୍ପୁରା ତହସିଲଦାର ରୋହିତ ବାଗ, ଆଇଆଇସି ରମାକାନ୍ତ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ଝୁମ୍ପୁରା, ଚମ୍ପୁଆ ଓ ବାରିଆ ଅଞ୍ଚଳର ବୁଦ୍ଧିଜୀବୀ ରାଜନୈତିକ ଦଳର ସଦସ୍ୟ, ବିଭିନ୍ନ ସଂଗଠନ ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ। ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁରକ୍ଷିତ କରିବା ପରିପ୍ରେକ୍ଷୀରେ ସୋସିଆଲ ମିଡିଆରେ ପ୍ରସାରିତ ବିଭିନ୍ନ ପ୍ରକାର ମିଥ୍ୟା ସୂଚନାକୁ ଗୁରୁତ୍ୱ ନଦେବା ଏବଂ ପୁଲିସକୁ ସୂଚନା ଦେବା ପାଇଁ ଅନୁରୋଧ କରାଯାଇଛି।






# ରଥେ ତୁ ବାମନଂ ଦୃଷ୍ଟ୍ୱା...

ଓଡ଼ିଶାର ସଂସ୍କୃତି କହିଲେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବୁଝାଇଥାଏ। ଓଡ଼ିଆ ସଂସ୍କୃତିର ମୂଳାଧାର ପ୍ରଭୁ ଶ୍ରୀଜଗନ୍ନାଥ। ମହାନ ସନାତନ ଓ ଉତ୍କଳୀୟ ବିଚାରଧାରାରେ ଶ୍ରୀଜଗନ୍ନାଥ ହିଁ ଆକର୍ଷଣର କେନ୍ଦ୍ରବିନ୍ଦୁ । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ମାନବବାଦର ପ୍ରତୀକ। ତାଙ୍କ ଲୀଳାର ଅନ୍ତ ନାହିଁ। ସେ ଅନନ୍ତ ଓ ଅସୀମ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଶ୍ରୀଗୁଣ୍ଡିଚା ଯାତ୍ରା ବା ମହାବେଦୀ ମହୋତ୍ସବ ହିଁ ଶ୍ରେଷ୍ଠ ବୋଲି ସ୍କନ୍ଦ ପୁରାଣରେ କୁହାଯାଇଛି। ପୁରୀ ତଥା ଦେଶ ବିଦେଶରେ ପାଳିତ ହୋଇ ଆସୁଥିବା ଜଗନ୍ନାଥ ସଂସ୍କୃତିର ଏହା ଏକ ଅନନ୍ୟ ପର୍ବ । ଓଡ଼ିଶାର ମୁଖ୍ୟ ଯାତ୍ରା ରୂପେ ପୁରୀର ରଥଯାତ୍ରା ସୁପ୍ରସିଦ୍ଧ । ଏହା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଦିନ ପାଳିତ ହୋଇଥାଏ। ଏହି ଯାତ୍ରା ଘୋଷ ଯାତ୍ରା, ମହାବେଦୀ ମହୋତ୍ସବ, ପତିତପାବନ ଯାତ୍ରା, ଦକ୍ଷିଣାମୁଖୀ ଯାତ୍ରା, ନବଦିନ ଯାତ୍ରା, ଦଶାବତାର ଯାତ୍ରା, ଗୁଣ୍ଡିଚା ମହୋତ୍ସବ ଓ ଆଡ଼ପ ଯାତ୍ରା ନାମରେ ବିଭିନ୍ନ ଶାସ୍ତ୍ର, ପୁରାଣ ଓ ଲୋକ କଥାରେ ଅଭିହିତ। ରଥଯାତ୍ରା ଏକ ଅଦ୍ୱିତୀୟ ମହୋତ୍ସବ। ବର୍ଷକରେ ଥରେ ମହାପ୍ରଭୁ ବଡ଼ ଦେଉଳରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସିଥାନ୍ତି ଭକ୍ତମାନଙ୍କୁ ଦର୍ଶନ ଦେବା ପାଇଁ। ଏହି ମହୋତ୍ସବରେ ସାମିଲ ହୋଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ କଲେ, ଏକ ସହସ୍ର ଅଶ୍ୱମେଧ ଯଜ୍ଞର ଫଳ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ଘୋଷଯାତ୍ରା ଦିନ ରତ୍ନବେଦୀ ଛାଡ଼ି ଶ୍ରୀଗୁଣ୍ଡିଚା ଯାତ୍ରା କରିଥାନ୍ତି ଚତୁର୍ଦ୍ଧାମୂର୍ତ୍ତି। ଏହି ଦିନ ବ୍ରାହ୍ମ ମୁହୂର୍ତ୍ତରୁ ମହାପ୍ରଭୁଙ୍କ ମଙ୍ଗଳ ଆଳତି ତଡ଼ପ ଲାଗି, ରୋଷହୋମ ଓ ଅବକାଶ ନୀତି, ଦ୍ୱାରପାଳ ପୂଜା ପରେ ରଥ ପ୍ରତିଷ୍ଠା ହୋଇଥାଏ । ଖେଚୁଡ଼ି ଭୋଗ ପରେ ମଙ୍ଗଳା ଅର୍ପଣ ହୋଇ ଆରମ୍ଭ ହୁଏ ପହଣ୍ଡି ବିଜେ। ପ୍ରଥମେ ଚକ୍ରରାଜ ସୁଦର୍ଶନ ପରେ ବଡ଼ ଭାଇ ବଳଭଦ୍ର ଓ ପରେ ପରେ ଦେବୀ ସୁଭଦ୍ରାଙ୍କ ପହଣ୍ଡି ବିଜେ ନୀତି ସମ୍ପନ୍ନ ହୋଇଥାଏ । ଶେଷରେ କୋଟି ଓଡ଼ିଆଙ୍କ ମଉଡ଼ମଣି, ମହାପ୍ରଭୁ ଶ୍ରୀଜଗନ୍ନାଥ ଟାହିଆ ହଲେଇ, ଝୁଲି ଝୁଲି ପହଣ୍ଡିରେ ଆସିଥାନ୍ତି। ଶ୍ରୀଜୀଉମାନେ ଧାଡ଼ି ପହଣ୍ଡିରେ ଆସି ନବନିର୍ମିତ ରଥରେ ବିଜେ କରିଥାନ୍ତି। ଶ୍ରୀଜଗନ୍ନାଥ ନନ୍ଦିଘୋଷ, ଶ୍ରୀବଳଭଦ୍ର ତାଳଧ୍ୱଜ, ଦେବୀ ସୁଭଦ୍ରା ଓ ପ୍ରଭୁ ଶ୍ରୀସୁଦର୍ଶନ ଦର୍ପଦଳନ ରଥରେ ବିଜେ ହୁଅନ୍ତି। ଯେଉଁମାନେ ଶ୍ରୀମନ୍ଦିରରେ ବିରାଜିତ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିପାରନ୍ତି ନାହିଁ, ସେମାନେ ଘୋଷଯାତ୍ରା ଦିନ ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ପ୍ରଭୁଙ୍କୁ ରଥାରୂଢ଼ ଦେଖି ତାଙ୍କର ରଥ ଦଉଡ଼ିକୁ ସ୍ପର୍ଶ କରି ପ୍ରତ୍ୟେକ ଭକ୍ତ ଅପୂର୍ବ ଆନନ୍ଦ ଲାଭ କରିଥାଏ। ଭକ୍ତ ଓ ଭଗବାନଙ୍କର ଏକାକାରରେ ବଡ଼ଦାଣ୍ଡରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥାଏ। ଯିବା ଦିନ ଓ ଆସିବା ଦିନକୁ ବାଦ୍ ଦେଲେ, ଶ୍ରୀବିଗ୍ରହମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ସାତଦିନ ରୁହନ୍ତି । ଗୁଣ୍ଡିଚା ମନ୍ଦିର ଠାରେ ପହଞ୍ଚିବା ପରେ ଚାରି ଦାରୁଦେବତା ଓ ତିନି ଉତ୍ସବ ଦେବତା ଗୁଣ୍ଡିଚା ମନ୍ଦିରକୁ ଯାଇ ସେଠାରେ ପୂଜା ପାଇବା ବେଳେ, ତିନି ଧ୍ୱଜଦେବତା ତିନି ରଥରେ ହିଁ ରହିଥାଆନ୍ତି। ସେତେବେଳେ ରଥରେ ପ୍ରତିଦିନ ସେମାନଙ୍କୁ ଭୋଗ ଲଗାଯାଇଥାଏ । ଏହାପରେ ମହାପ୍ରଭୁ ଭାଇ ଭଉଣୀଙ୍କୁ ଧରି ଆଷାଢ଼ ଶୁକ୍ଳପକ୍ଷ ଦଶମୀ ବା ବାହୁଡ଼ା ଦଶମୀ ଦିନ ରଥରେ ଗୁଣ୍ଡିଚା ଘରୁ ବଡ଼ ଦେଉଳକୁ ଫେରି ଆସନ୍ତି। ଏହାକୁ ବାହୁଡ଼ା ଯାତ୍ରା କୁହାଯାଏ। ବାହୁଡ଼ା ଦଶମୀ ପରଦିନ ଠାକୁରମାନେ ସ୍ୱର୍ଣ୍ଣ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ତା’ ପରଦିନ ଅନୁଷ୍ଠିତ ହୁଏ ଅଧରପଣା ନୀତି। ଶେଷରେ ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିର ସ୍ଥିତ “ନୀଳାଦ୍ରି ମଣ୍ଡପ” ବା “ରତ୍ନ ସିଂହାସନ”କୁ ବିଜେ କରିଥାନ୍ତି ଶ୍ରୀବିଗ୍ରହମାନେ। ଏହାକୁ “ନୀଳାଦ୍ରି ବିଜେ” ନାମରେ ଅଭିହିତ କରାଯାଇଛି। ମହାପ୍ରଭୁଙ୍କ ଏ ମାନବୀୟ ଲୀଳା ସତରେ ଅପୂର୍ବ, ବିଚିତ୍ର ଓ ଅଲୌକିକ। ମାନବୀୟ ଲୀଳା ରଚନା କରି ଆମର ଆରାଧ୍ୟ ଦେବତାମାନେ କିପରି ଜନମାନସକୁ ବିଶ୍ୱ ପ୍ରେମରେ ଉଦ୍‌ବୁଦ୍ଧ କରିଚାଲିଛନ୍ତି, ତାହାର ଜ୍ୱଳନ୍ତ ଉଦାହରଣ ଏହି ରଥଯାତ୍ରା। ଶ୍ରୀକ୍ଷେତ୍ର ଧାମରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ପାଳିତ ହୋଇ ଆସୁଥିବା ଏହି ରଥ ଯାତ୍ରା ସମଗ୍ର ବିଶ୍ୱର ଏକ ସର୍ବଶ୍ରେଷ୍ଠ ମହୋତ୍ସବ ଭାବେ ମାନ୍ୟତା ଲାଭ କରିଛି ।

## ଶ୍ରୀଜଗଦୀଶୋଽବତୁ

(ଛନ୍ଦଃ - ଅନୁକୂଳା)

ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ



ନୀଳମହୀଭୃଚ୍ଛିଖରବିଳାସୀ
ନୀରଦନୀଳଃ ଶଶିସିତହାସୀ ।
ଶ୍ରୀଧରଣୀହୃତ୍ପ୍ରଣୟବିକାସୀ
ଶ୍ରୀଜଗଦୀଶୋଽବତୁ ଭୟନାଶୀ ॥୧
*(ନୀଳଶୈଳଶିଖରବିଳାସୀ, ମେଘଶ୍ୟାମଳ, ଚନ୍ଦ୍ରସମ-ଶୁଭ୍ର-ହାସଯୁକ୍ତ, ଶ୍ରୀଦେବୀ ଓ ଭୂଦେବୀଙ୍କ ପ୍ରୀତିଭାବର ବିକାସକ, ଭୟନାଶକ, ଶ୍ରୀଜଗଦୀଶ୍ୱର ରକ୍ଷା କରନ୍ତୁ ।)*

କାମସହସ୍ରଦ୍ୟୁତିଜୟଦଙ୍ଗୀ
ରାମସୁଭଦ୍ରାସ୍ଫୁରଦରିସଙ୍ଗୀ ।
ତାମରସାଦିସ୍ଫୁଟସୁମହାରୀ
ଧାମ ଦୟାୟା ହ୍ୟବତୁ ମୁରାରିଃ ॥୨
*(ସହସ୍ରକନ୍ଦର୍ପଙ୍କ ତେଜଃକୁ ଜୟ କରୁଥିବା ଅଙ୍ଗଶାଳୀ, ବଳଭଦ୍ର-ସୁଭଦ୍ରା-ଭାସ୍ୱରଚକ୍ରଙ୍କ ସଙ୍ଗୀ, ପଦ୍ମାଦିପ୍ରସ୍ଫୁଟିତପୁଷ୍ପହାରଧାରୀ, ଦୟାର ଧାମ, ମୁରାରି ନିଶ୍ଚିତଭାବେ ରକ୍ଷା କରନ୍ତୁ ।)*

ତୁଙ୍ଗଶତାଙ୍ଗଭ୍ରମଣବିତୃପ୍ତଃ
ପଙ୍କସମୂହପ୍ରମଥନଦୃପ୍ତଃ ।
ବଂଶକିରୀଟାଭରଣସୁଦୀପ୍ତଃ
ପାତୁ ହରିଶ୍ଚନ୍ଦନରସଲିପ୍ତଃ ॥୩
*(ବିରାଟ-ରଥଭ୍ରମଣଦ୍ୱାରା ତୃପ୍ତ, ପାପସମୂହର ବିନାଶରେ ଦୃପ୍ତ, ବାଉଁଶରେ ତିଆରି କିରୀଟ (ଟାହିଆ) ମଣ୍ଡିତ, ଚନ୍ଦନବିଲିପ୍ତ, ହରି ରକ୍ଷା କରନ୍ତୁ ।)*

ଉତ୍ସବଯାତ୍ରାସୁଖସମୁଦାୟ-
ପ୍ରୀଣିତଚେତାସ୍ତରୁମୟକାୟଃ ।
ମାଳବରାଜସ୍ତୁତପଦକଞ୍ଜଃ
ପାତୁ ମୁକୁନ୍ଦଃ କୃତରିପୁଗଞ୍ଜଃ ॥୪
*(ଉତ୍ସବ ଓ ଯାତ୍ରାଦିଜାତ-ସୁଖସମୁଦାୟରେ ପ୍ରୀତମନା, ଦାରୁମୟଦେହଧାରୀ, ମାଳବରାଜ(ଇନ୍ଦ୍ରଦ୍ୟୁମ୍ନ)ଙ୍କ ଦ୍ୱାରା ବନ୍ଦିତ ପାଦପଦ୍ମଧାରୀ, ଶତ୍ରୁଭଞ୍ଜକ, ମୁକୁନ୍ଦ ରକ୍ଷା କରନ୍ତୁ ।)*

ବାସବମୁଖ୍ୟାମରଗଣବନ୍ଦ୍ୟଃ
ସେବକବୃନ୍ଦୈର୍ବିଭୁରଭିନନ୍ଦ୍ୟଃ ।
ଚନ୍ଦ୍ରବିବସ୍ୱଦ୍ୱଲୟିତଦୃଷ୍ଟୀ
ରକ୍ଷତୁ ନୀତାବନଲୟସୃଷ୍ଟିଃ ॥୫
*(ଇନ୍ଦ୍ରାଦିଦେବଗଣଙ୍କ ବନ୍ଦନୀୟ, ସେବକମାନଙ୍କଦ୍ୱାରା ଅଭିନନ୍ଦନୀୟ, ଚନ୍ଦ୍ର-ସୂର୍ଯ୍ୟ-ସମ-ବର୍ତ୍ତୁଳ-ନେତ୍ରଧାରୀ, ସୃଷ୍ଟି-ସ୍ଥିତି-ଲୟର ନିର୍ବାହକର୍ତ୍ତା, ମହାପ୍ରଭୁ ରକ୍ଷା କରନ୍ତୁ ।)*

ସୁନ୍ଦରରକ୍ତାଧରରମଣୀୟଃ
କାଞ୍ଚନପୀତାମ୍ବରକମନୀୟଃ ।
ଲମ୍ବିତହସ୍ତାଧୃତଦରଚକ୍ରଃ
କମ୍ବୁପୁରେଶୋଽବତୁ ହତନକ୍ରଃ ॥୬
*(ସୁନ୍ଦର-ଆରକ୍ତ-ଅଧରରେ ଶୋଭମାନ, ସୁବର୍ଣ୍ଣୋପମପୀତବସ୍ତ୍ରରେ କମନୀୟ, ପ୍ରସାରିତହସ୍ତରେ ଶଙ୍ଖ-ଚକ୍ରଧାରୀ, ଗଜରାଜଙ୍କ ଉଦ୍ଧାରକାଳରେ ନକ୍ରହନ୍ତା, କମ୍ବୁକଟକାଧିପତି ରକ୍ଷା କରନ୍ତୁ ।)*

ଭକ୍ତକଦମ୍ବସ୍ତବନଜଭାବ-
ପ୍ରୋଲ୍ଲସିତାତ୍ମା ପରିଭବଲାବଃ ।
କାହଳଘଣ୍ଟାରବରସିକେନ୍ଦ୍ରଃ
ପାତୁ ଭବାବ୍ଧେସ୍ତ୍ୱରିତମୁପେନ୍ଦ୍ରଃ ॥୭
*(ଭକ୍ତସମୂହର ସ୍ତବଗତ-ଭାବରେ ଉଲ୍ଲସିତ, କଷ୍ଟହାରକ, କାହାଳ-ଘଣ୍ଟାଦିର ଧ୍ୱନିଶ୍ରବଣରେ ରସିକ, ଉପେନ୍ଦ୍ର ଶୀଘ୍ର ଭବରୂପକ କୂପରୁ ରକ୍ଷା କରନ୍ତୁ ।)*

ଲୁବ୍ଧକବିଶ୍ୱାବସୁନୁତିହୃଷ୍ଟୋ
ବ୍ରାହ୍ମଣବିଦ୍ୟାପତିପରିତୁଷ୍ଟଃ ।
ସର୍ବଜଗନ୍ନାୟକ ଇହ ଜୁଷ୍ଟଃ
ଚାରଗଣୈଃ ପାତ୍ୱଭିହତଦୁଷ୍ଟଃ ॥୮
*(ଶବର-ବିଶ୍ୱାବସୁଙ୍କ ସ୍ତୁତିରେ ହୃଷ୍ଟ, ବ୍ରାହ୍ମଣ-ବିଦ୍ୟାପତିଙ୍କ ଦ୍ୱାରା ସନ୍ତୁଷ୍ଟ, ନିଜ ଅନୁଚରମାନଙ୍କ ଦ୍ୱାରା ଆମୋଦିତ, ଦୁଷ୍ଟମାନଙ୍କ ବିନାଶକ, ସକଳ ଜଗତର ନାୟକ ଭୂତଳେ ରକ୍ଷା କରନ୍ତୁ ।)*

କେଶବକୃଷ୍ଣାଭିଧକବିପଦ୍ୟଂ
ଯୋଽଷ୍ଟକମେତନ୍ମଧୁ ନିରବଦ୍ୟମ୍ ।
ସାଦରମଧ୍ୟେତି ସ ଭବମୁକ୍ତଃ
ସ୍ୟାଜ୍ଜଗଦୀଶେ ହ୍ୟନୁରତିଯୁକ୍ତଃ ॥ଫଳଶ୍ରୁତିଃ॥
*(କବି କୃଷ୍ଣକେଶବଙ୍କ ଏହି ମଧୁର ତଥା ଅନିନ୍ଦ୍ୟ ଅଷ୍ଟକ-ପଦ୍ୟକୁ ଯିଏ ସାଦର ପାଠ କରନ୍ତି; ସେ ସଂସାରକଷ୍ଟରୁ ମୁକ୍ତ ହେବା ସଙ୍ଗେ ସଙ୍ଗେ ଜଗଦୀଶ୍ୱର-ଶ୍ରୀଜଗନ୍ନାଥଙ୍କଠାରେ ଅନୁରାଗ (ପ୍ରେମଭକ୍ତି) ଲାଭ କରନ୍ତି ।)*

ମୋ-୯୪୩୭୫୬୭୩୨୪

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୬୯୩- ବିଶ୍ୱର ପ୍ରଥମ ମହିଳା ପତ୍ରିକା ‘ଲେଡିଜ୍ ମରକ୍ୟୁରି’ ଲଣ୍ଡନରେ ପ୍ରକାଶିତ ହେଲା।
- ୧୮୩୯- ମହାରାଜା ରଣଜିତ୍ ସିଂହଙ୍କ ବିୟୋଗ।
- ୧୯୧୪- ଆମେରିକା ଇଥୋପିଆ ସହିତ ବାଣିଜ୍ୟ ସନ୍ଧିରେ ସ୍ୱାକ୍ଷର କଲା।
- ୧୯୬୭- ଲଣ୍ଡନର ଏନ୍‌ଫିଲଡ୍‌ରେ ବିଶ୍ୱର ପ୍ରଥମ ଏଟିଏମ୍ ସ୍ଥାପିତ କରାଗଲା।
- ୨୦୦୮ - ମାଇକ୍ରୋସଫ୍ଟ କର୍ପୋରେସନ୍‌ର ଚେୟାରମ୍ୟାନ୍ ବିଲ୍ ଗେଟ୍‌ସ ନିଜ ପଦରୁ ଇସ୍ତଫା ଦେଲେ।

# ଯେତେ ଚକ, ସେତେ ଘଣ୍ଟୁଆ



ପହଣ୍ଡି ଏବଂ ରଥଟଣା ସମୟରେ ଘଣ୍ଟୁଆ ସେବକମାନେ ବିଶେଷ ଆକର୍ଷଣ ରହିଥା’ନ୍ତି। ଘଣ୍ଟର ତାଳେ ତାଳେ ଠାକୁରଙ୍କ ପହଣ୍ଡି ହେଉଥିବାବେଳେ ରଥ ବି ଆଗକୁ ଗଡ଼େ। ତେଣୁ ଘଣ୍ଟୁଆ ସେବକଙ୍କର ବି ବେଶ୍ ଗୁରୁତ୍ୱ ରହିଛି। ଚଳିତବର୍ଷ ବ୍ୟବସ୍ଥାବଳୀରେ ଘଣ୍ଟୁଆଙ୍କ ସେବା ସମ୍ପର୍କରେ ମଧ୍ୟ ସ୍ପଷ୍ଟ କରାଯାଇଛି। ଯେଉଁ ରଥରେ ଯେତେ ଚକ ସେହି ରଥରେ ସେତେ ଘଣ୍ଟୁଆ ରହିବେ ବୋଲି ଚୂଡ଼ାନ୍ତ ହୋଇଛି। ବ୍ୟବସ୍ଥାବଳୀ ଅନୁଯାୟୀ, ଛେରାପହଁରା ପୂର୍ବରୁ ଘଣ୍ଟୁଆମାନେ ରଥ ଉପରକୁ ଯିବେ ନାହିଁ। ଛେରାପହଁରା ସରିବା ପରେ ହିଁ ନିର୍ଦ୍ଧାରିତ ସଂଖ୍ୟକ ଘଣ୍ଟୁଆ ରଥ ଉପରକୁ ଚଢ଼ିବେ। ପ୍ରତି ରଥରେ ନିର୍ଦ୍ଧାରିତ ସଂଖ୍ୟକ ପୁରୀ ଓ ଭଟିମୁଣ୍ଡା ଘଣ୍ଟୁଆ ରହିବେ। ଅର୍ଥାତ୍ ଯେଉଁ ରଥରେ ଯେତେ ଚକ ସେତିକି ସଂଖ୍ୟକ ଘଣ୍ଟୁଆ ସେହି ରଥରେ ଚଢ଼ିବେ। ତାଳଧ୍ୱଜ ରଥରେ ମୋଟ୍ ୧୪ ଜଣ, ଦେବଦଳନ ରଥରେ ୧୨ ଜଣ ଏବଂ ନନ୍ଦିଘୋଷ ରଥରେ ୧୬ ଜଣ ଘଣ୍ଟୁଆ ରହିବେ। ଅଧିକ ସଂଖ୍ୟକ ଘଣ୍ଟୁଆଙ୍କୁ ଉପରେ ଥିବା ଶ୍ରୀମନ୍ଦିର କର୍ମଚାରୀ, ଦଇତାପତି ସେବକ ଓ ବାଡ଼ଗ୍ରାହୀ ତଳକୁ ଓହ୍ଲାଇ ଦେବେ। ରଥ ଉପରେ ଉପସ୍ଥିତ ଥିବା ନିର୍ଦ୍ଧାରିତ ସଂଖ୍ୟକ ସେବ ଓ କର୍ମଚାରୀ ଶ୍ରୀବିଗ୍ରହଙ୍କୁ ଅବରୋଧ ନ କରି ରଥ ଉପରେ ଦୁଇକଡ଼ରେ ରହିବେ। ରଥ ଚାଲିବା ସମୟରେ ଉଭୟ ଗୋଷ୍ଠୀ ସମତାଳରେ ଘଣ୍ଟ ବାଦନ କରିବେ। ଉଭୟ ଗୋଷ୍ଠୀର ଘଣ୍ଟୁଆ ନିଯୋଗ ସେମାନଙ୍କ ଘଣ୍ଟୁଆମାନଙ୍କ ରଥୱାରୀ ତାଲିକା ପ୍ରଦାନ କରିଥିବେ। ପ୍ରଶାସନର ଚୟନ ପରେ ସେମାନଙ୍କୁ ପାସ୍ ଦିଆଯିବାର ବ୍ୟବସ୍ଥା କରାଯାଇଥିବ ବୋଲି ବ୍ୟବସ୍ଥାବଳୀରେ ଉଲ୍ଲେଖ କରାଯାଇଛି।









## ଜାତୀୟ ବରିଷ୍ଠ ଜଳକ୍ରୀଡ଼ା ଉଦ୍‌ଯାପିତ

# ମନ୍ନତାଙ୍କୁ ରୌପ୍ୟ, ପ୍ରତ୍ୟାଶାଙ୍କୁ ଦ୍ୱିତୀୟ କାଂସ୍ୟ



ଦିବ୍ୟାଙ୍କା ପ୍ରଧାନ, ମନ୍ନତା ମିଶ୍ର, ସୃଷ୍ଟି ଉପାଧ୍ୟାୟ ଓ ପ୍ରତ୍ୟାଶା ରାୟ

ଭୁବନେଶ୍ୱର,୨୬।୬ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଶେଷ ହୋଇଥିବା ୭୮ତମ ଜାତୀୟ ବରିଷ୍ଠ ଜଳକ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ପଦକ ଜିତିବାର ଧାରା ବଜାୟ ରଖିଛନ୍ତି। ଗୁରୁବାର ଅନୁଷ୍ଠିତ ଇଭେଣ୍ଟରେ ଓଡ଼ିଶାକୁ ୨ଟି ପଦକ ମିଳିଛି। ତାହା ମଧ୍ୟରୁ ମନ୍ନତା ମିଶ୍ର ରୌପ୍ୟ ଓ ପ୍ରତ୍ୟାଶା ରାୟ କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ମନ୍ନତା ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ୧ମିନିଟ୍ ୧୫.୫୭ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ରେଳବାଇ ସ୍ପୋର୍ଟ୍ସ ପ୍ରମୋସନ ବୋର୍ଡର ହର୍ଷିତା ଜୟରାମ ୧ମିନିଟ୍ ୧୩.୨୪ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ରାଜ୍ୟର ଶୀର୍ଷ ସନ୍ତରଣକାରୀ ପ୍ରତ୍ୟାଶା ରାୟ କ୍ରମାଗତ ଦ୍ୱିତୀୟ ଦିନରେ କାଂସ୍ୟ ପଦକ ହାସଲ କରିଛନ୍ତି। ଗୁରୁବାର ଅନୁଷ୍ଠିତ ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରତ୍ୟାଶା ୧ ମିନିଟ୍ ୦୫.୬୪ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିବା ସହ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଗତକାଲି ବୁଧବାର ଅନୁଷ୍ଠିତ ମହିଳା ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସେ ୨ ମିନିଟ୍ ୨୪.୭୭ ସେକେଣ୍ଡ ସମୟ ନେଇ କାଂସ୍ୟ ପଦକ ଜିତିଥିଲେ। କର୍ଣ୍ଣାଟକର ସନ୍ତରଣକାରୀ ବିନୀତା ନାରାୟଣ ଉଭୟ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୂର୍ବରୁ ଓଡ଼ିଶାର ସୃଷ୍ଟି ଉପାଧ୍ୟାୟ ବ୍ୟକ୍ତିଗତ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଥିଲେ। ଓଡ଼ିଶାର ୪ ଗୁଣା ୧୦୦ ମିଟର ମେଡ୍‌ଲେ ଟିମ୍ ଗୋଟିଏ କାଂସ୍ୟ ପଦକ ବିଜୟୀ ହୋଇଥିଲା। ଏହା ଫଳରେ ଆଜି ଶେଷ ହୋଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ, ୩ଟି କାଂସ୍ୟ ସହ ୬ଟି ପଦକ ଜିତି ଅଭିଯାନ ଶେଷ କରିଛି। ପଦକ ତାଲିକାରେ ଓଡ଼ିଶା ୭ମ ସ୍ଥାନରେ ରହିଛି। ପଦକ ତାଲିକାରେ କର୍ଣ୍ଣାଟକ ପ୍ରଥମ, ତାମିଲନାଡୁ ଦ୍ୱିତୀୟ ଓ ମହାରାଷ୍ଟ୍ର ତୃତୀୟ ସ୍ଥାନ ଅଧିକାର କରିଛି। ଏହି ପ୍ରତିଯୋଗିତାରେ ୧୪ଟି ନୂଆ ରେକର୍ଡ ହୋଇଥିଲାବେଳେ କର୍ଣ୍ଣାଟକ ଓଭରଅଲ ଚାମ୍ପିଅନ ହୋଇଛି। ଏହି ରାଜ୍ୟ ଉଭୟ ମହିଳା ଓ ପୁରୁଷ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିପରି ବ୍ୟକ୍ତିଗତ ବିଭାଗରେ ମଧ୍ୟ କର୍ଣ୍ଣାଟକର ସନ୍ତରଣକାରୀ ଶ୍ରେଷ୍ଠ ପ୍ରତିଯୋଗୀ ବିବେଚିତ ହୋଇଛନ୍ତି। ମହିଳା ବିଭାଗରେ ଅଲିମ୍ପିଆନ ଧୀନିଧି ଦେସିଙ୍ଗୁ ଓ ପୁରୁଷ ବିଭାଗରେ ସୋହନ ଗାଙ୍ଗୁଲି ଶ୍ରେଷ୍ଠ ସନ୍ତରଣକାରୀ ବିବେଚିତ ହୋଇଛନ୍ତି।

## ଓଡ଼ିଆ କୋଚ୍ ଓ ଭାରତକୁ ୩ ସ୍ୱର୍ଣ୍ଣ



ଭୁବନେଶ୍ୱର,୨୬।୬(ସମିସ): ମାଲେସିଆର କୁଚିଂଠାରେ ଚାଲିଥିବା ଏସିଆନ୍ ଯୁଗଳ ସ୍କ୍ୱାଶ୍ ପ୍ରତିଯୋଗିତାରେ ଭାରତ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଛି। ଭାରତୀୟ ଖେଳାଳିମାନେ ପୁରୁଷ, ମହିଳା ଓ ମିଶ୍ରିତ ଯୁଗଳରେ ଚାମ୍ପିଅନ ହୋଇ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛି। ଭାରତର ଏହି ଦଳର କୋଚ୍ ହେଲେ ଓଡ଼ିଆ ପୁଅ ଗୌତମ ଦାସ। କେନ୍ଦ୍ରପଡା ଜିଲ୍ଲାର ମୂଳ ନିବାସୀ ଗୌତମ ୧୫ ବର୍ଷ ହେବ ଭାରତୀୟ ଦଳ ସହ ଜଡିତ ରହିଛନ୍ତି। ସେ ନିଜେ ଜଣେ ଭଲ ସ୍କ୍ୱାସ ଖେଳାଳି ଥିଲେ।

## ● ମାଷ୍ଟର୍ସ କପ୍ ହକି
## ଫାଇନାଲରେ ଓଡ଼ିଶା ମହିଳା

ଭୁବନେଶ୍ୱର, ୨୬।୬ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ଚେନ୍ନଇରେ ଚାଲିଥିବା ପ୍ରଥମ ମାଷ୍ଟର୍ସ କପ୍ ହକିର ମହିଳା ବିଭାଗରେ ଓଡ଼ିଶା ଦଳ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଓଡ଼ିଶା ଭେଟେରାନ ମହିଳା ହକି ଦଳ ୪-୧ ଗୋଲ୍‌ରେ ତାମିଲନାଡୁକୁ ପରାସ୍ତ କରିଥିଲା। ଅଧିନାୟିକା ଲୁସେଲା ଏକ୍କା ୨ଟି ଗୋଲ୍ ଦେଇଥିଲେ। ଶୁକ୍ରବାର ଫାଇନାଲରେ ଓଡ଼ିଶାର ମୁକାବିଲା ପଞ୍ଜାବ ସହ ହେବ। ଅନ୍ୟ ଏକ ସେମିରେ ପଞ୍ଜାବ ୩-୨ ଗୋଲ୍‌ରେ ହରିୟାଣାକୁ ହରାଇଥିଲା। ଅପରପକ୍ଷରେ ସେମିଫାଇନାଲରେ ପରାସ୍ତ ହୋଇଥିବା ଓଡ଼ିଶା ପୁରୁଷ ଦଳ ଶୁକ୍ରବାର କାଂସ୍ୟ ପଦକ ଲଢ଼େଇରେ ଚଣ୍ଡିଗଡ଼କୁ ଭେଟିବ।

## ୨୦୨୫-୨୬ରେ ଭାରତର ଅଷ୍ଟ୍ରେଲିଆ ଗସ୍ତ

# ସିଡ୍‌ନୀ ଦିନିକିଆ, କାନ୍‌ବେରା ଟି-୨୦ ଟିକଟ ବିକ୍ରି ଶେଷ

ମେଲବୋର୍ଣ୍ଣ,୨୬।୬ (ଏଜେନ୍ସି): ଅଷ୍ଟ୍ରେଲିଆରେ ଭାରତୀୟ କ୍ରିକେଟ ଦଳର ଲୋକପ୍ରିୟତା କେତେ ତାହାର ଆଗୁଆ ଟିକଟ ବିକ୍ରିରୁ ଆଉଥରେ ପ୍ରମାଣିତ ହୋଇଛି। ଭାରତର ସୀମିତ ଓଭର ଟୁର୍ ଆରମ୍ଭ ହେବାକୁ ଆଉ ୪ ମାସ ବାକି ରହିଛି। କିନ୍ତୁ ଏବେଠାରୁ ସିଡ୍‌ନୀରେ ଖେଳାଯିବାକୁ ଥିବା ଦିନିକିଆ ଓ କାନବେରାରେ ଖେଳାଯିବାକୁ ଥିବା ଭାରତ-ଅଷ୍ଟ୍ରେଲିଆ ଟି-୨୦ ମ୍ୟାଚ୍‌ର ସମ୍ପୂର୍ଣ୍ଣ ଟିକଟ ବିକ୍ରି ହୋଇଯାଇଛି। ଏହି ଟୁର୍‌ରେ ଭାରତ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ୍ ଖେଳିବ। ପର୍ଥରେ ଅକ୍ଟୋବର ୧୯ରୁ ପ୍ରଥମ ଦିନିକିଆ ସହ ଏହି ସିରିଜ୍ ଆରମ୍ଭ ହୋଇ ବ୍ରିସ୍‌ବେନ୍‌ରେ ନଭେମ୍ବର ୮ରେ ଖେଳାଯିବାକୁ ଥିବା ୫ମ ତଥା ଶେଷ ଟି-୨୦ରେ ଟୁର୍ ଶେଷ ହେବ। ଏହି ଦୁଇଟି ମ୍ୟାଚ୍ ବ୍ୟତୀତ ପ୍ରାୟ ୯୦,୦୦୦ ଟିକଟ ବିକ୍ରି ଶେଷ ହୋଇଯାଇଛି। କ୍ରିକେଟ ଅଷ୍ଟ୍ରେଲିଆର ସୂଚନା ଅନୁଯାୟୀ ଏହି ଟିକଟର ୧୬ ଭାଗ ଭାରତୀୟ ଫ୍ୟାନ୍ କ୍ଲବ୍‌ଗୁଡିକ କିଣି ନେଇଛନ୍ତି। ଏମାନଙ୍କ ମଧ୍ୟରୁ ଭାରତ ଆର୍ମି ୨,୪୦୦, ଫ୍ୟାନ୍ସ ଇଣ୍ଡିଆ କ୍ଲବ୍ ୧,୪୦୦, ବ୍ରିସି ବଣିଆ ସଂଘର ଅମିତ ଗୋୟଲ ଗାବ୍ବା ଟି-୨୦ ଲାଗି ଏକାକୀ ୮୮୦ ଟିକଟ କିଣିଛନ୍ତି। ଏହି ସଂଘ ଅଗରୱାଲ ସମ୍ପ୍ରଦାୟରେ ସବୁଠାରୁ ବଡ଼ ସଂଗଠନ।




## ■ ଏଜ୍‌ବାଷ୍ଟନରେ ଦ୍ୱିତୀୟ ଟେଷ୍ଟ ୨ରୁ
# ୪ ବର୍ଷ ପରେ ଇଂଲଣ୍ଡ ଦଳରେ ଆର୍ଚର

ଏଜ୍‌ବାଷ୍ଟନ,୨୬।୬ (ଏଜେନ୍ସି): ଭାରତ ସହ ଚାଲିଥିବା ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ଟେଷ୍ଟ ଏଜ୍‌ବାଷ୍ଟନରେ ଜୁଲାଇ ୨ରେ ଖେଳାଯିବ। ଏହି ଟେଷ୍ଟ ଲାଗି ଇଂଲଣ୍ଡ ଦଳରେ ଫାଷ୍ଟ ବୋଲର ଜୋଫ୍ରା ଆର୍ଚରଙ୍କୁ ସାମିଲ କରାଯାଇଛି। ଦୀର୍ଘ ୪ ବର୍ଷ ପରେ ସେ ଇଂଲଣ୍ଡ ଜାତୀୟ ଦଳକୁ ଫେରିଛନ୍ତି। ସେହିପରି ୪ ବର୍ଷ ପରେ ମଧ୍ୟ ସେ କାଉଣ୍ଟି କ୍ରିକେଟ ଖେଳିଥିଲେ। ହେଡିଂଲେରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଇଂଲଣ୍ଡ ୫ ୱିକେଟରେ ଜିତିଥିଲା। ଏହା ମଧ୍ୟରେ ଭାରତୀୟ ଦଳରେ ଅଧିକ ଖେଳାଳି ରହିଥିବା ହର୍ଷିତ ରାଣାଙ୍କୁ ସ୍ୱଦେଶ ପଠାଇ ଦିଆଯାଇଛି।



ଘୋଷିତ ଦଳ: ଜ୍ୟାକ୍ କ୍ରାଲୀ, ବେନ୍ ଡକେଟ୍, ଓଲି ପୋପ୍, ଜୋ ରୁଟ୍, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), ଜ୍ୟାକବ ବେଥେଲ, ସାମ କୁକ୍, ଜେମି ଓଭରଟନ, କ୍ରିସ୍ ଓକ୍ସ, ବ୍ରାଇଡନ କାର୍ସ, ଜୋଫ୍ରା ଆର୍ଚର, ଜୋଶ ଟଙ୍ଗ୍ ଓ ସୋଏବ ବସିର।

## ଢେଙ୍କାନାଳରେ ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍

ଭୁବନେଶ୍ୱର,୨୬।୬ (ସମିସ): ଅଲ୍ ଓଡ଼ିଶା ଓ ଢେଙ୍କାନାଳ ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଢେଙ୍କାନାଳ ଟାଉନ୍ ହଲ୍‌ଠାରେ ଜୁଲାଇ ୧୦ରୁ ୧୩ ତାରିଖଯାଏ ଅନୁଷ୍ଠିତ ହେବ। ଉଭୟ ଓପନ ଓ ବାଳିକା ବର୍ଗରେ ୮ ରାଉଣ୍ଡ ଲେଖାଏଁ ମ୍ୟାଚ୍ ଖେଳାଯିବାକୁ ଥିଲାବେଳେ ଶ୍ରେଷ୍ଠ ୨ଜଣ ଖେଳାଳି ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିବେ। ପ୍ରଥମ ୧୦ଟି ସ୍ଥାନ ଅଧିକାର କରିଥିବା ଖେଳାଳିମାନଙ୍କୁ ମୋଟ ୨୦,୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ। ଏଥିରେ ଭାଗନେବାକୁ ଆଗ୍ରହୀ ଖେଳାଳିମାନେ ସନ୍ତୋଷ କୁମାର ମହାପାତ୍ର (ଫୋନ୍ ନଂ-୬୩୭୧୭-୨୨୯୩୯)ଙ୍କ ଜୁଲାଇ ୯ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ଯୋଗାଯୋଗ କରିପାରିବେ ବୋଲି ଆୟୋଜକ ସଂଘର ସମ୍ପାଦକ ଦେବବ୍ରତ ଭଞ୍ଜ ଜଣାଇଛନ୍ତି।


## ଗୋଟିଏ ଦିନରେ ୧୪ ୱିକେଟ ପତନ

ଅଷ୍ଟ୍ରେଲିଆ-ଇଣ୍ଡିଜ୍ ପ୍ରଥମ ଟେଷ୍ଟ

ବ୍ରିଜ୍‌ଟାଉନ୍,୨୬।୬ (ଏଜେନ୍ସି): ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଏଠାରେ ଗତକାଲି ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ୧୪ଟି ୱିକେଟ ପତନ ଘଟିଛି। ଏହା ମଧ୍ୟରେ ଅଷ୍ଟ୍ରେଲିଆ ୧୮୦ ରନ୍‌ରେ ସମସ୍ତ ୧୦ଟି ଯାକ ଓ ଖେଳ ଶେଷବେଳକୁ ୱେଷ୍ଟଇଣ୍ଡିଜ୍ ୫୭ ରନ୍‌ରେ ୪ଟି ୱିକେଟ ହରାଇଥିଲା। ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନ ଶେଷ ଖବର ସୁଦ୍ଧା ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ ୫ ୱିକେଟ ହରାଇ ୧୧୬ ରନ୍ କରିଛି। ଦଳ ପକ୍ଷରୁ ରୋଷ୍ଟୋନ ଚେଜ୍ ୩୬ ଓ ଶାଇହୋପ୍ ୨୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ଓ ଜୋଶ୍ ହାଜ୍‌ଲେଉଡ୍‌ଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଛି।

## ନିଶାଙ୍କାଙ୍କ ଅପରାଜିତ ଶତକ
# ବାଂଲା ୨୪୭; ଶ୍ରୀଲଙ୍କା ୨୯୦/୨

କଲମ୍ବୋ,୨୬।୬ (ଏଜେନ୍ସି): ଓପନର ପାଥୁମ ନିଶାଙ୍କାଙ୍କ ଅପରାଜିତ ୧୪୬ ରନ୍ ବଳରେ ଏଠାରେ ଚାଲିଥିବା ବାଂଲାଦେଶ ସହ ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ଶ୍ରୀଲଙ୍କା ଦ୍ୱିତୀୟ ଇନିଂସରେ ୨ ୱିକେଟ ହରାଇ ୨୯୦ ରନ୍ କରିଛି। ଦିନେଶ ଚାଣ୍ଡିମାଲ ୯୩ ଓ ଯୁବ ଓପନର ଲାହିରୁ ଉଦାରା ୪୦ ରନ୍ କରିଥିଲେ। ପୂର୍ବରୁ ଗୁରୁବାର ସକାଳେ ବାଂଲାଦେଶ ୨୪୭ ରନ୍‌ରେ ଅଲଆଉଟ ହୋଇଥିଲା। ଏହି ଇନିଂସରେ ଶ୍ରୀଲଙ୍କା ପକ୍ଷରୁ ଅସିଥ ଫର୍ଣ୍ଣାଣ୍ଡୋ ଓ ଡେବ୍ୟୁଟାଣ୍ଟ ସୋନାଲ ଦିନୁଶା ୩ଟି ଲେଖାଏଁ, ବିଶ୍ୱ ଫର୍ଣ୍ଣାଣ୍ଡୋ ୨ଟି ୱିକେଟ ପାଇଛନ୍ତି।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS